

# ପ୍ରହରୀ

ଶ୍ରୀମତୀ ମୀନାକ୍ଷୀ ଗୋସ୍ୱାମୀ

ପରିବେଷକ :—
ଡିଟେକ୍‌ଟିଭ ହାଉସ୍
ତିନକୋଣିଆ ବଗିଚା, କଟକ—୧

ମନୁଷ୍ୟର ଭାଗ୍ୟ କେତେବେଳେ କଣ, ମନୁଷ୍ୟ
ାହିଁକି—ଦେବତାମାନେ ମଧ୍ୟ ଜାଣି ପାରନ୍ତି ନାହିଁ ଏହାହିଁ
ହେଉଛି କିମ୍ବଦନ୍ତୀ...

କଥାଟି ମଧ୍ୟ ଠିକ୍—ଅତନୁ ତାର ପ୍ରମାଣ ।

ଆମର ଅତନୁ, ମାନେ—ଆମର ଏହି ଗଳ୍ପର ନାୟକ
ଅତନୁର କଥା କହୁଛି ।

ଯୁଦ୍ଧର ଗୋଳମାଳ ଚାଲିଛି ସେତେବେଳେ । ଚାରିଆଡ଼େ
ାତଙ୍କର ଘନ ଛାୟା ।

ବ୍ଲାକ୍ ଆଉଟ୍ ।

ନିଶୀଥ-ମହାନଗରୀ କି ଏକ ଅଭିନବ ଓ ଭୌତିକ ରୂପ
ାରଣ କରିଛି ।

ଅବଗୁଣ୍ଠିତ ବୈଦ୍ୟୁତିକ ଆଲୋକ ସ୍ତମ୍ଭ ଉପରେ ଝୁଲୁଥିବା
ଷ୍ଟଗୁଡ଼ିକର ଆଲୋକ ସ୍ୱଚ୍ଛଭାବେ ପ୍ରତିଫଳିତ ହେଉନାହିଁ ଧରଣୀ-
କାଳରେ । ଏକଚକ୍ଷୁ କାକ ପରି ଠିଆ ହୋଇଛନ୍ତି ଭଗ୍ନାଖଣ୍ଡ-
ଗୁଡ଼ିକ । ଜନଶୂନ୍ୟ ରାଜପଥ ।

କୌଣସି ଏକ ଆତ୍ମୀୟ ଘରୁ ନିମନ୍ତ୍ରଣ ରକ୍ଷା କରି ଅତନୁ
ାଉନ୍-ବସ୍‌କୁ ଅପେକ୍ଷା କରି ଛିଡ଼ା ହୋଇଥିଲା ବସ୍-ଷ୍ଟାଣ୍ଡ
ଖରେ । ରାତି ଅଧିକ ହୋଇଛି, ରାଜପଥ ନିର୍ଜ୍ଜନ—ତଥାପି ଅତନୁ
ାଶା କରେ ଟାଉନ୍-ବସ୍ ଚଳାଚଳ ବନ୍ଦ ହୋଇନାହିଁ ବୋଧ-
ଏ ।

ବହୁଦିନ ପରେ ଅତନୁ ଆସିଛି ଏଠାକୁ । ସହର ପରିଦର୍ଶନ କରି ବିସ୍ମିତ ମଧ୍ୟ ହୋଇଛି ଯଥେଷ୍ଟ—କେତେ ପରିବର୍ତ୍ତନ ଘଟିଛି ଏହା ଭିତରେ, କେତେକ ସ୍ଥାନ ମଧ୍ୟ ଭଲଭାବେ ମନେପଡ଼େ ନା ଅତନୁର ।

କାଠ ବ୍ୟବସାୟରେ ଯଥେଷ୍ଟ ଉପାର୍ଜନ କରେ ସେ । ବର୍ଷ ଭିତରେ କେତେ ଥର ତାକୁ ବିଭିନ୍ନ ପ୍ରଦେଶରେ ଗୋଡ଼ ପକାଇବାକୁ ହୁଏ । କ୍ୱଚିତ୍ ରହେ ସେ ନିଜର ପୈତୃକ ବାସସ୍ଥଳୀ ବିଶ୍ୱନଗରରେ । ଆତ୍ମୀୟଙ୍କର ବିଶେଷ ଅନୁରୋଧରେ, ବିଶେଷତଃ ବ୍ୟବସାୟ ସଂକ୍ରାନ୍ତ ନେଇ ସେ ଆସିଛି ମହାନଗରୀକୁ—ହୋଟେଲ-ଡି-ରେନ୍‌ବୋ'ର ସ୍ୱତ୍ୱାଧିକାରୀଙ୍କ ସହିତ ଘନିଷ୍ଠ ପରିଚୟ ଥିବା ହେତୁ ସେ ଆସି ଉଠିଛି ଏହିଠାରେ ।

ଟାଉନ୍-ବସ୍‌କୁ ଆଉ ଅପେକ୍ଷା ନ କରି ବସ୍-ଷ୍ଟାଣ୍ଡର ପାଖ ଦେଇ ଯେଉଁ ପଡ଼ିଆଟି ଯାଇଛି, ଦୂରତ୍ୱ କିଛି କମିଯାଇପାରେ ଏହି ଆଶାରେ ସେ ପଡ଼ିଆ ଭିତର ଦେଇ ଚାଲିବାକୁ ଲାଗିଲା । ନିଷ୍ପ୍ରଦୀପ ଓ ରାତିର ଗଭୀରତା ହେତୁ ଆଶଙ୍କା ଯେ ମନେ ମନେ ଉଦୟ ହେଉ ନ ଥାଏ ଏପରି ନୁହେଁ—କେଉଁଠାରେ ଆଲୋକର ଚିହ୍ନ ନାହିଁ, ବେଳେ ବେଳେ ସେଥିପାଇଁ ଭୟ ଜାତ ହେଉଥାଏ ମନରେ ।

କିଛିଦୂର ଆଗେଇ ଆସିବା ପରେ ଜମାଟ ଅନ୍ଧକାର ଓ ପ୍ରଗାଢ଼ ନିସ୍ତବ୍ଧତା ଭେଦ କରି ଗୋଟାଏ ବିକୃତ ଚିତ୍କାର-ଧ୍ୱନି ସେ ଶୁଣି ପାରିଲା—ତୀକ୍ଷ୍ଣ ତୀବ୍ର ଆର୍ତ୍ତସ୍ୱର । ଅତନୁ ଚମକି ପଡ଼ିଲା—ଉଭୟ କର୍ଣ୍ଣ-ପଟାହରେ ପ୍ରତିଧ୍ୱନିତ ହେଲା ସେହି ଚିତ୍କାରର ଧ୍ୱନି—କେଡ଼େ ଅସ୍ୱାଭାବିକ କରୁଣ କାକୁତି—ମିନତି ମାତ୍ର··ତାପରେ ସେହି ଚିତ୍କାର ଧ୍ୱନି ହଠାତ୍ ନୀରବ

ହୋଇଗଲା । କେହି ଯେପରି ଗଳାକୁ ଚିପି ଧରି କଣ୍ଠସ୍ୱର ରୁଦ୍ଧ କରି ଦେଲା ।

ଧ୍ୱନି ଲକ୍ଷ୍ୟ କରି ଅତନୁ କ୍ରମେ ଆଗେଇଲା । ଅସହାୟ ମନୁଷ୍ୟର ଚିତ୍କାର । ସାହାଯ୍ୟ ସେ ନିଶ୍ଚୟ ପ୍ରାର୍ଥନା କରୁଛି । ସାହସୀ ଅତନୁ ମୁହୂର୍ତ୍ତକ ଭିତରେ ନିଜର କର୍ତ୍ତବ୍ୟ ସ୍ଥିର କରିନେଲା ।

ଦେଖି ପାରିଲା ସେ ଯେଉଁଠାରେ ଛିଡ଼ା ହୋଇଛି ପ୍ରାୟ କୋଡ଼ିଏ ହାତ ଦୂରରେ ଖଣ୍ଡିଏ ପ୍ରକାଣ୍ଡ ଅଟ୍ଟାଳିକା ସେହି ଘନାନ୍ଧକାର ଭିତରେ ପ୍ରେତ ପରି ଛିଡ଼ା ହୋଇଛି । ଅତନୁ ପରିଷ୍କାର ଭାବେ ବୁଝିପାରିଲା ଏହି ଘରଟି ଭିତରୁ ନିପୀଡ଼ିତ ମନୁଷ୍ୟର ଅସହାୟ ଆର୍ତ୍ତ-କାକୁତି ଆସିଛି । ସବୁଠାରୁ ଆଶ୍ଚର୍ଯ୍ୟ ଯେ ଏତେ ବଡ଼ ଅଟ୍ଟାଳିକାର କେଉଁଠାରେ ହେଲେ ଆଲୋକର ଚିହ୍ନ ବର୍ତ୍ତି ନାହିଁ । ସଦର ରାସ୍ତା କେଉଁଠି କିଏ ଜାଣେ !

ପ୍ରାୟ ନିକଟସ୍ଥ ହେବା ସଙ୍ଗେ ସଙ୍ଗେ ଅତନୁ ଅନ୍ଧକାର ଭିତରେ ମନୁଷ୍ୟର ପଦ ଶବ୍ଦ ଶୁଣି ପାରିଲା । କେହି ଯେପରି ଘର ଭିତରୁ ଊର୍ଦ୍ଧ୍ୱ-ଶ୍ୱାସରେ ଦଉଡ଼ି ଦଉଡ଼ି ବାହାରକୁ ଆସୁଛି । ଭୟବିହ୍ୱଳିତ ହେଲା ଅତନୁ । ଯେଉଁ ଘରଟି ଭିତରୁ ଭୟାର୍ତ୍ତ ଚିତ୍କାର ଶୁଣାଯାଉଥିଲା ଉକ୍ତ ଘରଟି ଭିତରୁ ବାହାରିଆସୁଛି ଏହି ଲୋକଟି; ଯେତେ ଦୂର ସମ୍ଭବ ଏହି ଲୋକଟା ଡକାୟତି କରିବା ଉଦ୍ଦେଶ୍ୟରେ ଘର ଭିତରେ ପଶିଥିଲା ଓ କାର୍ଯ୍ୟ ଶେଷ କରି ନିର୍ବିଘ୍ନରେ ପଳାଇ ଯିବାକୁ ବସିଛି । ନା, ଲୋକଟାକୁ ପଳାୟନର ସୁଯୋଗ ଦେବା ଆଦୌ ଉଚିତ ନୁହେଁ । ଅତନୁର ମାଂସପେଶୀ-ଗୁଡ଼ିକ କଠିନ ଆକାର ଧାରଣ କଲା । ଲୋକଟାକୁ ବାଧା ଦେବା ଉଦ୍ଦେଶ୍ୟରେ ସେ ଟିକିଏ ବାଁ-ପାଖକୁ ଘୁଞ୍ଚି ଆସିଲା ।

ଅଳ୍ପ-ଦୂରରେ ସେ ଦେଖି ପାରିଲା ଛୋଟ ଗୋଟିଏ ଆଲୋକର ଚିହ୍ନ ଅର୍ଥାତ୍ ଲୋକଟି ସିଗାରେଟ୍ ଧରିଛି ଓ ସେହି ସିଗାରେଟ୍‌ର ଆଲୋକ ଗୋଟିଏ କ୍ଷୁଦ୍ର ବିନ୍ଦୁ ଆକାରରେ ଦେଖାଯାଉଛି ବାହାରକୁ । ଅନ୍ଧକାର ଯୋଗୁଁ ଚେହେରା ସ୍ପଷ୍ଟ ଭାବେ ଦେଖାଯାଉ ନାହିଁ, କେବଳ ଅଗ୍ନିସ୍ଫୁଲିଙ୍ଗଟି କ୍ରମାଗତ ତାରି ଆଡ଼କୁ ଆଗେଇ ଆସୁଛି ।

ଜ୍ୱଳନ୍ତ ସିଗାରେଟ୍‌ଧାରୀ ବ୍ୟକ୍ତି କିନ୍ତୁ ଅତନୁକୁ ଦେଖି ପାରି ନାହିଁ । ନିକଟସ୍ଥ ହେବାମାତ୍ରେ ଯଥାଶକ୍ତି ପ୍ରୟୋଗ କରି ଅତନୁ ତାକୁ ସଜୋରରେ ଜାପୋଟି ଧରିଲା । ଲୋକଟା ଏଥର ଦେଖିପାରି ସିଗାରେଟଟିକୁ ଦାନ୍ତରେ ଚିପି ଧରି କର୍କଶକଣ୍ଠରେ କହିଲା—କିଏ ତୁମେ, ବାଟ ଛାଡ଼ ଦିଅ ।

କହୁ କହୁ ଲୋକଟା ମୁଷ୍ଟ୍ୟାଘାତ କରିବାକୁ ଉଦ୍ୟତ ହେଲା । ଅତନୁ ବୁଝିପାରିଲା ପ୍ରତିଦ୍ୱନ୍ଦିତା ଲାଗି ଆହ୍ୱାନ କରା ହେଉଛି । ପୂର୍ବରୁ ଏହା ମଧ୍ୟ ସେ ଆଶଙ୍କା କରିଥିଲା ଓ ସେଥିପାଇଁ ଯଥେଷ୍ଟ ସାବଧାନ ଥିଲା ସେ । ଡାହାଣ ହାତ ମୁଷ୍ଟିବଦ୍ଧ କରି ଜ୍ୱଳନ୍ତ ସିଗାରେଟକୁ ଲକ୍ଷ୍ୟ କରି ପ୍ରଚଣ୍ଡ ଆଘାତ କଲା ସେ ଆଗନ୍ତୁକର ମୁହଁରେ ।

ଅବ୍ୟର୍ଥ ଲକ୍ଷ୍ୟ । ଲୋକଟି ଅସ୍ଫୁଟ କାତରୋକ୍ତି କରି ଧରାଶାୟୀ ହେଲା—କିନ୍ତୁ ତାହା ମୁହୂର୍ତ୍ତକ ପାଇଁ । ପର ମୁହୂର୍ତ୍ତରେ ସେ ଉଠି ଠିଆହେଲା । ନିସ୍ତବ୍ଧ ଅନ୍ଧକାର ଭିତରେ ଅତନୁ କେବଳ ଦେଖିପାରିଲା ପାହାଡ଼ ପରି ଉଚ୍ଚ ଗୋଟିଏ ମନୁଷ୍ୟ ମୂର୍ତ୍ତି ଛାତି ଫୁଲାଇ ଠିଆ ହୋଇଛି ତାର ସମ୍ମୁଖରେ·······ଅକସ୍ମାତଭାବେ ଲୌହସ୍ତମ୍ଭ ପରି ଗୋଟିଏ ଗୋଡ଼ର ପ୍ରଚଣ୍ଡ ପ୍ରହାର ଆଘାତକଲା ଆସି ତାର ଉରୁକୁ··ଅତର୍କିତଭାବେ ଆଘାତପ୍ରାପ୍ତ ହୋଇ ଅତନୁ

ନିଜକୁ ସମ୍ଭାଳି ନ ପାରି ଗୋଟିଏ ଗଛ ଦେହରେ ଧକ୍କା ବାଜି ସଶବ୍ଦରେ ପଡ଼ିଗଲି ତଳେ ।

କୌଣସି ପ୍ରକାରେ ଉଠି ଠିଆହେଲା ଅତନୁ, କିନ୍ତୁ ସେତେବେଳକୁ ତାର ଆତତାୟୀ ଅଦ୍ଭୁତ କ୍ଷିପ୍ରତା ସହକାରେ ବହୁଦୂର ଆଗେଇ ଆସିଛି । ଆଘାତପ୍ରାପ୍ତ ଗୋଡ଼ରେ ଘୋଷାରି ଘୋଷାରି ତାକୁ ଅନୁସରଣ କରିବା କିଛି ସହଜ କଥା ନୁହେଁ ।

କାଳବିଳମ୍ବ ନ କରି ସେ ଅଟ୍ଟାଳିକା ଭିତରେ ପ୍ରବେଶ କଲା । ପୂର୍ବୋକ୍ତ ବିକଟ ଚିତ୍କାରର ଶବ୍ଦରେ ଆଖପାଖ ଲୋକଙ୍କର ନିଦ୍ରା ମଧ୍ୟ ଭାଙ୍ଗି ଯାଇଥିଲା । ଅଳ୍ପ ଦୂରରେ ଥିବା ଆଉ ଖଣ୍ଡିଏ ଘରର ଝରକା ଖୋଲି କିଏ ଜଣେ ବାହାରକୁ ମୁହଁ ଗଳାଇ କହିବାର ଶୁଣାଗଲା—ପୁଲିସ······ଟେଲିଫୋନ ।

ଅର୍ଗଳବଦ୍ଧ ଦ୍ୱାର ଉପରେ ଦୁଇ ତିନି ଥର କରାଘାତ କରିବା ପରେ ଦୁଆର ଖୋଲି ଗୋଟିଏ ଶୀର୍ଣ୍ଣକାୟ ରମଣୀ ମୂର୍ତ୍ତି ଅତନୁ ଆଡ଼େ କୋଟରଗତ ବିହ୍ୱଳ ଚକ୍ଷୁର ଦୃଷ୍ଟି ମେଲାଇ ଦୁର୍ବୋଧ୍ୟ ଭାଷାରେ କଣ ଯେ କହିଲା ତାହା ଆଦୌ ବୁଝାଗଲା ନାହିଁ । ବୋଧହୁଏ ରମଣୀଟିର ଜିହ୍ୱା ପକ୍ଷାଘାତଗ୍ରସ୍ତ ।

ଅତନୁ ଘର ଭିତରେ ପ୍ରବେଶ କଲା । ପଛେ ପଛେ ସେହି ନାରୀଟି ମଧ୍ୟ ସେହିପରି ଅବୋଧ ଭାଷାରେ କହୁ କହୁ ଉପରକୁ ଉଠିବାକୁ ଲାଗିଲା । ଭିତରକୁ ଆସି ଅତନୁ ସ୍ତମ୍ଭିତ ବକ୍ଷରେ ଚାରିଆଡ଼େ ଦୃଷ୍ଟି ସଞ୍ଚାଳନ କରିବାକୁ ଲାଗିଲା । ଆଲୋକର ଅପ୍ରାଚୁର୍ଯ୍ୟତା ହେତୁ ପ୍ରତ୍ୟେକ ପଦାର୍ଥ ଭଲଭାବେ ଜଣାଯାଉ ନ ଥିଲା, ତଥାପି ଅତନୁ ବୁଝିପାରିଲା—ଗୃହସ୍ୱାମୀ ଯଥେଷ୍ଟ ଧନୀ । ତଳେ ବିଛା ହୋଇଥାଏ ମୂଲ୍ୟବାନ କାର୍ପେଟ, କାନ୍ଥଗୁଡ଼ିକ

ଉସଟେଷ୍ଟମର କରା ହୋଇଥାଏ, ଘର ଭିତରେ ପଡ଼ିଥିବା ଚେୟାର ଟେବୁଲ ଇତ୍ୟାଦିର ସଂଖ୍ୟା କିଛି କମ୍ ନୁହେଁ ।

ଅନନ୍ତ ମୁହୂର୍ତ୍ତେ ଠିଆ ହୋଇ ଭାବିଲା । ଏଥର ତାର ଠିକ୍ ମନେ ପଡ଼ୁଛି, ଦକ୍ଷିଣ ପାଖରୁ ଚିତ୍କାରଟି ସେ ଶୁଣି ପାରିଥିଲା । ଅନନ୍ତ ଚାଲିଲା ଦକ୍ଷିଣ ଆଡ଼େ । ସମ୍ମୁଖରେ ଆଉ ଗୋଟିଏ ଘର । ସେହି ଘରଟି ଭିତରେ ଚୋଖ ଦେବା ମାତ୍ରେ ଚମକି ପଡ଼ିଲା ସେ । ଆଉ ଚିତ୍କାରର ପ୍ରମାଣ ବିଦ୍ୟମାନ ଘରଟି ଭିତରେ । ଅସ୍ଫୁଟ ଗୋଟାଏ ଶବ୍ଦ କରି ଦୁଇ ପାଦ ପଛକୁ ଫେରିଆସିଲା ଅନନ୍ତ । ଘରର ପ୍ରତ୍ୟେକ ପଦାର୍ଥ ଇତଃସ୍ତତଃ ବିକ୍ଷିପ୍ତ ......ଯେପରି କି କୌଣସି ଉନ୍ମତ୍ତ ଦୈତ୍ୟର ଜ୍ଞାନଶୂନ୍ୟ ଆକ୍ରମଣ ହେତୁ ଘରର ଯାବତୀୟ ପଦାର୍ଥ ଚୂର୍ଣ୍ଣୀଭୂତ ହୋଇଅଛି ଓ ସେହି ଧ୍ୱଂସସ୍ତୂପର ମଧ୍ୟସ୍ଥଳରେ ତଳେ ପଡ଼ିଛି ଗୋଟିଏ ମନୁଷ୍ୟର ନିସ୍ପନ୍ଦ ଦେହ ..... ଚାରିଆଡ଼େ ରକ୍ତର ସ୍ରୋତ — ତଳେ, କାନ୍ଥରେ ଓ କାର୍ପେଟ ଦେହରେ ଭରି ରହିଛି ମନୁଷ୍ୟର ତାଜା ରକ୍ତ । ଭୂପତିତ ଲୋକଟିକୁ ଚିହ୍ନିବାର ଉପାୟ ନାହିଁ । କମ୍ପିତ ହୃଦୟରେ ଅନନ୍ତ ଦେଖିଲା, ଲୋକଟିର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ କିଏ ଯେପରି ଖଣ୍ଡ ଖଣ୍ଡ କରି ତାକୁ ହତ୍ୟା କରିଛି ।

କେତେଟା ମୁହୂର୍ତ୍ତ ସ୍ତବ୍ଧ ଭାବେ ଠିଆ ହେଲା ଅନନ୍ତ । କେତେଟା ମୁହୂର୍ତ୍ତ ...ତା ପରେ ସେ ଆସିଲା ବାହାରକୁ । ଅତି ଗମ୍ଭୀରଭାବରେ ସେ ଭାବିବାକୁ ଲାଗିଲା, ସେ ଯେଉଁ ଚିତ୍କାର ଶୁଣିଥିଲା ସେହି ଚିତ୍କାର ହେଉଛି ଏହି ଲୋକଟିର — ମୃତ୍ୟୁ ପୂର୍ବରୁ ସେ ଚିତ୍କାର କରିଥିଲା.....ଆଉ ଘର ଭିତରକୁ ପ୍ରବେଶ କରିବା ବେଳେ ଯେଉଁ ଲୋକଟି ସହିତ ତାର ସଂଘର୍ଷ ହୋଇଥିଲା ସେ ନିଶ୍ଚୟ ହତ୍ୟା କରିଛି ଏହି ଲୋକଟିକୁ ।

ମୃତ୍ୟୁପୁରୀ ପରି ଚତୁର୍ଦ୍ଦିଗ ହିମ ଶୀତଳତାରେ ପରିପୂର୍ଣ୍ଣ ଦେଖି ଶିହରିଉଠିଲ ଅତନୁ । ଚାରିଆଡ଼େ ଅନ୍ଧକାରର କରାଳ ମୂର୍ତ୍ତି···ନିକଟସ୍ଥ କକ୍ଷ ଭିତରେ ନିହତ ଲୋକଟିର ଛିନ୍ନଭିନ୍ନ ଦେହ···:··ରକ୍ତର ବନ୍ୟା···ଏହି ଭୟାବହ ନରକ ଯେତେ ଶୀଘ୍ର ତ୍ୟାଗ କରିଯାଏ ସେତେ ମଙ୍ଗଳ ।

କିନ୍ତୁ କେଉଁ ବାଟେ ଯିବ ସେ । ସୂଚୀଭେଦ୍ୟ ଅନ୍ଧକାର ଭିତରେ ନିର୍ଗମର ରାସ୍ତା ତ ଆଉ ଦୃଷ୍ଟିପଥାରୂଢ଼ ହୁଏନା । ଘନାନ୍ଧକାର ଭିତରେ ଅଣ୍ଡାଳ ଅଣ୍ଡାଳ ବାଟ ଚାଲୁଚାଲୁ ଗୋଟିଏ ସ୍ଥାନରେ ଝୁଣ୍ଟିପଡ଼ି ତଳେ ପଡ଼ିଯିବା ପୂର୍ବରୁ ମୁଣ୍ଡରେ ଭୀଷଣ ଆଘାତ ପାଇଲା ସେ·····ତା ପରେ, ତା ପରେ ଜ୍ଞାନ ହରାଇ ପଡ଼ିଗଲା ତଳେ ।

କେତୋଟି ସ୍ତବ୍ଧ ମୁହୂର୍ତ୍ତ ଅତିବାହିତ ହେଲା ।

ଜ୍ଞାନ ସମ୍ପୂର୍ଣ୍ଣଭାବେ ଫେରି ଆସିନାହିଁ, ଅର୍ଦ୍ଧଚେତନ ଓ ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ସେ ଶୁଣିପାରିଲା ଅଳ୍ପ ଦୂରରେ କିଏ ଜଣେ ଯେପରି ଅସ୍ପଷ୍ଟ ଶବ୍ଦରେ କ୍ରନ୍ଦନରତ·····ପରକ୍ଷଣରେ ଗୋଟିଏ ନାରୀ ଆଖିରେ ରୁମାଲ ଘସୁଘସୁ ତାରି ପାଖ ଦେଇ ଦ୍ରୁତଗତିରେ ତାକୁ ଅତିକ୍ରମ କରି ଚାଲିଗଲା । ମୁଣ୍ଡ-ଯନ୍ତ୍ରଣାରେ ଅତନୁ ସେତେବେଳେ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥାଏ ।

ସଦର ଦ୍ୱାର ଉପରେ କେତେ ଜଣଙ୍କର କରାଘାତର ଶବ୍ଦ ଶୁଣାଗଲା । ଏକାଧିକ ମନୁଷ୍ୟଙ୍କର ଉତ୍ତେଜିତ କଣ୍ଠସ୍ୱର ମଧ୍ୟ । ନିଜକୁ କୌଣସି ପ୍ରକାରେ ସମ୍ଭାଳି ନେଇ ସ୍ଥିର ହୋଇ ବସିଲା ଅତନୁ । ମୁଣ୍ଡର ବାଁ ପାଖଟା ତାର ଯଥେଷ୍ଟ ଫୁଲି ଯାଇଥାଏ । ବାଁ ପାଖର ଆଣ୍ଠୁରେ ମଧ୍ୟ ଆଘାତ ପାଇଥାଏ ସେ ।

ଚିଠି ଖଣ୍ଡିକ ପଢ଼ି ସାରିବା ପରେ ଅତନୁ ଗୁହାଁଲା ଇନ୍‌ସ୍‌ପେକ୍‌ଟରଙ୍କୁ । ମୃଦୁ ହସି ଇନ୍‌ସ୍‌ପେକ୍‌ଟର କହିଲେ—ଆପଣଙ୍କୁ ସନ୍ଦେହ କରିବାର କୌଣସି ଯୁକ୍ତି ମୁଁ ପାଉନାହିଁ । କାରଣ, ଏହି ଚିଠି ଖଣ୍ଡିକ ପଢ଼ିବା ସମୟରେ ଟେଲିଫୋନ୍‌ର ମାଧ୍ୟମରେ ଗ୍ରେ ଧୁମ୍ର ଭବନ ସମ୍ବନ୍ଧରେ ସବୁ କଥା ମୁଁ ଶୁଣିପାରିଛି । ତେଣୁ··· ···

ଅତନୁଙ୍କୁ ଅନୁସରଣ କରିବାଲାଗି ଇଙ୍ଗିତରେ ଜଣାଇ ଇନ୍‌ସ୍‌ପେକ୍‌ଟର ପାର୍ଶ୍ୱସ୍ଥ କକ୍ଷଟିରେ ଆସି ଉପସ୍ଥିତ ହେଲେ । କକ୍ଷସ୍ଥିତ ଯାବତୀୟ ପଦାର୍ଥଗୁଡ଼ିକ ବିପର୍ଯ୍ୟସ୍ତ ଓ ଧ୍ୱସ୍ତ ହେବାର ଦେଖି ଇନ୍‌ସ୍‌ପେକ୍‌ଟର ସ୍ପଷ୍ଟଭାବେ ବୁଝିପାରିଲେ ଯେ ଏହା ଅତନୁର କର୍ମ ନୁହେଁ । ଏକାଧିକ ବ୍ୟକ୍ତି କ୍ଷିପ୍ରହସ୍ତରେ କୌଣସି ମୂଲ୍ୟବାନ୍ ବସ୍ତୁର ସନ୍ଧାନଲାଗି ପ୍ରତ୍ୟେକ ପଦାର୍ଥ ଉପରେ ଗୁରୁତ୍ୱ ଆରୋପ କରି ତାହା ଇତଃସ୍ତତଃ କରି ଯାଇଛନ୍ତି ।

ଅତନୁ ଯେଉଁ ଶୀର୍ଣ୍ଣକାୟା ରମଣୀ ମୂର୍ତ୍ତିଟିକୁ ଦେଖିଥିଲା ଇନ୍‌ସ୍‌ପେକ୍‌ଟର ମଧ୍ୟ ତାଙ୍କୁ କେତେ ପ୍ରକାର ପ୍ରଶ୍ନବାଣରେ ବିବ୍ରତ କଲେ, କିନ୍ତୁ ମୂକ ଓ ବଧୀର ସେହି ରମଣୀଟି ଯାହା ଉତ୍ତର ଦେଲା ସେ କଥାର ବିନ୍ଦୁ ବିସର୍ଗ ହେଲେ ସୁଦ୍ଧା କେହି ବୁଝିପାରିଲେ ନାହିଁ । ଅଗତ୍ୟା ଇନ୍‌ସ୍‌ପେକ୍‌ଟର ହେଡ଼କ୍ୱାର୍ଟରକୁ ଫୋନ୍ କଲେ ।

ବିପର୍ଯ୍ୟସ୍ତ କକ୍ଷଟି ଭିତରେ ଗୋଟିଏ ଆଶ୍ଚର୍ଯ୍ୟ ବସ୍ତୁ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହେଲା । କୋଣସି ପଦାର୍ଥ ଅକ୍ଷତ ଅବସ୍ଥାରେ ନାହିଁ, କେବଳ ଗୋଟିଏ ପାଖର କାନ୍ଥ ଦେହରେ ଟଙ୍ଗା ହୋଇଥିବା ଖଣ୍ଡିଏ ପ୍ରକାଣ୍ଡ ତୈଳଚିତ୍ର ସ୍ଥିରଭାବେ ଯଥାସ୍ଥାନରେ ଝୁଲୁଛି । ଦେଖିଲେ ମନେହୁଏ କେହି

ାହାକୁ ସ୍ପର୍ଶ ପର୍ଯ୍ୟନ୍ତ କରି ନାହାନ୍ତି—ଆପୃତ୍ତ ମଧ୍ୟରେ ଥିବା ାଞ୍ଜେ୍। ଶିବ ଖଣ୍ଡିକ ଗୋଟିଏ ତରୁଣୀର। ସୁଦକ୍ଷ ଶିଳ୍ପକରର ାପୁଣ ହସ୍ତରେ ଶିଳ୍ପ ଟି ଖଣ୍ଡିଏ ଅନିନ୍ଦ୍ୟସୁନ୍ଦର ମୁଖ କ୍ୟାନ୍‌ଭାସ୍ ୃପରେ ପ୍ରତିଫଳିତ।

ଅତନୁ ନିର୍ନିମେଷ ନେତ୍ରରେ ଦେଖିବାକୁ ଲଗିଲା ସେହି ାପୂର୍ବ ଚନ୍ଦ୍ରବଦନା ରୂପସୀର ଚୌଳଚିତ୍ରକୁ।

ଇନ୍‌ସ୍‌ପେକ୍‌ଟର କିନ୍ତୁ ତାକୁ ବେଶି ବେଳଯାଏ ଦେଖିବାକୁ ଦେଲେ ନାହିଁ।

ନାମ ଓ ଠିକଣା ଲେଖି ସାରିଥିଲେ। କାଲି ସକାଳେ ଦେଖା ଇରିବେ ବୋଲି କହି ତାକୁ ଏ ସ୍ଥାନ ତ୍ୟାଗ କରିବାଲାଗି ନିର୍ଦ୍ଦେଶ ଦେଲେ ସେ। ଅବଶ୍ୟ ଏପରି ଭୟାବହ କ୍ଷେତ୍ରରେ ବେଶି ବେଳଯାଏ ରହିବାଲାଗି ସେ ମଧ୍ୟ ଇଚ୍ଛା କରୁ ନ ଥିଲା। ଇନ୍‌ସ୍‌ପେକ୍‌ଟରଙ୍କର ଆଦେଶ ଶୁଣି ଗୋଟାଏ ସ୍ୱସ୍ତିର ନିଃଶ୍ୱାସ ଛାଡ଼ି ବାହାରି ଆସିଲା ପଦାକୁ।

ମେଟାଲ୍ ରୋଡ଼ ଉପର ଦେଇ ଚାଲିଛି ଅତନୁ। ଅସଂଖ୍ୟ ଭାବନା ସେତେବେଳେ ମୁଣ୍ଡ ଭିତରେ ତାର। କ୍ଷୁଦ୍ର ବିଷଧର ସର୍ପ ଶିଶୁ ପରି ସେହି ଭାବନାଗୁଡିକ ମସ୍ତିଷ୍କ ଭିତରେ କିଲ୍‌ବିଲ୍ ହୋଇ ଘୂରି ବୁଲୁଥାନ୍ତି। କି ଦୁର୍ଯୋଗ!

ପଶ୍ଚାତରୁ ଗୋଟାଏ ଶବ୍ଦ ଶୁଣି ପାରି ଫେରିଚାହିଁ ଦେଖେ ତ ଖଣ୍ଡିଏ ଗାଡ଼ି ତାରି ଆଡ଼କୁ ଆସୁଛି···ଟାଉନ୍ ବସ୍ ନିଶ୍ଚୟ। ଗୋଟିଏ କଡ଼କୁ ପାଖେଇ ଆସି ବସ୍ ଖଣ୍ଡିକ ନିକଟସ୍ଥ ହେବା ମାତ୍ରେ ହାତ ଦେଖାଇ ବସ୍‌ଟିକୁ ଅଟକାଇ ସେଥିରେ ବସି ପଡ଼ିଲା। ଯାତ୍ରୀଶୂନ୍ୟ ବସ୍ ଖଣ୍ଡିକ, ବସ୍‌ଟିରେ କେବଳ ମାତ୍ର ଡ୍ରାଇଭର ଓ ଜଣେ କଣ୍ଡକଟର।

ବସ୍ ଖଣ୍ଡିକ କଟ୍ଟୁଦୂର ଯାଇଛି କି ନାହିଁ ଗୋଟିଏ ତରୁଣ ଝିଅକୁ ବସ୍ ଟିକୁ ଅଟକାଇବାଲାଗି ଇଙ୍ଗିତ କଲା । ଗାଡ଼ି ଠିଆ ହେବା ମାତ୍ରେ ସେହି ତରୁଣୀଟି ବସ୍ ରେ ଉଠି ହାତରେ ଧରିଥିବା ସୁଟ୍ କେଶ୍ ଟିକୁ ନିଜ ପାଖରେ ରଖିଦେଇ ଆରାମ୍ ରେ ବସିଲା— କନ୍‌ଡକ୍ଟର ଟିକଟର ଦାମ ମାଗିଲା ତରୁଣୀଟି ଆଡ଼େ ହାତ ବଢ଼ାଇ ।

ବିଗତ ଘଟଣା ସ୍ମୃତିରେ ପଡ଼ି ଅତନୁ ନାନା ଚିନ୍ତାରେ ନିମଗ୍ନ ଥିଲା । ସେଥିପାଇଁ ସେ ବିଶେଷ ମନୋଯୋଗୀ ହୋଇ ପାରି ନ ଥିଲା ଏହି ତରୁଣୀଟିର ପ୍ରତି । ହଠାତ୍ ତରୁଣୀଟିର କଣ୍ଠସ୍ୱର ଶୁଣି ସେ ଚମକି ପଡ଼ିଲା । ତରୁଣୀଟି କନ୍‌ଡକ୍‌ଟରକୁ ପ୍ରଶ୍ନ କଲା, ପାର୍କ ଯାଏ ଯିବି—କେତେ ଦେବାକୁ ପଡ଼ିବ ?

ଫେରିଗଲାଁ ଅତନୁ ବିସ୍ମିତ ହେଲା । କେତୋଟା ମୁହୂର୍ତ୍ତ ସେ ସ୍ତବ୍ଧ ବିସ୍ମୟ ଦୃଷ୍ଟିରେ ଚାହିଁ ରହିଲା ତରୁଣୀଟିକୁ । ତାର ଅତି ନିକଟରେ ବ୍ଲାକ-ଆଉଟ୍—ଢାଙ୍କୁଣୀ-ଲଗା ଅସ୍ପଷ୍ଟ ଆଲୋକ ତଳେ ଯେଉଁ ତରୁଣୀଟି ବସିଛି, ସେହି ତରୁଣୀଟିର ଚେହେରାର ଖଣ୍ଡିକ ସେ-ତ' ଦେଖିଆସିଛି ଜୟପ୍ରକାଶ ଚୌଧୁରୀଙ୍କର ଅଟ୍ଟାଳିକାରେ । ତାହା ମଧ୍ୟ ଏହି ଅତି ଅଳ୍ପ ସମୟ ଭିତରେ । ଆଶ୍ଚର୍ଯ୍ୟ ଘଟଣାଚକ୍ର ! ଆହୁରି ମନେ ପଡ଼ିଲା, 'ମୁଣ୍ଡରେ ଆଘାତ ପାଇ ସେ ଯେତେବେଳେ ସେ ଘରେ ପଡ଼ିଯାଇଥିଲା, ଏହି ତରୁଣୀଟିକୁ ସେ-ତ' ସ୍ପଷ୍ଟଭାବେ ଦେଖିପାରିଥିଲା ଘରଟି ଭିତରେ । ତାରି ସମ୍ମୁଖ ଦେଇ ସେ ବାହାରି ଆସିଥିଲା ପଦାକୁ । ଅବଶ୍ୟ ସେ ମୁହଁଟିକୁ ସେତେବେଳେ ଭଲଭାବରେ ଦେଖି ପାରି ନ ଥିଲା, ତା ବୋଲି ପରିହିତ ନୀଳ ଶାଢ଼ୀ ଖଣ୍ଡିକ ତ ଦୃଷ୍ଟିକୁ ତାର ଫାଙ୍କି କେବେ ଦେଇ ପାରେନା ।

ତରୁଣୀ କନ୍‌ଡକ୍ଟରର କଥା ଅନୁଯାୟୀ ଗ୍ରେଟ ପ୍ଲାଷ୍ଟିକର ଗଟିକୁ ଖୋଲି ବସ-ଭଡ଼ା ଦେଇ ଦେଲି ।

ଅତନୁ ତରୁଣୀଟିକୁ ପ୍ରଶ୍ନ କଲା, ଆପଣ ପାର୍କ ଯାଏ ଯିବେ ?···

—ହଁ···କହିଲା ତରୁଣୀ ।

ଉଭୟେ ନୀରବ ।

ନୀରବତା ଭଙ୍ଗ ହେଲା ତରୁଣୀଟିର କଥାରେ···ବାହାରେ ଙ୍କଢ଼ି ଅନ୍ଧକାର । ରାସ୍ତାରେ ଆସିବାବେଳେ ଶରୀରରେ ଯେପରି ଣ ନ ଥିଲା । ଯାହାହେଉ ଆପଣଙ୍କୁ ଦେଖି କେତେକ ପରିମାଣରେ ନଏ ଆଶ୍ବସ୍ତ ହେଲି । ଆପଣ କେତେଦୂର ଯିବେ ?

—ମୁଁ ପାର୍କ ପାଖରୁ ଆଗ ଷ୍ଟପେଜରେ ଓହ୍ଲାଇବ— ହିଲା ଅତନୁ ।

—ଆପଣଙ୍କର ଘର ବୋଧହୁଏ ସେଇଠି ?···ପଚାରିଲା ରୁଣୀଟି !

ଏହି ତରୁଣୀଟି କଣ ତାହାହେଲେ ଘର ଖବର ନେବାକୁ ଯିଛି···ତା' ନ ହେଲେ ଏପରି ପ୍ରଶ୍ନ କରିବାର ଆଉ କି ଅର୍ଥ ଇ ପାରେ ! ଅତନୁ ମନରେ ସନ୍ଦେହ ଉଦ୍ରେକ ହେଲା ଭୟ୍ୟା- ।କରିବେ । କେତେଟା ମୂହୂର୍ତ୍ତ ନୀରବ ରହି କହିଲା—ନା, ମୁଁ ହୋଟେଲରେ ଥାଏ—ହୋଟେଲ୍-ଡ-ରେନ୍‌ବୋ'ରେ···ଆପଣ- ଙ୍କଉଁଠାରେ ରହନ୍ତି ?···

ତରୁଣୀଟି ଉତ୍ତର ଦେଲା—ମୁଁ ମଧ୍ୟ ହୋଟେଲରେ ଥାଏ, ହୋଟେଲ୍-ଡ-ଇଉନଂ ମୁନରେ···ପାର୍କ ପାଖରୁ କୋଡ଼ିଏ ହାତ ଦକ୍ଷିଣକୁ ।

ହଠାତ୍ କାହିଁକି ତରୁଣୀଟି ଅନ୍ୟମନସ୍କ ହେଲା ପରି ଜଣା- ପଡ଼ିଲା । ଆଖି ଦୁଇଟିରେ ପ୍ରଚ୍ଛନ୍ନ ଆତଙ୍କରେ ଗୋଟାଏ ସୁସ୍ପଷ୍ଟ

ଆଭାସ ପରିଲକ୍ଷିତ ହେଲା । ଅତନୁ ମଧ୍ୟ ନୀରବ । ସ୍ତବ୍ଧ ଅନେକ ହୋଇ ଯାଇଥିବା ହେତୁ କନ୍‌ଡକ୍ଟରଟି ମଧ୍ୟ ଚଳକୁ ମୁହଁ ପୋତି ଢୁଳାଇବାକୁ ଲାଗିଛି । ଶାନ୍ତ ସମୁଦ୍ର ପରି ନିସ୍ତରଙ୍ଗ ଅନ୍ଧକାର ଦିଗନ୍ତ ବିସ୍ତୀର୍ଣ୍ଣ ପ୍ରାନ୍ତର ଉପରେ ମାୟା ବିସ୍ତାର କରୁଛି ଯେପରି । ବସ୍ ଆସି ବ୍ରେକ କଷି ଛିଡ଼ା ହେଲା ପାର୍କ ପାଖରେ । ତରୁଣୀଟି ଯିବା ଲାଗି ପ୍ରସ୍ତୁତ ହେଲା । ଅତନୁର ଦୁଇ ବ୍ୟଗ୍ର ଚକ୍ଷୁ ସହିତ ତରୁଣୀଟିର କ୍ଳାନ୍ତ ଆୟତ ଚକ୍ଷୁ ଦୁଇଟିର ଦୃଷ୍ଟି ମିଳିତ ହେଲା ସହସା—କୋମଳ ଗୀତ ଝଙ୍କାର ପରି ସୁମଧୁର କଣ୍ଠରେ ସେ କହିଲା—ଆପଣଙ୍କୁ ଅଶେଷ ଧନ୍ୟବାଦ ।

—ନା-ନା, ଏଥିରେ ଧନ୍ୟବାଦ ଦେବାର କଣ ଅଛି··· ତାହାହେଲେ ଆପଣ ଏହିଠାରେ ରହିଲେ···ଆଚ୍ଛା, ଆସନ୍ତୁ —ଫେର୍ ହୁଏତ ଦେଖା ହୋଇପାରେ ।

ହୋଟେଲ-ଦ-ଇଭନିଂ-ମୁନର ଉଚ୍ଚ ସୌଧଟି ସେହି ଅସ୍ପଷ୍ଟ ଆଲୋକରେ ପ୍ରେତ ପରି ଦେଖାଯାଉଥାଏ । ତରୁଣୀଟି ବସରୁ ଓହ୍ଲାଇ ଶ୍ଳଥ ପଦକ୍ଷେପରେ ହୋଟେଲ ଆଡ଼କୁ ଆଗେଇ ଚାଲିଲା । ଚଳନ୍ତା ବସ୍‌ଟିରେ ବସି ଅତନୁ ଦେଖିପାରିଲା ସେହି ତରୁଣୀ ହୋଟେଲ ଭିତରେ ପ୍ରବେଶ ନ କରି ଚାରିଆଡ଼ ଭଲ-ଭାବେ ଦେଖି ନେଇ ଗୋଟିଏ ସରୁ ଗଳିରାସ୍ତା ଦେଇ ଚାଲିବାକୁ ଲାଗିଲା । ବିସ୍ମୟ ଓ ସନ୍ଦେହରେ ଅତନୁର ସର୍ବାଙ୍ଗ ଯେପରି ରୋମାଞ୍ଚିତ ହେଲା ।

କିଏ ଏହି ରହସ୍ୟମୟୀ ! ସେ ଯେ ଚୌଧୁରୀ-ଭବନରେ ଏହାଙ୍କୁ ଦେଖିଛି ଏ ବିଷୟରେ ଅଣୁମାତ୍ର ସନ୍ଦେହର ଅବକାଶ ନାହିଁ । ପୁଣି ଟାଉନ୍ ବସ୍‌ରେ ସାକ୍ଷାତ୍ ! ସଦା ଜାଗ୍ରତ ଆତଙ୍କର

ଚିହ୍ନ ଚକ୍ଷୁ ଦୁଇଟିରେ ଯେ ପରିସ୍ଫୁଟ ହୋଇଥିଲା ଏହା ସେ ଭଲ ଭାବେ ଲକ୍ଷ୍ୟ କରିଛି ! ···

ଆକାଶ ପାତାଳ ଭାବୁଥାଏ ସେ । ଆଉ ଟିକିଏ ପରେ ସେ ମଧ୍ୟ ବସ୍‌ରୁ ଓହ୍ଲାଇ ପଡ଼ିବ । ନିଜେ ପ୍ରସ୍ତୁତ ହେବା ଲାଗି ଉଦ୍ୟତ ହେଉଛି, ସହସା ଦେଖି ପାରିଲା, ତରୁଣୀଟି ଯେଉଁଠାରେ ବସିଥିଲା, ସେହି ସ୍ଥାନରେ ପଡ଼ିଛି ଗ୍ରେ ଗୋଟିଏ ସୁଟ୍‌କେଶ । ବୋଧହୁଏ ଭୁଲରେ ସେହି ତରୁଣୀଟି ଛାଡ଼ିଯାଇଛି ତାର ଜିନିଷକୁ । ଟିକିଏ ସତର୍କ ଦୃଷ୍ଟିରେ ଆଖି ବୁଲାଇ ସୁଟ୍‌କେସଟିକୁ ଉଠାଇ ନେଲା ଅତନୁ । ସୁଟକେଶ୍ ଉପରେ ସାଦା ଅକ୍ଷରରେ ଲେଖା ହୋଇଛି ଗୋଟିଏ ମାତ୍ର ଇଂରାଜୀ ଅକ୍ଷର "ଏଲ୍" । ବୋଧହୁଏ ତରୁଣୀର ନାମର ଆଦ୍ୟାକ୍ଷର ଏହା···

"ଏଲ" ରୁ କଣ ହୋଇପାରେ ! ଲତିକା, ଲାବଣ୍ୟ, ଲଳିତା ନା, ଲକ୍ଷ୍ମୀ···

ବସ୍‌ରୁ ଓହ୍ଲାଇ ହୋଟେଲ୍ ଆଡ଼େ ଯାଉ ଯାଉ ଅତନୁ ଭାବିବାକୁ ଲାଗିଲା—ନାମୋଦ୍ଧାର ପାଇଁ ଅକାରଣ ଚିନ୍ତା ନ କରି ସୁଟ୍‌କେସ୍‌ଟିର ସମ୍ବନ୍ଧରେ ଅବହିତ ହେବା ସର୍ବାଗ୍ରେ କରଣୀୟ । କାଲି ସକାଳେ ହୋଟେଲ-ଦି-ଇଭିନିଂ-ମୁନ୍‌ରେ ସୁଟକେସ୍‌ଟିକୁ ତରୁଣୀ ଜମା ଦେଇ ଆସିଲେ ହେଲା । ଏହା ଅନ୍ୟାୟ କିମ୍ବା ଅସଙ୍ଗତ ନୁହେଁ !

ହୋଟେଲରେ ପହଞ୍ଚି ନିଜର ଘରଟିକୁ ଖୋଲି ଦାରୁଣ ଅବସାଦ ହେତୁ ବିଛଣାରେ ନିଜକୁ ଲମ୍ବାଇ ଦେଲା ଅତନୁ । ସୁଟ୍‌କେସଟି ଅବହେଳିତ ଭାବେ ପଡ଼ି ରହିଲା ଗୋଡ଼ ପାଖରେ । ଗତ ଘଟଣାଗୁଡ଼ିକ ଯୋଗୁଁ ଉତ୍ତେଜନାରେ ମୁଣ୍ଡ ତାର ଗରମ ହୋଇ ଆସିଥିଲା । ରେଳ ଧୂମଶକଟର ଦୃଶ୍ୟ

ଏପର୍ଯ୍ୟନ୍ତ ଭୁଲି ପାରି ନାହାଁନ୍ତି ସେ । କିଏ ଏପରି ଭାବରେ ଖୁନ୍ କରି ସମ୍ଭବ ! ଖୁଣୀର ଉଦ୍ଦେଶ୍ୟ କଣ ! ପୁଲିସ କଣ ତାକୁ ମଧ୍ୟ ଫାନ୍ଦରେ ପକାଇ ପାରେ କି !

ଆଜି ···

କିଏ ଏହି ରହସ୍ୟମୟୀ ନାରୀ ! କାହିଁକି ତାର ତୈଳଚିତ୍ରଟି ଶ୍ରୀଧୂସ୍ର-ଭବନ ଭିତରେ ସଯତ୍ନରେ ରଖାହୋଇଛି·····କଣ ପାଇଁ ଏତେ ରାତିଯାଏ ସେ ଶ୍ରୀଧୂସ୍ର-ଭବନରେ ଥିଲା ?

କିଏ ଯେପରି ଅତନୁର କାନେ କାନେ କହିଲା, ଏହି ପ୍ରଶ୍ନ-ଗୁଡ଼ିକର ଉତ୍ତର କେଉଁଠାରୁ ମିଳିପାରେ ଜାଣ ? ଉତ୍ତରଗୁଡ଼ିକ ଅଛି ଏହି ସୁଟ୍‌କେସ୍‌ଟିର ଭିତରେ । ଯଦି ବିଶ୍ୱାସ ନ ହୁଏ, ବର୍ତ୍ତମାନ ଖୋଲି ଦେଖିପାର ।

ଅତନୁ ଯେ ସୁଟ୍‌କେସ୍‌ଟିକୁ ଖୋଲିବା ଲାଗି ଆଗ୍ରହୀ ନ ଥିଲା ଏପରି ନୁହେଁ, କିନ୍ତୁ ବହୁକଷ୍ଟରେ ସେ ଏ ଲୋଭ ସମ୍ବରଣ କରିଥିଲା । ଏଥର ଲୋଭ ତାର ଚରମ ସୀମାରେ ଆସି ଉପସ୍ଥିତ ହେଲା ।

ଭାଗ୍ୟଚକ୍ରର ଜାଲରେ ଅତନୁ ଆଜି ଆବଦ୍ଧ । ତାହା ନ ହେଲେ ତରୁଣୀଟି ସହିତ ତାର ସାକ୍ଷାତ ଓ ଆଳାପ ପରିଚୟ ଘଟନ୍ତା କାହିଁକି··· କାହିଁକି ସେ ସୁଟ୍‌କେସ୍‌ଟିକୁ ଛାଡ଼ି ଚାଲି-ଯାନ୍ତା ଏପରି ଅସାବଧାନଭାବେ ?

ବିଛଣାରୁ ଉଠି ବସିଲା ଅତନୁ । ବାହାରର ଆଲୋକ ତେରଛାଭାବେ ଆସି ପଡ଼ିଛି ଠିକ୍ ତାର ବିଛଣାଟି ଉପରେ— ଗୋଡ଼ ପାଖରେ ସୁଟ୍‌କେସ୍‌ଟି ପଡ଼ିଛି—ଖଣ୍ଡିଏ ସୁତାରେ ବନ୍ଧା ହୋଇ ଚାବିକାଠିଟି ଝୁଲୁଛି ସୁଟ୍‌କେସ୍‌ର ହେଣ୍ଡଲ୍ ଉପରେ ।

ହାତ ବଢ଼ାଇ ବସ୍ତୁଟିକୁ ପାଖକୁ ଆଣିଲା ସେ । ସାମାନ୍ୟ କଏ ଶବ୍ଦ···ମୁହୂର୍ତ୍ତକ ଭିତରେ ଖୋଲିଗଲା ସୁଟ୍‌କେସ୍ ଖଣ୍ଡିକ । ା ପରେ, ପ୍ରାୟ ଘଣ୍ଟାଏ କାଳ ବୋକାଙ୍କ ପରି ବସି ରହିଲା ଅତନୁ···ମସ୍ତିଷ୍କ ଭିତରେ ଥିବା ଚିନ୍ତାଶକ୍ତିସମ୍ପନ୍ନ ସ୍ନାୟୁଗୁଡ଼ିକ ାହସା ଯେପରି ଶିଥିଳ ଓ ନିଷ୍କ୍ରିୟ ହୋଇଆସିଲା ।

ସୁଟ୍‌କେସ୍ ଭିତରେ ଖଣ୍ଡିଏ ଗ୍ରେଟ କନାରେ ମୋଡ଼ା ହୋଇ ରହିଥାଏ ଗୋଟିଏ ନୀଳ ରଙ୍ଗର ଶିଶି, ଶିଶିଟିର ଭିତରେ ଥାଏ ଅଳ୍ପ କିଛି ତରଳ ପଦାର୍ଥ । ବିକଟ ଗନ୍ଧ ବାରି ପାରି ଅତନୁ ବୁଝିପାରିଲା ସେହି କନା ଖଣ୍ଡିକ କ୍ଲୋରଫର୍ମସିକ୍ତ । ବୋଧହୁଏ ଅଳ୍ପ ସମୟ ହେଲା ଏହା ବ୍ୟବହୃତ ହୋଇଥିଲା ।

ଲୌହ ନିର୍ମିତ ଗୋଟିଏ ଗୋଲାକାର ଢାଲ, ଢାଲ ସହିତ ଫୁଟ ଲମ୍ବ ଗୋଟିଏ ଚେନ୍—ଦୁଇଟି ବସ୍ତୁ ଯଥେଷ୍ଟ ଶକ୍ତ ବୋଲି ମନେହୁଏ । ଆଉ ଗୋଟିଏ ଗ୍ରେଟ ପ୍ୟାକେଟ୍ ଭିତରେ ପ୍ରାୟ କୋଡ଼ିଏଟି ନିଖୁଣ ହୀରକ ଖଣ୍ଡ···ଏହିଗୁଡ଼ିକ ଦେଖି ଅତନୁ ଆଶ୍ଚର୍ଯ୍ୟ ହେଲା ମନେ ମନେ ।

ହୀରା ସେ ଜୀବନରେ ବହୁ ଥର ଦେଖିଛି । ତେଣୁ ଏଗୁଡ଼ିକ ଦେଖିବାମାତ୍ରେ ସେ ବୁଝିପାରିଲା ତାହା ନକଲି ନୁହେଁ···ନିଶ୍ଚୟ ଏହା କେହି ଚୋରି କରିଛି । ପ୍ରତ୍ୟେକଟିର ମୂଲ୍ୟ ଧାରଣାତୀତ । ବିଚିତ୍ର ଓ ବିସ୍ମୟକର ପ୍ରତ୍ୟେକ ଖଣ୍ଡ । ଗ୍ରେଟ ଗୋଟିଏ ପିସ୍ତଲ, ହେଞ୍ଚାଏ ସାଦା ମୁଣ୍ଡ, ଦୁଇଟି ରକ୍ତବର୍ଣ୍ଣ ବୃହଦାକାର କାଚ ଖଣ୍ଡ, ଗୋଟିଏ ଗୁବ, ଖଣ୍ଡିଏ ଖାତା ଓ ଖାତାଟି ସାରା ପାଞ୍ଚ ପୃଷ୍ଠାବ୍ୟାପି କେତେ ପ୍ରକାର ସାଙ୍କେତିକ ଚିହ୍ନ···ସବୁ ଶେଷରେ କୌଣସି ମନୁଷ୍ୟର ଗୋଟିଏ କଟା ଆଙ୍ଗୁଳି ଓ ସେହି ଆଙ୍ଗୁଳିଟିରେ ଅତ୍ୟୁଜ୍ଜ୍ୱଳ ଖଣ୍ଡିଏ ହୀରକ ଦେଖି କିଏ ବା ବିସ୍ମିତ ନ ହେବ !

ଭୟରେ ଅତନୁର ସର୍ବାଙ୍ଗ ଶିହରି ଉଠିଲା—କିଏ ଯେପରି ପୁରା ଆଙ୍ଗୁଳିଟି ଦାନ୍ତ ସାହାଯ୍ୟରେ କାମୁଡ଼ି ଛିଣ୍ଡାଇ ଆଣିଛି । ଆଙ୍ଗୁଳି ଦେହରେ ଦାନ୍ତଗୁଡ଼ିକର ସୁସ୍ପଷ୍ଟ ଚିହ୍ନ ଏହା ପ୍ରମାଣ କରି ଦେଉଛି ।

ସୁଟ୍‌କେସ୍‌ଟିକୁ ବନ୍ଦ କରିଦେଲା ସେ···ସର୍ବାଙ୍ଗରୁ ସ୍ୱେଦ-ବାରି ଝରିବାକୁ ଲାଗିଲା; ମୁଣ୍ଡଟା ଚକ୍ରାକାରରେ ଘୂରିବାକୁ ଲାଗିଲା ଅତନୁର ।

ଘର ଭିତରେ ଥିବା ଟେଲିଫୋନ୍‌ଟି ବାଜି ଉଠିଲା । କୌଣସି ପ୍ରକାରେ ବିଛଣାରୁ ଉଠି ରିସିଭର୍‌ଟିକୁ ଧରି ପଚାରିଲା—ହ୍ୟାଲୋ ! କିଏ କହୁଛନ୍ତି ?

ରୁଦ୍ଧ ନିଃଶ୍ୱାସରେ କିଏ ଯେପରି ଅପର ପ୍ରାନ୍ତରୁ ଉତ୍ତର ଦେଲା—ମୁଁ···ମାନେ, ମୁଁ କହୁଛି···ଟାଉନ୍-ବସ୍‌ରେ ଆପଣଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା···

ଦୁଇଘଣ୍ଟା ତଳର କଥା··ଯାତ୍ରା-ସହଚରୀର କଣ୍ଠସ୍ୱର । ଅତନୁ କହିଲା—ହଁ-ହଁ, ଏଥର ଚିହ୍ନି ପାରୁଛି···କଣ କହନ୍ତୁ—

—ଦୟା କରି ଯଦି ଟିକିଏ ଇଆଡ଼େ ଆସନ୍ତେ···ମୁଁ—

ଆଉ କିଛି ଶୁଣାଗଲା ନାହିଁ । କଣ୍ଠସ୍ୱର ହଠାତ୍ ରୁଦ୍ଧ ହୋଇଗଲା···ଅତନୁ ଅବାକ୍ ବିସ୍ମୟରେ କେବଳ ଚାହିଁ ରହିଥାଏ ରିସିଭର୍‌ର ଛିଦ୍ରଗୁଡ଼ିକୁ···ସହସା ଜ୍ଞାନ ଯେପରି ତାର ଫେରି ଆସିଲା । ଗୋଟାଏ ଅଜଣା ଆଶଙ୍କାରେ ମନ ତାର ବ୍ୟାକୁଳ ହୋଇ ଉଠିଲା । ଏକ୍‌ସଚେଞ୍ଜକୁ ପଚାରିଲେ ସୁଦ୍ଧା କେଉଁ ନମ୍ବରରୁ ଫୋନ୍ ଆସିଥିଲା ତାହା ମଧ୍ୟ ସେମାନେ କହିଲେ ନାହିଁ ।

ବିହ୍ୱଳ ବିମୂଢ଼ ଅତନୁ !

ପୁନର୍ବାର ସେ ଭାବିବାକୁ ଲାଗିଲା, କଏ ଏହି ନାରୀ ! ସେ କଣ ତାହାହେଲେ କୌଣସି ରୂପସୀ ଶୟତାନ-ସଙ୍ଗିନୀର କବଳରେ ଆସି ପଡ଼ିଛି ! ···ଚିନ୍ତାଶକ୍ତି ବିଭ୍ରାନ୍ତ ହେଲା ଅଚ୍ୟୁତର ।

କଣ ବର୍ତ୍ତମାନ କରିବା ଉଚିତ ? କାହିଁକି ତରୁଣୀଟି ତାକୁ ଏପରି ଭାବେ ଆହ୍ୱାନ କଲା···କାହିଁକି ସେ କହୁ କହୁ ହଠାତ୍ ଅଟକିଗଲା···କେହି କି ଜୋର କରି ତାର କଣ୍ଠ ରୁଦ୍ଧ କରି ଦେଇଛି ?

ଆଉ ଗୋଟାଏ ସମ୍ଭାବନା ବିବ୍ରତ କଲା ତାକୁ । ତରୁଣୀଟି କୌଣସି ବିପଦରେ ପଡ଼ି ନାହିଁ ତ ! ··· କିମ୍ବା··· କିମ୍ବା ତାକୁ ଭୁଲାଇବା ଲାଗି ଛଳନା କରୁନାହିଁ ତ ସେ !

ସେ ଯାହାହେଉ, ଯେଉଁ ବହୁମୂଲ୍ୟ ବସ୍ତୁଗୁଡ଼ିକ ସେ ସୁଟ୍‌କେସ୍ ଭିତରୁ ଆବିଷ୍କାର କରିଛି ବର୍ତ୍ତମାନ ସେଗୁଡ଼ିକ ସେ ରଖିବ କେଉଁଠାରେ ? ହୁଏ ତ କୌଣସି ସମ୍ବାଦ ପାଇ ପୁଲିଶ ଆସି ଏହିଠାରେ ଉପସ୍ଥିତ ହୋଇପାରେ, ସେତେବେଳେ ସେ କି କୈଫିୟତ୍ ଦେଇ ପୁଲିଶକୁ ସନ୍ତୁଷ୍ଟ କରିବ !

ଚୋରି ଜିନିଷ ନିଜ ପାଖରେ ରଖିବା ଅର୍ଥ ଅପରାଧ ସହିତ ସଂଯୋଗ ସ୍ଥାପନ—ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲରେ ଭର୍ତ୍ତି କରାଯାଇ ପାରେ ।

ବିପର୍ଯ୍ୟସ୍ତ ମନ ନେଇ ସୁଟ୍‌କେସ୍‌ଟିକୁ ସେ ତକିଆ ତଳେ ରଖି ହୀରକଗୁଡ଼ିକୁ ଅଲଗା ଖଣ୍ଡିଏ ରୁମାଲରେ ଦୃଢ଼ଭାବରେ ବାନ୍ଧିଲା । ରକ୍ତବର୍ଣ୍ଣ କାଚ ଦୁଇଟି ଅକର୍ତ୍ତିତ ହୀରକ, ବହୁ ମୂଲ୍ୟବାନ୍ । ରୁମାଲଟିକୁ ଆଉ ଗୋଟିଏ ଲାଲ ଫିତାରେ ବାନ୍ଧି ବାଥ୍-ରୁମ୍‌ର ପାଇପ୍ ଭିତରେ ଏପରିଭାବେ ଗୁଞ୍ଜି ଦେଲା ଯେ,

ଯେପରି କି ପିଚାଟିକୁ ଆକର୍ଷଣ କରିବା ମାତ୍ରେ ପୁଡ଼ିଆଟି ଅତି ସହଜରେ ବାହାରି ଆସିପାରେ । ଅନ୍ୟ ଯେପରି କେହି ଗୁପ୍ତ ସ୍ଥାନଟିର ସନ୍ଧାନ ନ ପାଆନ୍ତି ସେଥିପାଇଁ ସେ ଯଥେଷ୍ଟ ସତର୍କତା ଅବଲମ୍ବନ କଲା ।

ସବୁ କାର୍ଯ୍ୟ ଶେଷ କରି ଘରର ଆଲୋକଟିକୁ ଲିଭାଇ ଦେଲା ସେ ।

ସକାଳ ହେବା ମାତ୍ରେ ଯାହା ସେ ଅନୁମାନ କରିଥିଲା ତାହା ଆସି ଘଟିଲା । ଅର୍ଥାତ୍ ଶୁଭାଗମନ କଲେ ଡିଟେକ୍‌ଟିଭ ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ସାମନ୍ତରାୟ । ବହୁ ହତ୍ୟା ରହସ୍ୟର ସମାଧାନ କରିଛନ୍ତି ବ୍ରଜକିଶୋର ବାବୁ । ଏହି ନାମଟି ସହିତ ଅତନୁ ମଧ୍ୟ ପରିଚିତ ।

ସୌଜନ୍ୟ ବିନିମୟାନ୍ତେ ବ୍ରଜକିଶୋର କୌଣସି ଭୂମିକା ନ କରି ପ୍ରଶ୍ନ କଲେ—କାଲି ରାତିରେ କାହିଁକି ଆପଣ ଉଦୟନପୁର ଯାଇଥିଲେ, ଅତନୁବାବୁ ?

ନିମନ୍ତ୍ରଣ କଥା ଉଲ୍ଲେଖ କଲା ଅତନୁ ।

ବ୍ରଜକିଶୋର ପ୍ରଶ୍ନ କଲେ—ଜୟ ପ୍ରକାଶଙ୍କର ଘର ଭିତରୁ ଯେଉଁ ଚିତ୍କାର ଆପଣ ଶୁଣିଥିଲେ ତାହା କି କୌଣସି ସ୍ତ୍ରୀର ?

ଅତନୁ ଉତ୍ତର ଦେଲା—ସ୍ତ୍ରୀ ଓ ପୁରୁଷ ଉଭୟଙ୍କର, ଆଗ ପଛ ହୋଇ । ପ୍ରଥମେ ଅବଶ୍ୟ ସ୍ତ୍ରୀ-ଟିର ଚିତ୍କାର ଶୁଣିଲି, ପରେ ପୁରୁଷର……

—ଘରର କେଉଁଦିଗରୁ ଆପଣ ଚିତ୍କାର ଶୁଣିପାରିଲେ ତାହା ମନେ ଅଛି କି ?

ମୁହୂର୍ତ୍ତେ କଣ ଭାବି ନେଇ ଅତନୁ କହିଲା, ଦକ୍ଷିଣ ଦିଗରୁ ଚିତ୍କାର ଶୁଣିଲି ପରି ମନେ ହେଉଛି ।

—କିନ୍ତୁ ଆପଣ ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ଯେ, କେବଳ ଜଣେ ପକ୍ଷାଘାତଗ୍ରସ୍ତ ଭଦ୍ରମହିଳା ବ୍ୟତୀତ ଦ୍ୱିତୀୟ କୌଣସି ନାରୀର ଦର୍ଶନ ସେହି ଧୂମ୍ର-ଭବନରେ ମିଳନାହିଁ । କୌଣସି ସ୍ତ୍ରୀଲୋକ ଯେ ଏହିଠାରେ ରହନ୍ତି ଏପରି କୌଣସି ପ୍ରମାଣ ମଧ୍ୟ ସେଠାରେ ବିଦ୍ୟମାନ ନାହିଁ । ଆଉ ଗୋଟିଏ କଥା ହେଉଛି, ଦୋ-ତାଲାର ଦକ୍ଷିଣ ପଟେ ଗୋଟିଏ ମାତ୍ର ଘର—ଉକ୍ତ ଘରଟିରେ ମଧ୍ୟ ଭିତର ଆଡ଼ୁ ତାଲା ପଡ଼ିଥିଲା । ତିନି ଚାରି ଜଣ କନେଷ୍ଟବଲ୍ ଦ୍ୱାର ଭାଙ୍ଗିବା ପରେ ଦେଖାଗଲା ଘର ଭିତରେ ଥିବା ଗୋଟିଏ ମାତ୍ର ଝରକାରେ ଲୁହାର ରେଲିଂ ବସା ହୋଇଅଛି, ତଥାପି ଭିତର ଆଡ଼ୁ କିପରି-ଭାବେ ଦୁଆରଟିକୁ ବନ୍ଦ କରାଗଲା ଏହା କୌଣସି ପ୍ରକାରେ ବୁଝା ଯାଉନାହିଁ ।

ଟିକଏ ନୀରବ ରହି ଇନ୍‌ସ୍‌ପେକ୍ଟର ପୁନର୍ବାର କହିଲେ—କାନ୍ଥ ଦେହରେ ଲୁହା କଣ୍ଟା ସହିତ ଗୋଟିଏ ଚେନ୍ ଝୁଲୁଥିଲା, ଯେତେଦୂର ସମ୍ଭବ ହାତଗୋଡ଼ ବାନ୍ଧି ଶାସ୍ତି ଦେବା ଉଦ୍ଦେଶ୍ୟରେ ଏହା ବ୍ୟବହୃତ ହେଉଥିଲା ନିଶ୍ଚୟ । କାହାରିକୁ ଯେ ବନ୍ଦୀ କରି ଏହିଠାରେ ରଖା ହେଉଥିଲା ଏ ବିଷୟରେ ମୁଁ ନିଃସନ୍ଦେହ ।

କଥା ଶେଷ କରି ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁ ପକେଟରୁ ଗୋଟିଏ ଚମଡ଼ା ତିଆରି ବାକ୍ସ ବାହାର କଲେ । ବାକ୍ସଟିରୁ ବାହାରିଲା କବ୍‌ଜି ପର୍ଯ୍ୟନ୍ତ କଟା ହୋଇଥିବା ଗୋଟିଏ ମନୁଷ୍ୟର ହାତ । କ୍ଷତ ସ୍ଥାନର ରକ୍ତ ସେତେବେଳେ ଶୁଖି ଯାଇ-ଥାଏ । କଟା ହାତଟି ମୃତର ହାତ ପରି ବିବର୍ଣ୍ଣ । କାଣି ଆଙ୍ଗୁଳିଟି ନାହିଁ, ମୂଳରୁ କିଏ ଯେପରି କାଟି ନେଇଛି ।

ଏହି ଦୃଶ୍ୟ ଦେଖି ଅତନୁର ସର୍ବାଙ୍ଗ ଶିହରି ଉଠିଲା । କାଣି ଆଙ୍ଗୁଳିଟିକୁ ସେ ତ ସ୍ୱଚକ୍ଷୁରେ ଦେଖିଛି ଏବଂ ରଖିଛି ନିଜ ପାଖରେ

ଇନ୍‌ସ୍‌ପେକ୍‌ଟର ଯଦି ଖାନ୍‌-ତଲାସି କରନ୍ତୁ, ତାହାହେଲେ ତକିଆ ତଳେ ଯେଉଁ ସୁଟ୍‌କେସ୍‌ଟି ଅଛି, ଉକ୍ତ ସୁଟ୍‌କେସ୍‌ଟି ଭିତରୁ ସନ୍ଦେହଜନକ କେତେଗୁଡ଼ିଏ ପଦାର୍ଥ ବାହାର କରି ପାରିବେ ।

ସ୍ମୃତି ଭିତରଟା ଥରି ଉଠିଲା ଏହିସବୁ କଥା ଭାବୁ ଭାବୁ । ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ବାବୁ ସାଙ୍ଗରେ ଆଣିଥିବା ଖବର-କାଗଜଟିକୁ ଖୋଲି କହିଲେ--ଗତକାଲି ଘଟଣାଟିକୁ ଖବରକାଗଜରେ ପ୍ରକାଶ କରାଇବା ଲାଗି ପଠାଇ ଦେଇଥିଲି ଓ ଉକ୍ତ ସମ୍ବାଦଟି ମଧ୍ୟ କାଗଜରେ ବାହାରିଛି । ଆପଣ ଦେଖିଛନ୍ତି ବୋଧହୁଏ ?

—ନା, ମୁଁ ଦେଖି ନାହିଁ କହି କାଗଜଟିକୁ ଇନ୍‌ସ୍‌ପେକ୍‌ଟରଙ୍କ ହାତରୁ ନେଇ ଅତନୁ ପଢ଼ିଲା ।

......ପ୍ରସିଦ୍ଧ ବ୍ୟବସାୟୀ ଓ ଶ୍ରେଷ୍ଠୀ ଧୁଲ୍ଲି-ଭବନର ମାଲିକ ଜୟପ୍ରକାଶ ଶ୍ରେଷ୍ଠୀ ଧୁଲ୍ଲି ସାଂଘାତିକ ଭାବେ ଗତକାଲି ରାତିରେ ଖୁନ୍ ହୋଇଛନ୍ତି । ଠିକ୍ ସେତିକିବେଳେ ନିକଟସ୍ଥ ଥାନାରେ ଖଣ୍ଡିଏ ଚିଠି ଆସି ପହଞ୍ଚିଥିଲା । ଉକ୍ତ ଚିଠିରେ ଲେଖା ଥିଲା ଯେ ଶ୍ରେଷ୍ଠୀ ଧୁଲ୍ଲି ଭବନରେ ଗୋଟିଏ ମୃତଦେହ ପଡ଼ିଛି । ପରେ ମଧ୍ୟ ଟେଲିଫୋନ୍‌ରେ ସମ୍ବାଦ ପାଇ ସ୍ଥାନୀୟ ପୁଲିଶ ଘଟଣାସ୍ଥଳରେ ଯାଇ ଦେଖିଲେ, ଗୃହସ୍ୱାମୀ ଜୟପ୍ରକାଶ ଶ୍ରେଷ୍ଠୀ ଧୁଲ୍ଲି ମୃତାବସ୍ଥାରେ ପଡ଼ିଛନ୍ତି; କ୍ଷତ-ବିକ୍ଷତ ସର୍ବାଙ୍ଗ, ଘରର ଯାବତୀୟ ପଦାର୍ଥ ଇତଃସ୍ତତଃ ବିକ୍ଷିପ୍ତ ଓ ଚୂର୍ଣ୍ଣୀକୃତ—ମନେହୁଏ କେହି ଶକ୍ତିଶାଳୀ ଉନ୍ମାଦ ବୋଧହୁଏ ଘରୁ ପଳାଇ ଆସି ଏପରି କାର୍ଯ୍ୟ କରିଯାଇଛି ।

......ଘର ଭିତରେ ଥିବା କେବଳ ଗୋଟିଏ ମାତ୍ର ପଦାର୍ଥ ଅକ୍ଷତ ଅବସ୍ଥାରେ ଦେଖିବାକୁ ମିଳିଥିଲା—ତାହା ହେଉଛି ଗୋଟିଏ ତରଣୀର ତୈଳଚିତ୍ର । କିଏ ଏହି ତରୁଣୀ ତାହା

ଏପର୍ଯ୍ୟନ୍ତ ସନାକ୍ତ ହୋଇ ପାରିନାହିଁ । ଏହି ହତ୍ୟାକାଣ୍ଡ ଦୁରଧିଗମ୍ୟ ରହସ୍ୟ ବୋଲି ମନେହୁଏ ।

...ଆହୁରି ମଧ୍ୟ ପରୀକ୍ଷା ପରେ ଜଣାପଡ଼ୁଛି ଯେ, ମୃତର ବାଁ-ହାତ ଖଣ୍ଡିକ କେହି ଯେପରି କାଟିନେଇଛି ଓ ସେହି ହାତ-ଖଣ୍ଡିକ ମଧ୍ୟ ତଳ ବଖରାରୁ ଆବିଷ୍କାର କରା ହୋଇଅଛି, କିନ୍ତୁ କାଣିଆଙ୍ଗୁଳିଟି କେଉଁଠାରେ ତାହା ଆବିଷ୍କାର ହୋଇ ପାରିନାହିଁ ।

---ପୁଲିଶ ଆସିବା ପୂର୍ବରୁ ଜଣେ ପଥଚାରୀ ଭଦ୍ରବ୍ୟକ୍ତି ଚୌଧୁରୀ-ଭବନ ପାଖ ଦେଇ ଯାଉ ଯାଉ ହଠାତ୍ ନାରୀକଣ୍ଠର ଚିତ୍କାରରେ ଆକୃଷ୍ଟ ହୋଇ ଚୌଧୁରୀ ଭବନରେ ପ୍ରବେଶ କରି ଜସ୍ସୁ ପ୍ରକାଶ ଚୌଧୁରୀଙ୍କର ମୃତ ଦେହକୁ ଆବିଷ୍କାର କରିଥିଲେ । ପରେ ପୁଲିଶ ଅନୁସନ୍ଧାନ କରି ଆଉ ଗୋଟିଏ କକ୍ଷରୁ ହଜାର ହଜାର ସଂଖ୍ୟାରେ ସାଦା ଗୁଣ୍ଡ଼ ଭର୍ତ୍ତି ହୋଇଥିବା ପ୍ୟାକେଟ୍-ଗୁଡ଼ିକକୁ ଦେଖି ସେଗୁଡ଼ିକ ଜବତ କରିଛନ୍ତି ଓ ଉକ୍ତ ପ୍ୟାକେଟ୍-ଗୁଡ଼ିକରେ କି ପ୍ରକାର ପଦାର୍ଥ ଅଛି ତାହା ମଧ୍ୟ ପରୀକ୍ଷା ଚାଲିଛି......

ସମ୍ବାଦଟିକୁ ମୂଳରୁ ଶେଷ ପର୍ଯ୍ୟନ୍ତ ପଢ଼ିସାରି ଅତନୁ କାଗଜଟିକୁ ବଢ଼ାଇଦେଲା ଇନ୍‌ସ୍‌ପେକ୍‌ଟରଙ୍କ ହାତକୁ । ଇନ୍‌ସ୍‌ପେକ୍‌ଟର ପଚାରିଲେ କିଛି ବୁଝିପାରିଲେ ?

ବୋକାଙ୍କ ପରି ଉତ୍ତର ଦେଲା ଅତନୁ—ନା ।

ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ପୁନର୍ବାର ପ୍ରଶ୍ନ କଲେ—ବର୍ମା ଦେଶ ବୁଲିଛନ୍ତି, ତଥାପି ଏହି ସାଦା ଗୁଣ୍ଡଗୁଡ଼ିକ କି ପଦା ବୁଝିପାରିଲେ ନାହିଁ ?—ଏହିଗୁଡ଼ିକ ହେଉଛି କୋକେନ୍ ଭାରତବର୍ଷର ପ୍ରାୟ ସବୁଆଡ଼େ କୋକେନ୍‌ର ଚୋରା-ବ୍ୟବସା

ଯାଉଛି । ଜାଭା, সুমাত্রা, ବାଟାଭିୟା ପ୍ରଭୃତି ବନ୍ଦରରୁ ଏହିସବୁ ଚୋରା-ମାଲ ଆସୁଛି । ଯୁଦ୍ଧରେ ବ୍ୟବହୃତ ହେବାପାଇଁ ଯେଉଁ ଜାହାଜଗୁଡ଼ିକ ଭାରତବର୍ଷକୁ ଆସୁଛି, ସେହି ଜାହାଜଗୁଡ଼ିକ ଉପରେ ବିଶେଷ ସତର୍କ ଦୃଷ୍ଟି ଦିଆହୁଏ ନାହିଁ— ଚୋରା ବ୍ୟବସାୟୀ ତେଣୁ ଏହି ସୁଯୋଗକୁ କାର୍ଯ୍ୟରେ ଲଗାଉଛନ୍ତି ।

ହୋଟେଲ୍‌ର ଜଣେ ଭୃତ୍ୟ ଆସି ଠିଆ ହେଲା ଦୁଆର ମୁହଁରେ । ପଛରେ ଥାଏ ଗୋଟିଏ ତରୁଣୀ ।

ଭୃତ୍ୟଟି ତରୁଣୀଟିକୁ ପହଞ୍ଚାଇ ଦେଇ ନିଷ୍କ୍ରାନ୍ତ ହେଲା ।

ତରୁଣୀ ପ୍ରବେଶ କଲା ଘରଟି ଭିତରେ ।

ଚମକିତ, ବିସ୍ମିତ ଅତନୁ ଦେଖିପାରିଲା, ଗତ ରାତିରେ ଝାଉନ୍ ବସ୍‌ରେ ଯେଉଁ ତରୁଣୀଟି ସହିତ ପରିଚୟ ହୋଇଥିଲା, ଯାହାର ଡେଲିଭରି ସେ ଚୌଧୁରୀ-ଭବନର ଗୋଟିଏ କକ୍ଷରେ ଝୁଲୁଥିବାର ଦେଖିଥିଲା, ଏ ସେହି ତରୁଣୀ ।

କାହିଁକି ସେ ଆସିଛି ? ... ଠିକ୍ କଥା, ସେ ଆସିଛି ତାର ସୁଟ୍‌କେସଟିର ସନ୍ଧାନରେ । ଯଦି ଅତନୁ ତାହା ପାଇଥାଏ, ତାହା ହେଲେ ସେ ଫେରସ୍ତ ନେବା ଉଦ୍ଦେଶ୍ୟରେ ଆସିଛି ।

ଅତନୁକୁ ସବୁ ଯେପରି ଅନ୍ଧକାର ଦେଖାଯାଉଛି ।

ସେ ନିଶ୍ଚୟ ଧରା ପଡ଼ିବ ଏଥର, ଆଉ ଏହି ତରୁଣୀଟି ମଧ୍ୟ...

ତାର ସମ୍ମୁଖରେ ପୁଲିସର ସୁଦକ୍ଷ ସନ୍ଧାନୀ ଜଣେ ଯେ ବସିଛନ୍ତି, ତାହା ତ ଏହି ତରୁଣୀ ନିଶ୍ଚୟ ଜାଣେନା ।

ଲକ୍ଷ୍ୟ କରି ଦେଖିଲା ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ଏକଧ୍ୟାନରେ ଦେଖୁଛନ୍ତି ତରୁଣୀଟିକୁ, ଅନ୍ୟ କୌଣସି ପ୍ରତି ମନ ଓ ଧ୍ୟାନ ଯେପରି ତାଙ୍କର ନାହିଁ । ସୁଯୋଗ ବୁଝି ଅତନୁ ଚକିଆ-

ଚିକୁ ସୁଟ୍‌କେସ୍‌ଟିକୁ ବାହାର କରି ଖଟତଳେ ଏପରି ସ୍ଥାନରେ ରଖିଦେଲା ଯେ ଯେପରି କାହାରି ଦୃଷ୍ଟି ସହଜରେ ଆକର୍ଷିତ ହୋଇ ନ ପାରେ ।

ଆଶ୍ଚର୍ଯ୍ୟ ! ଏତେବେଳଯାଏ ଇନ୍‌ସ୍‌ପେକ୍‌ଟର ତୀକ୍ଷ୍ଣଦୃଷ୍ଟିରେ ତରୁଣୀଟିକୁ ଦେଖୁଛନ୍ତି କାହିଁକି ? ସେ କଣ ଚୌଧୁରୀ-ଭବନରେ ଥିବା ତୈଳଚିତ୍ର ସହିତ ଏହି ତରୁଣୀଟିକୁ ତୁଳନା କରୁଛନ୍ତି ! କୌଣସି ସନ୍ଦେହ କି କରିପାରିଛନ୍ତି ଏହି ତରୁଣୀଟିକୁ ଦେଖି ?

ଉଭୟେ ତାହାହେଲେ ଜାଲରେ ଆବଦ୍ଧ ହୋଇ ପଡ଼ିଛନ୍ତି···

କେଡ଼େ ବୋକା ଏହି ତରୁଣୀ !

ଅତନୁକୁ ନମସ୍କାର କରି ଘରଭିତରେ ଗୋଡ଼ ଦେଲା ସେ । ଇନ୍‌ସ୍‌ପେକ୍‌ଟରଙ୍କ ଦୃଷ୍ଟି ପୂର୍ବପରି ନିବଦ୍ଧ ତାର ମୁହଁଟି ଉପରେ । ବର୍ତ୍ତମାନ ବୋଧହୁଏ ଧରା ପଡ଼ିଯିବ ସବୁ କଥା ।

ପୁଲିଶ, ପୁଲିଶ ବସିଛି ସମ୍ମୁଖରେ ସାକ୍ଷାତ ଯମ ପରି ।

ବିବ୍ରତ କୋମଳକଣ୍ଠରେ ତରୁଣୀଟି କହିଲା—ମୁଁ···ମାନେ, ବିଶେଷ ପ୍ରୟୋଜନ ହେତୁ···ଆପଣଙ୍କୁ ବିରକ୍ତ କରିବାକୁ ଆସିଲି···

ଅତନୁ ଆଜ୍ଞେ ବୁଝିହିଁ ତରୁଣୀଟି କହିଲା ।

ମନେ ମନେ କଣ ଟିକିଏ ଭାବି ନେଇ ସହସା ଅତନୁ ଉଚ୍ଚ-କଣ୍ଠରେ କହିଲା—ନା-ନା, ଏଥିରେ ବିରକ୍ତ ହେବାର କଣ ଅଛି ! କିନ୍ତୁ ଦୁଃଖର ବିଷୟ ଯେ, ଆମ୍ଭେମାନେ ଏପର୍ଯ୍ୟନ୍ତ ନିଜ ନିଜ ଭିତରେ ଆଳାପ ପରିଚୟ ହୋଇ ନାହୁଁ । ଯାହାହେଉ, ଏଥର ମୁଁ ପ୍ରତ୍ୟେକଙ୍କ ସହିତ ପ୍ରତ୍ୟେକଙ୍କର ପରିଚୟ କରାଇ ଦେଉଛି ।

ତା ପରେ ଇନ୍‌ସ୍‌ପେକ୍‌ଟରଙ୍କୁ ଇଙ୍ଗିତରେ ଦେଖାଇ କହିଲ —ଏଇ ହେଉଛନ୍ତି ପୁଲିଶର ଜଣେ ସୁଦକ୍ଷ ଗୋଏନ୍ଦା ଇନସ୍‌ପେକ୍‌ଟର ବ୍ରଜକିଶୋର ସାମନ୍ତରାୟ ! ବହୁ ଅପରାଧୀର ଶାସ୍ତି ବିଧାନ କରିଛନ୍ତି ସେ ।

ଅତନୁର କଥା ଶୁଣି ତରୁଣୀଟିର ମୁଖମଣ୍ଡଳ ମୁହୂର୍ତ୍ତକ ଭିତରେ ମଳିନ ପଡ଼ିଗଲା । ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ବାବୁଙ୍କର ଦୃଷ୍ଟିରେ ତାହା ଧରାପଡ଼ିଲା ମଧ୍ୟ । ହଠାତ୍ ନିଜର ପରିଚୟ ପ୍ରକାଶ ପାଇବା ହେତୁ ମନେ ମନେ ସେ ବିରକ୍ତି ଅନୁଭବ କଲେ ଓ ଏହା ମଧ୍ୟ ସ୍ପଷ୍ଟରୂପେ ବୁଝିଲେ ଯେ କୌଶଳରେ ଅତନୁ ତରୁଣୀଟିକୁ ସାବଧାନ କରାଇ ଦେଉଛି ।

ଟିକିଏ ପରେ ସେ ପ୍ରଶ୍ନ କଲେ—ଆପଣ ବୋଧହୁଏ ଏଙ୍କୁ ଚିହ୍ନିଛନ୍ତି, ଅତନୁ ବାବୁ ?

ମୁଣ୍ଡ ହଲାଇ ଅତନୁ କହିଲା—ନା । କାଲି ରାତିରେ ଗୋଟିଏ ବସ୍‌ରେ ଉଭୟେ ବସିଥିଲୁ , କିନ୍ତୁ କେହି କାହାର ପରିଚୟ ନେଇ ନାହୁଁ ।

ସହସା ଇନ୍‌ସ୍‌ପେକ୍ଟର ମୁହଁ ବୁଲାଇ ତରୁଣୀଟି ଆଡ଼େ ଚାହିଁ କହିଲେ—ମୁଁ ଏଠାରେ ପହଞ୍ଚି ହୋଟେଲ୍‌ର ଜଣେ କର୍ମଚାରୀଙ୍କ ପାଖରୁ ଖବର ନେଇ ଜାଣିପାରିଛି ଯେ, କାଲି ରାତିରେ ଅତନୁ-ବାବୁଙ୍କୁ କିଏ ଜଣେ ଫୋନ୍‌ରେ ଖୋଜୁଥିଲା ଓ ଯିଏ ଫୋନ୍ କରୁଥିଲା ସେ ଯେ ଜଣେ ନାରୀ, କର୍ମଚାରୀଟି କଣ୍ଠସ୍ୱରରୁ ତାହା ଭଲ-ଭାବେ ବୁଝି ପାରିଥିଲା ।

ତରୁଣୀ ସହଜଭାବେ ଉତ୍ତର ଦେଲା—ମୁଁ ଫୋନ୍ କରିଥିଲି ।

—ତାଙ୍କ ସହିତ ଆପଣଙ୍କର ପରିଚୟ ହୋଇନାହିଁ ବୋଲି କହୁଛନ୍ତି, ତେବେ ତାଙ୍କର ନାମ ଜାଣିଲେ କିପରି ?

ତରୁଣୀଟି ହସିଲା···ଅପୂର୍ବ ସେ ହସ ।

କହିଲା—ନା, ତାଙ୍କର ନାମ ତ ମୁଁ ଜାଣେ ନା···

—ତାହାହେଲେ ଫୋନ୍‌ରେ ଡାକିଲେ କପରି ?—

ପୁନର୍ବାର ସେହି ଅପରୂପ ଦଶନ ବିକାଶ । ଧୀରେ ଧୀରେ କହିଲା—ଫୋନ୍‌ରେ ମୁଁ ଏତିକ କହିଥିଲି, ଯେଉଁ ଭଦ୍ରଲୋକଟି ବର୍ତ୍ତମାନ ଅର୍ଥାତ୍ ଦଶମିନଟ୍ ପୂର୍ବରୁ ହୋଟେଲ୍‌ରେ ପହଞ୍ଚିଛନ୍ତି ତାଙ୍କ ସହିତ ମୁଁ କଥାବାର୍ତ୍ତା ହେବାକୁ ଚାହେଁ ।

ଅତନୁର ଅବସ୍ଥା କଥା କହିଲେ ନ ସରେ । ଗୋଟାସାରା ଝାଳରେ ସେ ସେତେବେଳେ ବୁଡ଼ିଯାଇଥାଏ । ସରଳ ନିଷ୍କଳଙ୍କ ମୁଖ, ଅକପଟ ସହଜ ବଚନଭଙ୍ଗୀ—କିନ୍ତୁ କେଡେ ଧୂର୍ତ୍ତ । ଶେଷ ପର୍ଯ୍ୟନ୍ତ ସେ କଣ ଇନ୍‌ସ୍‌ପେକ୍ଟରଙ୍କ ଜେରାରେ ତାଳ ବଜାୟ ରଖି ପାରିବ ।

ତରୁଣୀଟି ପୁନର୍ବାର କହିଲା—ଯିଏ ଫୋନ୍ ଧରିଥିଲେ, ସେ କହିଲେ ଯେ ଅତନୁବାବୁ ସର୍ବଶେଷରେ ଫେରିଛନ୍ତି ହୋଟେଲ୍‌କୁ· ମୁଁ ତାଙ୍କୁଇ ଡାକଦେବାକୁ କହିଥିଲି ।

ଆପଣଙ୍କର କ ନାମ କହନ୍ତୁ ତ···ପଚାରିଲେ ଇନସ୍‌ପେକ୍ଟର ।

—ମୋର ନାମ ଲୀଳାବତୀ ସାହୁ···

—ଆପଣଙ୍କର ଘର କେଉଁଠି ?··ପୁନର୍ବାର ପ୍ରଶ୍ନ ହେଲା ।

—ଭୋବାନପୁରରେ ଆମଘର । ପାର୍କ ପାଖରେ ଥିବା ହୋଟେଲ-ଡ-ଇଣ୍ଡିଆ-ମୁନ୍‌ରେ ମୁଁ ଥାଏ, କାରଣ ମୋର ମାମୁଁ ହେଉଛନ୍ତି ଏହି ହୋଟେଲ୍‌ଟିର ମାଲିକ । ମୋ ପାଇଁ ଅଲଗା ଖଣ୍ଡିଏ ଘର ସେ ଛାଡ଼ି ଦେଇଛନ୍ତି, ସେଠାରେ ମୋତେ କୌଣସି ଅସୁବିଧା ଭୋଗ କରିବାକୁ ପଡ଼େ ନାହିଁ ।

—ହୁଁ ।···କେତେଟା ସ୍ତବ୍ଧ ମୁହୂର୍ତ୍ତ ଅତିବାହିତ ହେବା ପରେ ଇନ୍‌ସ୍‌ପେକ୍ଟର ପ୍ରଶ୍ନ କଲେ—ଆଜ କାର୍ତ୍ତିକ ଅତନୁ ବାବୁଙ୍କ ସହିତ ଦେଖା କରିବାକୁ ଆସିଛନ୍ତି ? ଆଶାକରେ ସତ କଥା କହିବେ ନିଶ୍ଚୟ ।

ପୁଣି ଥରେ ହସିଲା ଲୀଳା ।

ବିବ୍ରତକଣ୍ଠରେ କହିଲା—କାଲି ରାତିରେ ମୁଁ ମୋର ଗ୍ରେଟ ସୁଟ୍‌କେସ୍‌ଟିକୁ ହରାଇ ବସିଛି । ସୁଟ୍‌କେସ୍‌ଟିର ଉପରେ ମୋର ନାମର ଆଦ୍ୟାକ୍ଷରଟି ଇଂରାଜୀରେ ଲେଖା ହୋଇଅଛି, ବୋଧହୁଏ ଟାଉନ୍ ବସ୍‌ରେ ସେ ଖଣ୍ଡିକ ଗୁଡ଼ି ଦେଇ ଆସିଲି । ତେବେ ଏହାଙ୍କୁ ଥରେ ପଚାରିବା ଉଚିତ ମନେକରି···

ଲୀଳାର କଥା ଶେଷ ହେବା ପୂର୍ବରୁ ମୁହଁ ବୁଲାଇ ଇନସ୍‌ପେକ୍ଟର ଅତନୁକୁ ପ୍ରଶ୍ନ କଲେ—ଆପଣ କଣ ସୁଟ୍‌କେସ୍‌ଟିକୁ ପାଇଛନ୍ତି, ଅତନୁବାବୁ ?

—ନା···ଅସ୍ୱୀକାର କଲା ଅତନୁ ।

ପିନ୍ଧିଥିବା ଗେଞ୍ଜିଟି ଝାଳରେ ସମ୍ପୂର୍ଣ୍ଣ ଭିଜି ଯାଇଥାଏ ସେତେବେଳେ । ମିଥ୍ୟା କଥା ସେ କହିଲା, କିନ୍ତୁ ଇନ୍‌ସ୍‌ପେକ୍ଟର ଯଦି ଅନୁସନ୍ଧାନ ଆରମ୍ଭ କରନ୍ତି ତାହାହେଲେ ଦଫା ଶେଷ । ବଳିହାରି ଏହି ତରୁଣୀଟିର ସାହସ···

ଇନ୍‌ସ୍‌ପେକ୍ଟରଙ୍କର ପୁନର୍ବାର ପ୍ରଶ୍ନ ଶୁଣି ଚେତନା ଯେପରି ତାର ଫେରି ଆସିଲା ।

—ସୁଟ୍‌କେସ୍‌ଟିରେ ଆପଣ କଣ ରଖିଥିଲେ, ଲୀଳାଦେବୀ ?

ବିବ୍ରତ ହାସ ହସି ଲୀଳା କହିଲା—ବିଶେଷ କିଛି ନ ଥିଲା । କେବଳ କେତୋଟି ପ୍ରସାଧନର ସାମଗ୍ରୀ, ଗ୍ରେଟ ଗୋଟିଏ ପ୍ଲାଷ୍ଟିକର ମନିବ୍ୟାଗ ଓ ଖଣ୍ଡିଏ ରୁମାଲ୍ ।

ଶେଷ ମୁହୂର୍ତ୍ତଟି ବୋଧହୁଏ ଘନେଇ ଆସିଲା ଏଥର, ନିଶ୍ୱାସ ଯେପରି ରୁଦ୍ଧ ହୋଇ ଆସୁଛି ଅତନୁର । ଇନ୍‌ସ୍‌ପେକ୍ଟର ବ୍ରଜକିଶୋରଙ୍କର ଆଖିରେ ଧୂର୍ତ୍ତ ଔତ୍ସୁକ୍ୟ ଫୁଟି ଉଠୁଛି ବୋଲି ମନେହୁଏ । ସହଜରେ ଛାଡ଼ିବାର ପାତ୍ର ସେ ନୁହନ୍ତି ।

—ଲୀଳାଦେବୀ !...ଇନ୍‌ସ୍‌ପେକ୍ଟର କହିଲେ—ଏହା ଅବଶ୍ୟ ଆପଣଙ୍କର ଜାଣିବା ନିହାତି ପ୍ରୟୋଜନ ଯେ, କାଲି ରାତିରେ ମହାନଗରୀର ମଧ୍ୟସ୍ଥଳରେ ଥିବା ଅର୍ଥାତ୍ ଷ୍ଟେସନ ପାଖରୁ ମାଇଲିଏ ଦୂରରେ ଥିବା ପ୍ରକାଣ୍ଡ ଶୈଧୁରୀ ଭବନରେ ଶୈଧୁରୀ-ଭବନର ମାଲିକ୍ ସ୍ୱୟଂ ଜୟ ପ୍ରକାଶ ଶୈଧୁରୀ ନିହତ ହୋଇଛନ୍ତି, ଆହୁରି ମଧ୍ୟ ଶୁଣନ୍ତୁ—ଯେଉଁ ଘରଟି ଭିତରେ ସେ ମୃତାବସ୍ଥାରେ ପଡ଼ିଥିଲେ ସେହି ଘରେ ଆପଣଙ୍କର ଖଣ୍ଡିଏ ଫଟୋ ମଧ୍ୟ ଟଙ୍ଗା ହୋଇଥିଲା । ଏହାଦ୍ୱାରା କ'ଣ ପ୍ରମାଣ ହୁଏ ନା' ଆପଣ ଜୟ ପ୍ରକାଶ ଶୈଧୁରୀଙ୍କର ଅତି ସୁପରିଚିତ ଥିଲେ ବୋଲି ?

କମ୍ପିତ ଉଷ୍ମ କଣ୍ଠରେ ଅତନୁ କହିଲା—ଇନ୍‌ସ୍‌ପେକ୍ଟର ! ଏପରିଭାବେ ଜେରା କରିବା ଅନ୍ୟାୟ ନୁହେଁ କି ?

ଶାନ୍ତ କଣ୍ଠରେ ଲୀଳା କହିଲା—ନା, ନା, ଏ' ଆଉ ବେଶି କ'ଣ ! ମୁଁ ଜୟ ପ୍ରକାଶବାବୁଙ୍କୁ ଖୁବ୍ ଭଲଭାବେ ଚିହ୍ନେ । ଭଲଭାବେ ଚିହ୍ନିଲେ ସୁଦ୍ଧା ତାଙ୍କର ହାଣ୍ଡିର ଖବର ମୁଁ ଜାଣେ ନାହିଁ, କାରଣ ଜୟପ୍ରକାଶବାବୁ ଖୁବ୍ ଗମ୍ଭୀରପ୍ରକୃତିର ଲୋକ ଥିଲେ ।

—କିପରିଭାବେ ଆପଣଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା ?

ଲୀଲା କହିଲା—କିଛିଦିନ ମୁଁ ତାଙ୍କ ପାଖରେ କାମ କରିଛି । ତାଙ୍କର କେତେ ପ୍ରକାର ବ୍ୟବସାୟ ଥିଲା । ଉକ୍ତ ବ୍ୟବସାୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ରେଙ୍ଗୁନ୍, ଜାଭା, ବାଟାଭିୟା ପ୍ରଭୃତି ଅଞ୍ଚଳରୁ ଗୁଡ଼ର ଆମଦାନୀ ଇତ୍ୟାଦି । ଚଟ୍ଟଗ୍ରାମ ବନ୍ଦରରେ ତାଙ୍କର ଗୋଟିଏ ଗୋଦାମ ଅଛି ଓ ସେହି ସ୍ଥାନରୁ ରେଲ ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଏ । ବିଳାସପୁରରେ ମୋର ମାମୁଁ ଘର । ମାମୁଙ୍କ ସାଙ୍ଗରେ ଜୟପ୍ରକାଶ ବାବୁଙ୍କର ବିଶେଷ ବନ୍ଧୁତା ଥିଲା । ମୋତେ ସେ ଖଣ୍ଡିଏ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଦୁଇ ଦିନ ପରେ ମାମୁଙ୍କ ସହିତ କଥାବାର୍ତ୍ତା ଠିକ୍ କରି ଚଟ୍ଟଗ୍ରାମକୁ ପଠାଇଦେଲେ ।

ଟିକିଏ ଦମ୍ ନେଇ ଲୀଲା ପୁନର୍ବାର କହିଲା—ଗୁଡ଼ର ସହିତ ଆଉ ଗୋଟିଏ ଜିନିଷ ମଧ୍ୟ ଆସେ—ତାହା ହେଉଛି ମୂଲ୍ୟବାନ ବର୍ମା ଚୁରୁଟ୍ । ଛୋଟ ଛୋଟ ବାକ୍ସଗୁଡ଼ିକରେ ତାହା ପ୍ୟାକ୍ ହୋଇଆସେ । ଚୁରୁଟଗୁଡ଼ିକ ସମ୍ବନ୍ଧରେ ଅବଶ୍ୟ ଅନ୍ୟ କେହି ସନ୍ଧାନ ରଖନ୍ତି ନାହିଁ । ସେଗୁଡ଼ିକ ଗୋପନରେ ଆଣି ବୈଦ୍ଧୂଷ୍ୟ-ଭବନରେ ପହଞ୍ଚାଇ ଦେବା ଲାଗି କେବଳ ମୋତେ ନିର୍ଦ୍ଦେଶ ଦିଆହୋଇଥିଲା ।

ଲୀଳାର କଥାଗୁଡ଼ିକ ଇନ୍‌ସ୍‌ପେକ୍ଟର ନୋଟ୍‌ବୁକ୍‌ରେ ଲେଖିନେଲେ । ତାପରେ ଲୀଲା ଆଡ଼େ ଚାହିଁ ପ୍ରଶ୍ନ କଲେ—ବୈଦ୍ଧୂଷ୍ୟ-ଭବନ ତାହାହେଲେ ଆପଣଙ୍କ ବିଶେଷ ପରିଚିତ, ନୁହେଁ ?

—ହଁ, ଅନେକଥର ମୁଁ ସେଠାକୁ ଯାଇଛି । କିନ୍ତୁ ରାତିରେ କେବେ ବୈଦ୍ଧୂଷ୍ୟ-ଭବନକୁ ଯାଇନାହିଁ ।

ତୀକ୍ଷ୍ଣ କଣ୍ଠରେ ଇନ୍‌ସ୍‌ପେକ୍ଟର କହିଲେ—ଚନ୍ଦ୍ରଧର କିଏ ? ଆପଣ କଣ ତାଙ୍କୁ ଚିହ୍ନନ୍ତି ?

ମୁହଁ ଉଠାଇ ସହଜ କଣ୍ଠରେ ଲୀଳା କହିଲା—ନା, ଏପରି ନାଁ ତ ମୁଁ କେବେ ଶୁଣିନାହିଁ...ଏଇ ପ୍ରଥମ ଆପଣଙ୍କ ମୁହଁରୁ ଶୁଣିଲି । ତାହାହେଲେ ମୁଁ ଆସେ, ବସ୍ କୋମ୍ପାନୀରୁ ବୁଝିବାକୁ ହେବ ସେମାନେ ମୋର ସୁଟ୍‌କେସ୍‌ଟିକୁ ପାଇଛନ୍ତି କି ନାହିଁ... ନମସ୍କାର ।

ଲୀଳା ଯିବା ଲାଗି ବାହାରକୁ ଗୋଡ଼ ବଢ଼ାଇଲା । ବାଧା ଦେଇ ଇନେସ୍‌ପେକ୍ଟର କହିଲେ—ଶୁଣନ୍ତୁ ଲୀଳାଦେବୀ ! ଆପଣଙ୍କୁ କେବଳ ଏତିକି ଅନୁରୋଧ କରୁଛି ଯେ, ଅନ୍ତତଃ କେଇଟା ଦିନ ପାଇଁ ଆପଣ ଅନ୍ୟ କେଉଁଠାକୁ ନ ଯାଇ ଏହିଠାରେ ରହିବେ । ତଦନ୍ତ ଶେଷ ନ ହେବା ଯାଏ ହୁଏ ତ ଆପଣଙ୍କୁ କେବେ କେବେ ପ୍ରୟୋଜନ ହୋଇପାରେ—ବୋଧହୁଏ ମୋ କଥା ବୁଝିପାରୁଛନ୍ତି, ଲୀଳାଦେବୀ !

ଲୀଳା ସମ୍ମତି ଜଣାଇଲା । ଅତନୁ ଲକ୍ଷ୍ୟ କରି ଦେଖିଲା ଲୀଳାର ଚମ୍ପା କଢ଼ି ପରି ହାତର ଆଙ୍ଗୁଳିଗୁଡ଼ିକ ଥରି ଥରି ହୋଇ କମ୍ପି ଉଠିଲା । ଆହୁରି ମଧ୍ୟ ଦେଖିଲା, ଲୀଳା ଅତି ସାବଧାନତା ସହ ଡାହାଣ ହାତ ମୁଠା ଭିତରେ ଲୁଚାଇ ଧରିଥିବା ଖଣ୍ଡିଏ ସ୍ଲେଟ୍ କାଗଜକୁ କୌଶଳକ୍ରମେ ଘରର ଗୋଟିଏ କୋଣରେ ନିଃଶବ୍ଦରେ ପକାଇ ଦେଇ ଦ୍ୱାର ଅତିକ୍ରମ କରି ବାହାରକୁ ଚାଲି ଆସିଲା । ଇନ୍‌ସ୍‌ପେକ୍ଟର ଅବଶ୍ୟ ଏହା ଜାଣିପାରିଲେ ନାହିଁ, କାରଣ ସେ ସେତେବେଳେ ନୋଟ୍‌ବୁକ୍‌ରେ କଣ ସବୁ ଲେଖିବାରେ ବ୍ୟସ୍ତ ଥିଲେ ।

କିଛି ସମୟ ପରେ ଲେଖା ବନ୍ଦ କରି ଅତନୁ ଆଡ଼େ ତୀବ୍ର ଦୃଷ୍ଟିରେ ଚାହିଁ ଇନ୍‌ସ୍‌ପେକ୍ଟର କହିଲେ— ଆପଣ ମଧ୍ୟ ଟିକିଏ ସାବଧାନରେ ଚଳିବେ, ଅତନୁ ବାବୁ । କୌଣସି ବିଷୟରେ କୌତୂହଳୀ ହୋଇ ନିଜକୁ ବିପଦଜାଲରେ ପକାଇବେ ନାହିଁ । ଖୁଣ୍‌ କିମ୍ବା ଖୁଣୀକୁ ସାହାଯ୍ୟ କରିବା ଏକାକଥା । ମୁଁ ଯେ ନିଜେ କିଛି ବୁଝିପାରୁନାହିଁ ଏହା ଯଦି ମନେ କରୁଥାନ୍ତି ତାହାହେଲେ ମହା ଭୁଲ କରୁଛନ୍ତି ଆପଣ ।

ଚେୟାରରୁ ଉଠିପଡ଼ି ଇନ୍‌ସ୍‌ପେକ୍ଟର ପୁନର୍ବାର କହିଲେ—ମୁଁ ତାହାହେଲେ ଆସୁଛି, ନିଶ୍ଚୟ ଆମ୍ଭମାନଙ୍କର ପୁଣି ଥରେ ଦେଖା ହେବ । ଆଶାକରେ, ଆପଣ ନିଶ୍ଚୟ ସେତେବେଳେ ସତ କଥା ମୋ ଆଗରେ ପ୍ରକାଶ କରିବେ ।

ଏହା ଯେ ଶୁଭ-ସୂଚନା ନୁହେଁ ଅତନୁ ତାହା ହାଡ଼େ ହାଡ଼େ ବୁଝିପାରିଛି ।

ଇନ୍‌ସ୍‌ପେକ୍‌ଟର ଚାଲିଯିବା ପରେ ଅତନୁ ଗୋଟାଏ ଦୀର୍ଘ-ନିଃଶ୍ୱାସ ତ୍ୟାଗ କରି ରୁମାଲ ସାହାଯ୍ୟରେ ଲଲାଟ ଓ ବେକ ତଳର ଝାଳ ପୋଛିବାକୁ ଲାଗିଲା । ଟିକକ ପାଇଁ ସେ ଆଜି ହାଜତ-ବାସରୁ ରକ୍ଷା ପାଇଗଲା ସତ, କିନ୍ତୁ କେତେଦିନଯାଏ ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋରଙ୍କୁ ସେ ଭୁଲାଇ ରଖିପାରେ !

ବ୍ରଜକିଶୋରବାବୁଙ୍କର ପଦଶବ୍ଦ ମିଳାଇଯିବା ପରେ ଲ୍ଲା ଧକାଇ ଯାଇଥିବା କାଗଜ ଖଣ୍ଡିକକୁ ଉଠାଇ ନେଇ ଅତନୁ ପଢ଼ିବାକୁ ଲାଗିଲା । ଲେଖା ଥିଲା—ଦୟା କରି ମୋ' ସହିତ ଦେଖା କରିବେ, ବିଶେଷ ପ୍ରୟୋଜନ ହେତୁ ଦେଖା କରିବାକୁ ଲେଖୁଛି । ଠିକଣା ହେଉଛି, ମିଶନ-ରୋ-ବ୍ଲକ୍ ନମ୍ବର ୧୨...

ଅତନୁ କଚ୍ଛୁ ବୁଝିପାରେନା । କେତେବେଳେ ଲୀଳା ଏହି ଚିଠି ଖଣ୍ଡିକ ଲେଖିଲା ? ଇନ୍‌ସ୍‌ପେକ୍‌ଟର ଓ ସେ ସବୁବେଳେ ତା' ପ୍ରତି ଲକ୍ଷ୍ୟ ରଖିଥାନ୍ତି, କେହି ହେଲେ ତ ଚିଠି ଲେଖିବା ଦେଖି ନାହାନ୍ତି ! ଆଉ କଣ ଲୀଳା ଆଗରୁ ପ୍ରସ୍ତୁତ ହୋଇ ଆସିଥିଲା ! ସେ କଣ ବୁଝି ପାରିଥିଲା ବିଖ୍ୟାତ ବ୍ୟକ୍ତିର ଉପସ୍ଥିତି, କମ୍ବା ଆସିବା ପୂର୍ବରୁ ଆଶା କରିଥିଲା ଯେ ଏ ଘରେ ଅନ୍ୟ କେହି ଥାଇପାରନ୍ତି—ସୁତରାଂ ଚିଠି ଦ୍ୱାରା ତାକୁ ଡକାଇ ନିର୍ଜନରେ ପ୍ରୟୋଜନ ପୂର୍ଣ୍ଣ କରିବ ଏହା ସେ ପୂର୍ବରୁ ସ୍ଥିର କରିଥିଲା !

ବୋଧହୁଏ ସେୟା ! କନ୍ତୁ ସେ ତ' ଜାଣେ ନାହିଁ ଅତନୁ କାହିଁ ସ୍ୱତରେ ଚୌଧୁରୀ-ଭବନରେ ପଦାର୍ପଣ କରିଥିଲା ବୋଲି ।

ଚକିତରେ ଆଉ ଗୋଟାଏ କଥା ମନେପଡ଼ିଯାଏ ଅତନୁର । ଏହି ତରୁଣୀଟିକୁ ସେ-ତ' ଚୌଧୁରୀ-ଭବନରେ ଦେଖିଥିଲା । ତରୁଣୀଟି ସେ ତାକୁ ଦେଖି ନ ଥିବ ଏପରି ତ ନୁହେଁ ।

ଏବଂ ଏହି କାରଣରୁ ସେ ନିଶ୍ଚୟ ଅନୁମାନ କରିଥିଲା ଯେ, ଅତନୁ ସହିତ ଦେଖା କରିବାକୁ ହେଲେ ଆଗରୁ ପ୍ରସ୍ତୁତ ହୋଇ ଯିବାକୁ ହେବ । ଗତରାତର ଘଟଣାଗୁଡ଼ିକ ଅତନୁ ନିଶ୍ଚୟ ପୁଲିଶ ଆଗରେ ବର୍ଣ୍ଣନା କରିଥିବ । ପୁଲିଶ ଆସି ନିଶ୍ଚୟ ନାନାଦି ପ୍ରଶ୍ନ କରୁଥିବେ ତାକୁ—ତେଣୁ ତାକୁ ସାବଧାନ ରହିବାକୁ ପଡ଼ିବ; କୌଶଳରେ ଅତନୁକୁ ଏକାନ୍ତରେ ତାର ଯାହା କହିବା କଥା କହିବ···ହୁଏ ତ' ସେ ତାକୁ ସାହାଯ୍ୟ କରିପାରେ···

ନିଶ୍ଚୟ ଏହି କାରଣରୁ ସେ ଚିଠିଟିକୁ ଆଗରୁ ଲେଖି ଆଣିଥିଲା ଓ ସୁବିଧା ଦେଖି ସେ ଖଣ୍ଡିକ ସେ ପକାଇ ଦେଇଗଲା ଘରଟି ଭିତରେ ।

ଚଠି ଖଣ୍ଡିକ ପଢ଼ି ସାର ରୋମାଞ୍ଚମୟ ଉତ୍ତେଜନାରେ ଆବିଷ୍ଟ ହୋଇ ଅତନୁ ପୋଷାକ ବଦଳାଇ ବାହାରକୁ ଯିବା ଲଗି ପ୍ରସ୍ତୁତ ହେଲା । ଦେଖାଯାଉ ଏହି ଅପରିଚିତା ନାରୀ କେତେଦୂର ତାକୁ ନେଇଯାଇପାରେ···

ପନ୍ଦର ମିନଟ୍ ଭିତରେ ପୋଷାକ ଇତ୍ୟାଦି ବଦଳାଇ ଅତନୁ ହୋଟେଲରୁ ବାହାରି ସଦର ରାସ୍ତା ଦେଇ ଚାଲିବାକୁ ଲଗିଲା । ଠିକ୍ ପର ମୂହୂର୍ତ୍ତରେ କୌଣସି ଗୋଟିଏ ଗୁପ୍ତ ସ୍ଥାନରୁ ବାହାରି ପଡ଼ି ଆଉ ଜଣେ ଭଦ୍ରଲୋକ କାହାକୁ କିଛି ନ ପଚାରି ସିଧାସିଧା ଉପରକୁ ଉଠିଗଲା । ବୋଧ୍‌ହୁଏ ଲୋକଟି ଅତନୁର ପ୍ରସ୍ଥାନ ଲଗି ଅପେକ୍ଷା କରୁଥିଲା । ସେ ଯେଉଁ କକ୍ଷଟିରେ ଥାଏ ଉକ୍ତ କକ୍ଷର ଦ୍ୱାର ନିକଟକୁ ଆଗେଇ ଆସିଲା ଏହି ଲୋକଟି ।

ପ୍ରକାଣ୍ଡ ଚେହେରା, ଗୋଲାକାର ମୁହଁଟି, ବୁଲ୍‌ଡଗ୍ ପରି ଭୀଷଣ—ଉପର ଓଠରେ ସଦ୍ୟ ଆଘାତପ୍ରାପ୍ତ କ୍ଷୀଣ ଗୋଟିଏ ନାଲି ଦାଗ !

ଦ୍ୱାର ନିକଟରେ ପହଞ୍ଚି ପକେଟରୁ ପେନ୍ସିଲ ଟିଏ ବାହାର କରି ତାଲା ଖୋଲି ଘର ଭିତରେ ପ୍ରବେଶ କଲା ଏହି ଲୋକଟି ।

ଇଆଡ଼େ କିଛି ବାଟ ଆଗେଇ ଆସିବା ପରେ ଅତନୁର ହଠାତ୍ ଯେପରି କଣ ମନେ ପଡ଼ିଗଲା । ଥମକି ଛିଡ଼ା ହୋଇଗଲା ସେ । ସୁଟ୍‌କେସଟିର କଥା ସେ ଭୁଲି ଯାଇଥିଲା, ଆଉ ମଧ୍ୟ ଲୀଳାର ଚିଠିଟିକୁ ସେ ଟେବୁଲ ଉପରେ ରଖି ଦେଇ ଆସିଛି— ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁ ଯଦି ତାର ଅନୁପସ୍ଥିତିରେ ଖାନତଲାସ୍ କରନ୍ତି, ତାହାହେଲେ ତ ସବୁ ପରିଷ୍କାର ହୋଇଗଲା·· ହୋଟେଲର ମାଲିକ ମଧ୍ୟ ତାଙ୍କୁ ବାଧା ଦେଇ ପାରିବେ ନାହିଁ ।

ଅତନୁ ଫେରିଲା । ଲମ୍ବା ଲମ୍ବା ଗୋଡ଼ ପକାଇ ଏକା ଥରେ ଦୁଇ ତିନୋଟା ପାହାଚ ଡେଇଁ ସେ ଆସି ପହଞ୍ଚିଲା ଦୁଆର ପାଖରେ । ଦ୍ୱାର ବନ୍ଦ ଅଛି, ଅତନୁ କିଞ୍ଚିତ ଆଶ୍ୱସ୍ତ ହେଲା—ତାହାହେଲେ ବ୍ରଜକିଶୋରବାବୁ ଆଉ ଫେରି ନାହାନ୍ତି ।

ପକେଟରୁ ଚାବି ବାହାର କରି ତାଲା ଖୋଲିବାକୁ ଉଦ୍ୟତ ହେଲାବେଳେ ଘଟଣାଟି ଜଣାପଡ଼ିଲା । ଅର୍ଥାତ୍ କେହି ତାଲା ଖୋଲି ଦୁଆରଟିକୁ ଆଉଜାଇ ଦେଇଛି । ଭିତରେ କେହି ନିଶ୍ଚୟ ଅଛି ତାହାହେଲେ !

ଅତନୁ ଭାବିଲା ହୋଟେଲର କେହି ଚାକର ଘରଗୁଡ଼ିକୁ ଝାଡ଼ିବା ପାଇଁ ବୋଧହୁଏ ତାଲା ଖୋଲି ଭିତରେ ଅଛି—ଘରର ମାଲିକ ନ ଥିବା ଅବସ୍ଥାରେ ମଧ୍ୟ ସେମାନେ ମେନେଜରଙ୍କ ପାଖରୁ ଚାବି ଆଣି ଘର ଝାଡ଼ା-ଝାଡ଼ି କରିବା ପ୍ରଥା ଏହି ହୋଟେଲରେ ପ୍ରଚଳିତ ଅଛି ।

ଧୀରେ ଠେଲି ଭିତରେ ପ୍ରବେଶ କଲା ଅତନୁ ।

ଘରର ଅବସ୍ଥା ଦେଖି ଆଖିପତା ଦୁଇଟି ଧନୁ ପରି ବଙ୍କେଇ ଆସିଲା । କେହି ନିଶ୍ଚୟ ଅତି ଦ୍ରୁତଭାବରେ ଘରର ଯାବତୀୟ ପଦାର୍ଥଗୁଡ଼ିକ ଏଣେତେଣେ ବିକ୍ଷିପ୍ତ କରିଛି, ଟେବୁଲ ଉପରେ ଥିବା ଲୀଳାର ଚିଠିଟି ମଧ୍ୟ ଅଦୃଶ୍ୟ ।

ମୁଣ୍ଡ ଘୂରିବାକୁ ଲାଗିଲା ଅତନୁର । ତକିଆତଳେ ପରୀକ୍ଷା କରି ଦେଖିଲା ସୁଟ୍‌କେସଟି ଅନ୍ତର୍ହିତ ହୋଇଛି ! ଶରୀରର ସମସ୍ତ ରକ୍ତ ଯେପରି ପାଣି ହୋଇଗଲା । ନିଶ୍ଚୟ ଏହା ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁଙ୍କର କାର୍ଯ୍ୟ ! କିନ୍ତୁ ଏତେ ଶୀଘ୍ର ଫେରି ଆସିବା କି ତାଙ୍କ ପକ୍ଷରେ ସମ୍ଭବ !

ନୀରବରେ ଭାବିବାକୁ ଲାଗିଲା ଅତନୁ । ପ୍ରସ୍ଥାନ ଓ ପ୍ରତ୍ୟାବର୍ତ୍ତନ ଏହି ପାଞ୍ଚ ମିନିଟ ସମୟ ଭିତରେ କିଏ ଏପରି ତାଲା ଭାଙ୍ଗି ଭିତରେ ପ୍ରବେଶ କରିବା ସମ୍ଭବ ! ସେ କଣ ଏପର୍ଯ୍ୟନ୍ତ ଭିତରେ ଅଛି ନା, କାର୍ଯ୍ୟ ଶେଷ କରି ଚମ୍ପଟ ଦେଇଛି ।

ରୋମାଞ୍ଚିତ ହେଲା ଅତନୁ ! ନା, ଲୋକଟି ବୋଧହୁଏ ତାରି ଶୋଇବା ଘରକୁ ଲାଗି ଯେଉଁ ଛୋଟ ଘର ଖଣ୍ଡିକ ଅଛି ନିଶ୍ଚୟ ସେ ସେହି ଘରଟି ଭିତରେ ଅଛି । ଯେତେଦୂର ସମ୍ଭବ ଏ ଧାରଣା ସତ୍ୟ, ଯେହେତୁ ସେ ଯଦି ଏ ଘର ତ୍ୟାଗ କରିଥାନ୍ତା ତାହାହେଲେ ଫେରିବାବେଳେ ହୋଟେଲର ଫାଟକ ମୁହଁରେ ର ତା' ସହିତ ଅତନୁର ଦେଖା ହୁଅନ୍ତା !

ଚାରିଆଡ଼େ ଗଭୀର ନୀରବତା ! ହଠାତ୍ ଗୋଟିଏ ଅସ୍ପଷ୍ଟ ଶବ୍ଦ ଅତନୁର କର୍ଣ୍ଣ-ବିବରରେ ଆସି ପ୍ରବେଶ କଲା । ଶବ୍ଦଟି ଆସୁଛି ପାଖ ଘରଟି ଭିତରୁ ! ଠିକ୍ ଆଉ ଘର ଭିତରୁ ଆସୁଛି ଶବ୍ଦଟି ! ତାହାହେଲେ ଲୋକଟି ଘର ଛାଡ଼ି ପଦାକୁ ବାହାରି ଯାଇନାହିଁ । ଦୁଇ ଘରର ମଧ୍ୟସ୍ଥଳରେ ଥିବା ଭାରି ପର୍ଦ୍ଦାଟା ସହସା ଦୋହଲିବାକୁ ଲାଗିଲା—ମନୁଷ୍ୟ କିମ୍ବା କୌଣସି ଅତିକାୟ ପଶୁର ନିଃଶ୍ୱାସର ଉତ୍ଥାନ ପତନ ଶବ୍ଦ ପର୍ଦ୍ଦାର ପଛଆଡୁ ଶୁଣାଯାଉଥିଲା ଅତି ସୁସ୍ପଷ୍ଟଭାବେ ।

ଆଉ ସ୍ଥିର ଭାବେ ଛିଡ଼ା ହେବା ଉଚିତ ନୁହେଁ ଭାବି ଅତନୁ କ୍ଷିପ୍ର ହସ୍ତରେ ପରଦାଟିକୁ ଆଡ଼େଇଦେଲା । ଯୁଦ୍ଧ ଯେତେବେଳେ ଆରମ୍ଭ ହୋଇଛି, ଭଲଭାବେ ଲାଗିଯାଉ । ପୁଲିସର ଲୋକ ହେଲେ ମଧ୍ୟ ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁଙ୍କ ତାଙ୍କର

ଏହ୍ପ ଔଦ୍ଧତ୍ୟ ହେତୁ ଯଥୋଚିତ ଶିକ୍ଷା ଦାନ କରିବ, ଅପମାନ ଦେଇ ଘରୁ ବାହାର କରି ଦେବ ସେ । ଏଥିପାଇଁ ଯଦି ତାଙ୍କୁ ଜୋରିମାନା ଦେବାକୁ ହୁଏ ସେ ପ୍ରସ୍ତୁତ । ଅନଧିକାର ପ୍ରବେଶ ପୁଲିସ ପକ୍ଷରେ ମଧ୍ୟ ବେ-ଆଇନ !

ଘର ଭିତରକୁ ପଶିଯିବା ମାତ୍ରେ ଦାରୁଣ ବିସ୍ମୟରେ ମୂହ୍ୟମାନ ହୋଇ ପଡ଼ିଲେ ଅତନୁ । ଘର ଭିତରେ ଯାହାକୁ ସେ ଦେଖୁଛନ୍ତି ସେ ତ ଇନ୍‌ସ୍‌ପେକ୍ଟର ବ୍ରଜକିଶୋରିବାବୁ ନୁହନ୍ତି— ବିଶାଳକାୟ ଜଣେ ଅପରିଚିତ ବ୍ୟକ୍ତି ପାହାଡ଼ ପରି ଠିଆ ହୋଇଛି ତା'ର ସମ୍ମୁଖରେ, ଅଟଳ ଅଚଳ ।

ଅତନୁର ମନେ ପଡ଼ିଲା, କାଲି ରାତିରେ ଚୌଧୁରୀ-ଭବନ ସମ୍ମୁଖରେ ଏହି ଲୋକଟି ସହିତ ତାର ଧକ୍‌କା ହୋଇଥିଲା ।

ଲୋକଟି ଠିକ୍ ସମ୍ମୁଖରେ ଆସି ଠିଆ ହେବାମାତ୍ରେ, କାଖତଳେ ଲୁଚାଇଥିବା ଲୀଲାର ସୁଟ୍‌କେସ୍‌ଟି ପରିଷ୍କାର ଭାବେ ଦେଖାଗଲା ବାହାରକୁ । ଅତନୁର ଦୃଷ୍ଟି ସୁଟ୍‌କେସ୍ ଉପରେ ପଡ଼ିବା ମାତ୍ରେ ମୁଣ୍ଡଭିତରେ ବଜ୍ରର ଆଘାତ ଯେପରି ପାଇଲା ସେ । କ୍ରୁଦ୍ଧ ଅଜଗର ପରି ହୁଙ୍କାର ଛାଡ଼ି ସେ ଆଗନ୍ତୁକର କାଖ ତଳୁ ଲୀଲାର ସୁଟ୍‌କେସ୍‌ଟିକୁ ଛଡ଼ାଇ ନେଇ ସଜୋରରେ ଘରର ଗୋଟିଏ କୋଣରେ ନିକ୍ଷେପ କଲା । କ୍ରୋଧ ଓ ଉତ୍ତେଜନାରେ ସର୍ବାଙ୍ଗ ତାର ଭୟଙ୍କରଭାବେ ଥରିବାକୁ ଲାଗିଲା ସେତେବେଳେ !

—କିଏ ତୁମେ ? କଣ ପାଇଁ ମୋ ଘର ଭିତରେ ଆସି ପଶିଛ ? ଜାଣ, ଏସବୁ ବେ-ଆଇନ—କହିଲା ଅତନୁ ।

ଅତନୁର କଥା ଓ ଭାବଭଙ୍ଗୀ ଦେଖି ଭୟ ପାଇବା କଥା ! କିନ୍ତୁ ଲୋକଟାର ସାହସ କେଡ଼େ ଦୁର୍ଜ୍ଜୟ ! ନିଷ୍କମ୍ପ ନିର୍ଭୟ ଚିତ୍ତରେ କଥାଗୁଡ଼ିକ ସହ୍ୟ କରିନେଲା ସେ । ତା ପରେ, ମୁହଁ ବଙ୍କାଇ

କର୍ତ୍ତୃତ୍ୱଭଙ୍ଗୀରେ କହିଲା—ଆଇନ୍ ତୁମେ ଏକା ଜାଣ ବୋଲି ମନେ କରନା । ମୁଁ ମଧ୍ୟ ବେଶି ସମୟ ଏଠାରେ ନଷ୍ଟ କରିବାକୁ ଆସିନାହିଁ ! ଶିଶିଗୁଡ଼ିକ କେଉଁଠି ରଖିଛ କୁହ ! ସୁଟ୍‌କେସ୍‌ରୁ ବାହାର କରି କେଉଁଠି ରଖିଛ ?

ବିସ୍ମୟକର ମୁହୂର୍ତ୍ତଟିକୁ କୌଣସି ପ୍ରକାରେ ଏଡ଼ାଇ ଅତନୁ ଦୃଢ଼ସ୍ୱରରେ ପ୍ରଶ୍ନ କଲା—ତୁମେ କିଏ ?

ଲୋକଟି ତତୋଽଧିକ ଦୃଢ଼କଣ୍ଠରେ କହିଲା—ମୁଁ ବିନୋଦ ଦାସ ! ଏଥର ଚିହ୍ନିପାରିଲ ତ ?

—ନା, ତଥାପି ଚିହ୍ନିପାରିଲି ନାହିଁ । ପରିଚୟ ମୁଁ ଜାଣି-ବାକୁ ଚାହେଁନା । ମୁଁ କେବଳ ଜାଣିବାକୁ ଚାହେଁ, କେଉଁ ଅଧିକାର ବଳରେ ତୁମେ ଆସି ପର ଘରର ଚାଳଭିଙ୍ଗି ଜିନିଷପତ୍ର ଘଣ୍ଟା-ଘଣ୍ଟି କରିବାକୁ ସାହସ କରିଛ ? ଗୋଟିଏ ଘୁଷିରେ ମୁଣ୍ଡର ଖପୁରି ଝଡ଼ାଇଦେବି, ଜାଣ ?

ଏ ସବୁ ବୃଥା ଆସ୍ଫାଳନ ! "ବିନୋଦ" ନାମଧେୟ ଲୋକଟି ଏହି ଆସ୍ଫାଳନ ଦେଖି ବିନ୍ଦୁମାତ୍ର ବିଚଳିତ ନ ହୋଇ କହିଲା—ସାହସ ତ' କିଛି କମ୍ ନୁହେଁ ! ଯେତେ ସହଜ ବୋଲି ମନେ କରୁଛ ବସ୍ତୁତଃ ତାହା ସେତେ ସହଜ ନୁହେଁ ମିଷ୍ଟର.....

ଅତନୁ ରାଗରେ ଫୁଲିବାକୁ ଲାଗିଲା । ଟେଲିଫୋନ୍ ଯନ୍ତ୍ରଟି ପାଖକୁ ଆଗେଇ ଆସି ଫୋନ୍ କରିବା ଲାଗି ପ୍ରସ୍ତୁତ ହେଲା । ତାହା ଦେଖି ବିନୋଦ ହସି ହସି କହିଲା—ପୁଲିଶରେ ଖବର ଦେବାକୁ ବସିଛ ନିଶ୍ଚୟ ! ବେଶ୍ ଭଲକଥା । ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁ ଆସନ୍ତୁ, ସୁଟ୍‌କେସ୍ ଭିତରେ ଯେଉଁ ପଦାର୍ଥ-ଗୁଡ଼ିକ ଅଛି ତାହା ଦେଖନ୍ତୁ । ସାଦା ଗୁଣ୍ଡିଗୁଡ଼ିକ କି ପଦାର୍ଥ ଜାଣ, ମିଷ୍ଟର ! କୋକେନ୍ — କୋକେନ୍ ! ଆଜି ଏହି କଥା

ଅଙ୍ଗୁଳିଟି ......ଏ କଣ, ବୋକାଙ୍କ ପରି ଗୃହଁଛ କାହିଁକି ? ଘଣ୍ଟାଏ ତଳେ ତରୁଣୀଟି ଏଠାକୁ ଆସିଥିଲା ଏହା କଣ ତୁମେ ଅସ୍ୱୀକାର କରିପାରିବ ? ଏହି ସୁଟ୍‌କେସ୍‌ଟି ଯେ ତାର ଏହା ମୁଁ ହଲପ କରି କହିପାରେ ।

ବିନୋଦ ରୁମାଲ୍ ଦ୍ୱାରା ମୁହଁଟିକୁ ପୋଛି ନେଇ କହିଲା — ଏଥର ଯାହା ଭଲ ବୋଲି ବିବେଚନା କର ତାହାହିଁ କର । ମୋ କାମ ଶେଷ ହେଲେ ମୁଁ ନିଶ୍ଚିନ୍ତରେ ଫେରିଯିବି, ତୁମେ ମଧ୍ୟ ନିର୍ବିଘ୍ନରେ ତୁମ କାମ କରିଯାଉଥିବ । ହୀରାଗୁଡ଼ିକ କେଉଁଠି ରଖିଛ ଦିଅ ।

ପ୍ରକୃତରେ ଏ ସବୁ ଶୁଣି ଅତନୁ ଯେପରି କାଠ ପାଲଟି-ଯାଇଛି । ଟେଲିଫୋନ୍ ଯନ୍ତ୍ର ଉପରୁ ହାତଟି ଧୀରେ ଧୀରେ ଅଲଗା ହୋଇଗଲା — ଆଘାତ ଓ ପ୍ରତିଘାତରେ ମୁଣ୍ଡ ଭିତରଟା ଯେପରି ଶୂନ୍ୟ ବୋଧ ହେଉଥାଏ — ଚିନ୍ତା-କେନ୍ଦ୍ରର ସ୍ନାୟୁଗୁଡ଼ିକ ଶିଥିଳ, କିଂ-କର୍ତ୍ତବ୍ୟବିମୂଢ଼ ଅବସ୍ଥା......କିଏ ଏହି ବିନୋଦ ଦାସ ? ଅତନୁ ପାଖରେ ଯେ ଲିଲାର ସୁଟ୍‌କେସ୍‌ଟି ଅଛି ତାହା ସେ ଜାଣିଲା କିପରି ? ହୀରାଗୁଡ଼ିକର ପ୍ରକୃତ ମାଲିକ କିଏ ?

ଆହୁରି ମଧ୍ୟ ପୁଲିସର ଆଗମନ ସମ୍ଭାବନାରେ ସୁଦ୍ଧା ଲୋକଟା ତିଳେମାତ୍ର ବିବ୍ରତ ନ ହେବା କାରଣ କଣ ?

କେତେ ପ୍ରକାର ପ୍ରଶ୍ନ ମନରେ ଉଦୟ ହେଲା ତାର, କିନ୍ତୁ ଗୋଟିଏ ହେଲେ ପ୍ରଶ୍ନର ସମାଧାନ କରିପାରିଲା ନାହିଁ ସେ । ଅସହାୟ ଅତନୁ ସହସା କ୍ରୁଦ୍ଧ ହୋଇ ଉଠିଲା । ଗର୍ଜନ କରି କହିଲା — ତୁମେ ଏ ଘରୁ ଯିବ କି ନାହିଁ କୁହ ।

ବାହାରିଯିବାର କୌଣସି ଲକ୍ଷଣ ପ୍ରକାଶ ନ କରି ବିନୋଦ କହିଲା — ନା । ଖାଲି ହାତରେ ଯିବା ଲାଗି ଏତେ ପରିଶ୍ରମ କରି

ମୁଁ ଅସିନାହିଁ । ଜୟପ୍ରକାଶର ଦଶା ସ୍ୱ-ଚକ୍ଷୁରେ ଦେଖିଛ ତ ? ବୋକାଙ୍କ ପରି ଅନ୍ୟ କଥା ନେଇ ଖେଳିଲେ ତୁମର ମଧ୍ୟ ଏହି ଦଶା ହେବ । ଏସବୁ ଘଟିବା ପୂର୍ବରୁ ସୁନା ପିଲାଟି ପରି ହୀରଗୁଡ଼ିକ କାଢ଼ି ମୋ ହାତରେ ଦିଅ—ସେଗୁଡ଼ିକ ନ ନେଇ ଏ ସ୍ଥାନ ମୁଁ ତ୍ୟାଗ କରୁନାହିଁ ।

ଏଥର ଅତନୁ ନିଜକୁ ଆଉ ଆୟତ୍ତରେ ରଖିପାରିଲା ନାହିଁ ଚିତ୍କାର କରି କହିଲା— ସ୍କାଉଣ୍ଡ୍ରେଲ୍, ଡାକୁ···ଏ ସ୍ଥାନ କେମିତି ତ୍ୟାଗ ନ କରିବ ମୁଁ ଦେଖୁଛି·····କହୁ କହୁ ଉନ୍ମତ୍ତଙ୍କ ପରି ସେ ବିନୋଦକୁ ଆକ୍ରମଣ କଲା । ଅତର୍କିତଭାବେ ଆକ୍ରାନ୍ତ ହୋଇ ବିନୋଦ କ୍ରମେ ପଛକୁ ହଟିବାକୁ ଲାଗିଲା, କିନ୍ତୁ ସେ ଯେ କାତର ହୋଇ ପଡ଼ୁଛି ଏହା ତାର ମୁହଁରୁ କିମ୍ବା ଭାବଭଙ୍ଗୀରୁ ଜଣା ପଡ଼ିଲା ନାହିଁ ।

ପଛେଇ ପଛେଇ କିଛିଦୂର ଆସି ଡାହାଣ ହାତ ପକେଟରେ ଭର୍ତ୍ତି କରି ଗୋଟିଏ ଦୀର୍ଘାକୃତି ପିସ୍ତଲ ବାହାର କଲା । ମାରଣାସ୍ତ୍ର ସମ୍ମୁଖରେ ଦେଖି ଅତନୁର ଅନ୍ତରାତ୍ମା ଭୟରେ ଥରି ଉଠିଲା, ଠିକ୍ ସେତିକି ବେଳେ ପିସ୍ତଲର ପଛପଟ ତାର କାନ-ମୁଣ୍ଡାରେ ବସିବା ମାତ୍ରେ ଘୁରିଆଡ଼ି ଅନ୍ଧକାର ଦେଖାଗଲା ତାକୁ·····

ମୃତପ୍ରାୟ ଅତନୁ କାନଟିକୁ ଧରି ବସିପଡ଼ିଲା ତଳେ ।

ଅଧଘଣ୍ଟା ପରେ ଯନ୍ତ୍ରଣା ଟିକିଏ ଉପଶମ ହେଲାରୁ ସେ ବୁଝିପାରିଲା ମୁଣ୍ଡ ଭିତରଟା ତାର ଖୁବ୍ ଭାବେ ବିନ୍ଧିବାକୁ ଲାଗିଛି —ମଣେ ଓଜନର କୌଣସି ଭାରି ବସ୍ତୁ ଯେପରି ଲଦା ହୋଇଛି ମୁଣ୍ଡ ଉପରେ । ଧୀରେ ଧୀରେ ଉଠି ଘୁରିଆଡେ଼ ଆଖି ବୁଲାଉ ବୁଲାଉ ସେ ଦେଖି ପାରିଲା ସୁଟ୍‌କେସ୍ ଖଣ୍ଡିକ ଘରର ଗୋଟିଏ

କୋଣରେ ପୂର୍ବପରି ପଡ଼ିଛି···ବିନୋଦ ଘର ଭିତରେ ନାହିଁ··· ବିନୋଦ ଅଦୃଶ୍ୟ···

ଘର ଭିତରେ ଦକ୍ଷ ଯଜ୍ଞ ଆରମ୍ଭ ହୋଇଛି ଯେପରି··· ଯାବତୀୟ ପଦାର୍ଥ ଇତଃସ୍ତତଃ ବିକ୍ଷିପ୍ତ···ହୋଟେଲର କର୍ତ୍ତୃପକ୍ଷଙ୍କୁ କଣ ସେ କୈଫିୟତ ଦେବ !

କୌଣସି ପ୍ରକାରେ କାନ୍ଥ ଉପରେ ଭର ଦେଇ ଟଳି ଟଳି ସେ ଆସି ବାଥ-ରୁମ୍‌ରେ ପହଞ୍ଚିଲା । ହୀରାଗୁଡ଼ିକ ଯଥା ସ୍ଥାନରେ ଅଛି କି ନାହିଁ ଦେଖିବା ଆବଶ୍ୟକ । ନାଲି ସୂତାଟିକୁ ଦେଖି ଆନନ୍ଦରେ ମନ ତାର ଉତ୍ଫୁଲ୍ଲ ହୋଇ ଉଠିଲା । ଅଭିନବ ଗୃହସଜ୍ଜା ନିକଟରେ ବିନୋଦର ଅନୁସନ୍ଧାନ ବ୍ୟର୍ଥ ହୋଇଛି, ହୀରାଗୁଡ଼ିକ ଯଥାସ୍ଥାନରେ ଅକ୍ଷତ ଅବସ୍ଥାରେ ଅଛି କି ନାହିଁ ତାହା ପରୀକ୍ଷା କରିବା ମାନସରେ ସେ ସୂତାଟିକୁ ପରୀକ୍ଷା କରିବାକୁ ଲାଗିଲା ।

ସୂତାଟିକୁ ଟାଣିବାକୁ ବସିଛି ପଶ୍ଚାତରୁ କଣ୍ଠସ୍ୱର ଶୁଣି ସେ ଚମକିପଡ଼ିଲା । ବିନୋଦ କହୁଥାଏ—ତାହାହେଲେ ପାଇପ୍ ଭିତରେ ହୀରାଗୁଡ଼ିକ ଲୁଚାଇ ରଖିଛ, ନୁହେଁ ! ଭାବିଥିଲି, ନିରାଶ ହୋଇ ମୋତେ ଫେରିବାକୁ ପଡ଼ିବ । ମୁଁ ଜାଣେ, ବୋକା ଜାଲିଆତି ନିଦରୁ ଉଠି ଚୋରା-ମାଲ୍ ଗୁଡ଼ିକ ଠିକ୍ ଭାବେ ଅଛି କି ନାହିଁ ତାହା ସେ ଆଗେ ନିଶ୍ଚୟ ଦେଖିବ !

ଚମକିତ ଉଦ୍‌ଭ୍ରାନ୍ତ ଅତନୁ, ନିକଟରେ ପଡ଼ିଥିବା ଖଣ୍ଡିଏ ଟୁଲ୍ ଉପରେ ଥକା ମାରି ବସିପଡ଼ିଲା । ଶେଷ-ରକ୍ଷା ସେ କରି-ପାରିଲା ନାହିଁ । ଲୋକଟା କେଡ଼େ ବଡ଼ ଧୂର୍ତ୍ତ ଦେଖ ତ ! ଆଲମାରୀ କରରେ ଲୁଚି ରହି ଅତନୁର କାର୍ଯ୍ୟକଳାପ ସେ ଲକ୍ଷ୍ୟ କରୁଥିଲା— ସହଜ ଲୋକ କଦାପି ନୁହେଁ ସେ···

ନିଜେ ପ୍ରତାରିତ ହୋଇଥିବା ହେତୁ ନିଜକୁ ଧିକ୍କାର ଦେବାକୁ ଲାଗିଲା ଅତନୁ ! ବର୍ତ୍ତମାନ ତାହାହେଲେ କଣ କରିବା ଉଚିତ ! ପ୍ରତିରୋଧ କରିବା ବୃଥା । ପିସ୍ତଲ ଧରି ଲୋକଟି ପ୍ରସ୍ତୁତ ହୋଇ ସମ୍ମୁଖରେ ଠିଆ ହୋଇଛି, ଶରୀରରେ ମଧ୍ୟ ପର୍ଯ୍ୟାପ୍ତ ଶକ୍ତି । ଏପରି ଅବସ୍ଥାରେ···

କେଜାଣି କାହିଁକି ମୁଣ୍ଡଟା ତାର ଘୁରିବାକୁ ଲାଗିଲା··· ଚକ୍ଷୁର ଡୋଳା ଦୁଇଟି କ୍ରମେ କପାଳ ସ୍ପର୍ଶ କରୁଛି ଯେପରି— ସର୍ବାଙ୍ଗ ଭୀଷଣଭାବେ ଥରି ଥରି ଶରୀର କ୍ଳାନ୍ତ ଯୋଗୁଁ ଷ୍ଟୁଲ୍ ଉପରୁ ଖସି ତଳେ ପଡ଼ି ଜ୍ଞାନ ହରାଇଲା ବୋଧହୁଏ— ତାର ସେହି ନିସ୍ପନ୍ଦ ଶରୀର ପ୍ରତି ଅବଜ୍ଞାଭରା ଦୃଷ୍ଟି ନିକ୍ଷେପ କରି ବିନୋଦ ଅସୀମ ସୁଖ ଉପଭୋଗ କରିବାକୁ ଲାଗିଲା ।

ଷ୍ଟୁଲ୍ ଉପରେ ପିସ୍ତଲଟିକୁ ରଖି ଦେଇ ବିନୋଦ ପାଇପ୍ ପାଖକୁ ଆଗେଇ ଆସି ସ୍କ୍ରୁଗୁଡ଼ିକ ବାହାର କରିବା ଲାଗି ଚେଷ୍ଟା କଲା । କେବଳ ସୂତାଟିକୁ ଟାଣି ଦେଲେ କାର୍ଯ୍ୟୋଦ୍ଧାର କରିପାରିଥାନ୍ତା ସେ, କିନ୍ତୁ କାହିଁକି କେଜାଣି ନିର୍ବୋଧଙ୍କ ପରି ପାଇପ୍ ମୁହଁରେ ଥିବା କେତେଗୁଡ଼ିଏ ପେଚକୁ ଖୋଲିବା ପାଇଁ ଚେଷ୍ଟା କଲା ବିନୋଦ ।

ଅତନୁ ଯେ ପ୍ରକୃତରେ ଜ୍ଞାନ ହରାଇ ପଡ଼ିଥିଲା ତାହା ନୁହେଁ, ଏହା ତାର ଅଭିନୟ ମାତ୍ର । ମନ ଭିତରେ କୌଣସି ଉପାୟ ଉଦ୍ଭାବନ କରି ସେ ମୂର୍ଚ୍ଛା ଯାଇଥିଲା ନିଶ୍ଚୟ ! ଧୀରେ ଧୀରେ ଚକ୍ଷୁ ଖୋଲି ଅତି ସନ୍ତର୍ପଣରେ ସେ ଉଠି ବସିଲା···ବିନୋଦ ସେତେବେଳେ ତା' ଆଡ଼େ ପିଠି କରି ପାଇପ୍‌ର ଜଏଣ୍ଟ ସ୍ଥାନଟିକୁ ଖୋଲିବାରେ ବ୍ୟସ୍ତ···ଏଇ ତ ସୁଯୋଗ···ଷ୍ଟୁଲ୍ ଉପରେ ଥିବା

ପିସ୍ତଲଟିକୁ ନିଃଶବ୍ଦରେ ବାହାରେଇ ଧରିଲା ଅତନୁ···ତା ପରେ, ରୁଦ୍ଧ ନିଃଶ୍ୱାସରେ ସେ ଆସି ଠିଆହେଲା ବିନୋଦ ପଛରେ ।

ହୁଏତ ଅଳ୍ପ ଶବ୍ଦ ଶୁଣାଯାଉଥିଲା । ସେଥି ଶବ୍ଦ ବାରି ପାରି ବିନୋଦ ଚକିତରେ ଫେରିଚାହିଁଲା ପଛକୁ···କିନ୍ତୁ ସେତେବେଳେ ଆତ୍ମରକ୍ଷା କରିବା ଭଳି ଯଥେଷ୍ଟ ଅବସର ଆଉ ନ ଥିଲା । ପିସ୍ତଲଟି ଧୀରେ ଧୀରେ ଆଗେଇ ଆସିଲା ତାର ମୁଣ୍ଡ ପାଖକୁ । ଅତନୁ ଅପେକ୍ଷା ଯଥେଷ୍ଟ ବଳବାନ୍ ହେଲେ ସୁଦ୍ଧା ସମ୍ମୁଖରେ ଆଗ୍ନେୟାସ୍ତ୍ରଟିକୁ ଦେଖି ଶକ୍ତି ତାର କେଉଁଆଡ଼େ ଉଭେଇଗଲା···ଆଖି ଆଗରେ ଦେଖିପାରିଲା ମୃତ୍ୟୁର ନଗ୍ନ ରୂପ — ସେ ଦୃଶ୍ୟ ସେ ସହ୍ୟ କରି ନ ପାରି ଅସ୍ପଷ୍ଟ ଶବ୍ଦ କରି ସଶବ୍ଦରେ କମ୍ପିତ ହୋଇ ପଡ଼ିଗଲା ତଳେ । ତା ପରେ ସବୁ ସ୍ଥିର···ବିନୋଦ ସମସ୍ତ ଚେତନା ହରାଇ ମୃତ୍ତିକା ସ୍ପର୍ଶ କଲା ଏଥର ।

ଆଗରୁ ସବୁ କଥା ସ୍ଥିର କରି ରଖିଥିଲା ଅତନୁ । ବିନୋଦର ଅଚେତନ ଶରୀରଟାକୁ ଆଡ଼େଇ ଦେଇ, ଘର ଭିତରକୁ ଆସି ନିଜର ସୁଟ୍‌କେସ୍‌ରୁ କେତେଖଣ୍ଡ ଦଶଟଙ୍କିଆ ନୋଟ୍ ବାହାର କରି ପୁନର୍ବାର ଯାଇଫ୍ ପାଖକୁ ଫେରି ଆସିଲା । ନାଲି ସୂତାଟି ଟାଣି ମୁଡ଼ିଆଟିକୁ ବାହାର କରି ସେଥିରେ ଥିବା ହୀରକଖଣ୍ଡଗୁଡ଼ିକୁ କାଢ଼ି ନେଇ ନୋଟ୍ କେତେ ଖଣ୍ଡ ଉକ୍ତ ପୁଡ଼ିଆଟିରେ ରଖିଦେଲା । ପିସ୍ତଲଟିକୁ ଲୁଚାଇ ରଖିଲା ତକିଆ ତଳେ ।

ପ୍ରାୟ ଦୁଇ ତିନି ମିନିଟ୍ ଭିତରେ ସବୁ କାମ ଶେଷ କରି ଟେଲିଫୋନରେ ମେନେଜରଙ୍କୁ ଡାକିଲା ଅତନୁ । ବଡ଼ ଅଦ୍ଭୁତ ସମ୍ବାଦ ! ଡାକୁ ଆସି ତାର ଜିନିଷପତ୍ର ଲୁଟ୍ କରୁଛି । ଯେତେ ଦୂର ସମ୍ଭବ ଲୋକଟା ପାଗଳ — ତାହା ନ ହେଲେ ଦିନବେଳା ଘରେ ପଶି ଡାକୁ ଆକ୍ରମଣ କରନ୍ତା କାହିଁକି ?

ଆହୁରି ମଧ୍ୟ ସମ୍ବାଦ ଦେଲା, କୌଣସି ପ୍ରକାରେ ସେ ତାଙ୍କୁ ଆୟତ୍ତକୁ ଆଣିଛନ୍ତି—କିନ୍ତୁ ବର୍ତ୍ତମାନ ହୁଏ ତ' ସେ ପୁଣି ପାଗଳାମି ଆରମ୍ଭ କରିପାରେ, ତାଙ୍କୁ ଏଠାରୁ କୌଣସି ପ୍ରକାରେ ବିଦାୟ କରିବା ଦରକାର । ଖ୍ରିତହସ୍ତ ମେନେଜର ମଧ୍ୟ ଉପରକୁ ଆସୁଛନ୍ତି ବୋଲି ଟେଲିଫୋନରେ କହିଲେ ।

ବିନୋଦ ଦାସ କୌଣସି ପ୍ରକାରେ ଉଠି ମୁଣ୍ଡରେ ହାତ ବୁଲାଇବାକୁ ଲାଗିଲା । ଆଘାତ ନିଶ୍ଚୟ ଖୁବ୍ ଜୋରରେ ଲାଗିଥିଲା । ମୁଣ୍ଡ ଭିତରେ ଅସହ୍ୟ ଯନ୍ତ୍ରଣା ସେ ଅନୁଭବ କରୁଥାଏ ସେତେବେଳଯାଏ ।

ଦୁଇ ତିନି ଜଣ ଲୋକଙ୍କୁ ସାଙ୍ଗରେ ନେଇ ମେନେଜର ଆସି ଉପସ୍ଥିତ ହେଲେ । ସମସ୍ତ ଘଟଣାଟିକୁ ନିଜ ଆଖିରେ ଦେଖି ବିସ୍ମିତ ହେଲେ ଯଥେଷ୍ଟ ।

ଅତନୁ କହିଲା—ଲୋକଟା ପାଗଳ ଓ ଗୋଟାଏ ଗୁଣ୍ଡା ବୋଲି ମନେ ହେଉଛି । ହଠାତ୍ ଘର ଭିତରକୁ ପଶି ଆସି କହିଲା ମୁଁ କୁଆଡ଼େ କେତେଗୁଡ଼ାଏ ହୀରା ଘର ଭିତରେ ଲୁଚେଇ ରଖିଛି···ମୁଁ ତାଙ୍କୁ ଯେତେ ପ୍ରକାର ବୁଝାଇ କହିଲି ଯେ, ମୋ ପାଖରେ ଆଦୌ ହୀରା ଫିରା ନାହିଁ—ତୁମେ ଭୁଲ୍ ଖବର ପାଇଛ, ଲୋକଟା ସେ କଥାରେ କାନ ନ ଦେଇ ମୋର ଗଳା ଟିପି ଦେବାକୁ ଆଗେଇ ଆସିଲା । ବାଧ୍ୟ ହୋଇ ମୋତେ ଆତ୍ମରକ୍ଷା ପାଇଁ କୌଶଳ ଅବଲମ୍ବନ କରିବାକୁ ପଡ଼ିଲା । ପ୍ରଚଣ୍ଡଭାବେ ମୁଣ୍ଡରେ ଆଘାତ ପାଇ ଥଣ୍ଡା ହୋଇ ଲୋକଟା ଶୋଇପଡ଼ିଥିଲା, ବର୍ତ୍ତମାନ ଦେଖନ୍ତୁ ଉଠି ବସିଛି । ଯେତେ ଶୀଘ୍ର ପାରନ୍ତୁ ତାଙ୍କୁ ହୋଟେଲ ଭିତରୁ ବାହାର କରିଦିଅନ୍ତୁ—ଅତି ଭୀଷଣ ଲୋକ ସେ ।

—ଖାଲି ବାହାର କରିଦେଲେ ଚଳିବ ନାହିଁ, ତାକୁ ପୁଲିସ ଜିମ୍ମା ଦେବାକୁ ହେବ—ଗର୍ଜନ କରି କହିଲେ ମେନେଜର ।

ଅତନୁ ଉତ୍କଣ୍ଠିତସ୍ୱରରେ କହିଲା—ନା-ନା, ପୁଲିସରେ ଦେବା କିଛି ଦରକାର ନାହିଁ—ସେଥିରେ ସମସ୍ତେ ହଇରାଣରେ ପଡ଼ିବା । ମୋ ପାଖରୁ ଯଥେଷ୍ଟ ଶିକ୍ଷା ସେ ଲଭ କରିଛି, ଆଉ କିଛି ଉତ୍ତମ-ମଧ୍ୟମ ଦେଇ ବିଦାୟ କରିଦେଲେ ଆଉ କେବେ ଇଆଡ଼େ ଆସିବ ନାହିଁ ।

ବିନୋଦ ଦାସ ନିବିଷ୍ଟଭାବେ ସେମାନଙ୍କର କଥାବାର୍ତ୍ତା ଶୁଣୁଥିଲା । ଅତନୁର କଥା ଶେଷ ହେବା ମାତ୍ରେ ବକ୍ରତସ୍ୱରରେ କହିଲା—ନିଜେ ସାଧୁ ହୋଇଯାଉଛନ୍ତି ଯେ । ଆପଣଙ୍କ ଘରେ ହୀରା ନାହିଁ ?

ଈଷତ୍ ହସି ଅତନୁ ମେନେଜରଙ୍କୁ କହିଲା—ଘୋର ଉନ୍ମାଦ ବୋଲି ମନେ ହେଉଛି ।

—ମୁଁ ପାଗଳ ! ତାହାହେଲେ ହୀରା ଆପଣଙ୍କର ଘରେ ନାହିଁ ବୋଲି କହୁଛନ୍ତି ? ବାଥ-ରୁମ୍‌ର ପାଣିପାଇପ୍ ମୁହଁରେ ଯାହା ଲୁଚେଇ ରଖିଥାନ୍ତି ! ମୁଁ ସତ କହୁଛି କି ମିଥ୍ୟା କହୁଛି ତାହା ବର୍ତ୍ତମାନ ପ୍ରମାଣିତ ହୋଇଯିବ ।

ଅତନୁ ସେହିପରି ମେନେଜରଙ୍କ ଆଡ଼େ ଚାହିଁ କହିଲା—ଲୋକଟା ସାଙ୍ଘାତିକ ଚୋର । ମୁଁ ଯେ ପାଣି ପାଇପ୍ ମୁହଁରେ ଟଙ୍କା ପଇସା ପୁଡ଼ିଆ ବାନ୍ଧି ଲୁଚେଇ ରଖେ, ଏ ଖବର ସେ ନେଇ ସାରିଛି । ସେହି ଟଙ୍କା ଲୋଭରେ···

ବିନୋଦ ଚିତ୍କାର କରି କହିଲା—ମୁଁ ପ୍ରମାଣ କରିଦେବି, ମେନେଜରବାବୁ···ମୋ ସାଙ୍ଗରେ ଆସନ୍ତୁ ।

ଅଚନୁ ମେନେଜରଙ୍କ ଆଡ଼େ ଚାହିଁ କହିଲା—ଆପଣ ତା' ସାଙ୍ଗରେ ଯାଇ ଦେଖନ୍ତୁ...କିନ୍ତୁ ସାବଧାନ ଥିବେ, ପାଗଳଟା ବୋଧହୁଏ କାମୁଡ଼ି ଦେଇପାରେ ।

ସମସ୍ତେ ଆସି ବାଥ୍ ରୁମ୍‌ରେ ପହଞ୍ଚିଲେ ଓ ଅଳ୍ପ ସମୟ ଭିତରେ କହିଲ ପରିଭୂତ, ଅଭିଭୂତ ବିନୋଦର ସମ୍ମୁଖରେ ଅଚନୁର କଥାନୁସାୟୀ ପୁଡ଼ିଆ ଭିତରୁ ବାହାରିଲା କେତେ ଖଣ୍ଡ ଦଣ୍ଟଙ୍କିଆ ନୋଟ୍, ହୀରାମୁକ୍ତାର ଚିହ୍ନ ବର୍ଣ୍ଣ ସୁଦ୍ଧା କାହାରି ଦୃଷ୍ଟିଗୋଚର ହେଲା ନାହିଁ ।

ମେନେଜର କହିଲେ—ଲୋକଟା ଆଦୌ ପାଗଳ ନୁହେଁ... ଆପଣ ଯାହା କହୁଛନ୍ତି ସେ କଥା ଠିକ୍, ଲୋକଟା ସନ୍ଧାଣି ଚୋର । ତାକୁ ପୁଲିଶ ହାତରେ ଦେବା ଉଚିତ ।

ଅଚନୁ ବାଧା ଦେଇ କହିଲା—ନା, ସେସବୁ କରନ୍ତୁ ନାହିଁ । ବୃଥାରେ ହଇରାଣ ହେବା ଛଡ଼ା ଆଉ କିଛି ଲାଭ ନାହିଁ । ଆପଣ ଓ ମୁଁ ଉଭୟଙ୍କୁ କେତେ ପ୍ରକାର ଜମାନବନ୍ଦୀ ଦେବାକୁ ପଡ଼ିବ । ଓ'ଟା ଗୋଟାଏ ବସେଇ ବିଦା କରି ଦିଅନ୍ତୁ ।

ବିନୋଦ ଦାସର ଆଖି ଦୁଇଟିରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଉଥାଏ ଯେପରି । କିନ୍ତୁ କଥା କହିବାର ଶକ୍ତି ତାର ନ ଥାଏ । ମେନେଜର ଓ ତାଙ୍କର ଲୋକମାନେ ବିନୋଦକୁ ଧରି ବାହାରକୁ ଆସିଲେ ।

ମୁହଁରୁ ଖାଲି ପୋଛି ପ୍ରକାଣ୍ଡ ଗୋଟାଏ ନିଃଶ୍ୱାସ ତ୍ୟାଗ କଲା ଅଚନୁ । ଯାହାସବୁ ଘଟିଗଲା ତାହା ତ' କିଛି ସାମାନ୍ୟ କଥା ନୁହେଁ । ଗୋଟିଏ ବଡ଼ ଦଶା କଟିଗଲା ପରି ମନେ ହେଲା । ଜିନିଷ-ପତ୍ରଗୁଡ଼ିକୁ ସଜାଡ଼ି କପେ ଗରମ ଚା' ପାନ କରି ଟିକିଏ ସୁସ୍ଥତା

ବୋଧକଲା ଅତନୁ । କଟା ଆଙ୍ଗୁଳି, ନୀଳବର୍ଣ୍ଣ ଶିଶି ପ୍ରଭୃତି ରହସ୍ୟପୂର୍ଣ୍ଣ ପଦାର୍ଥଗୁଡ଼ିକକୁ ସୁଟ୍‌କେସ୍‌ରେ ଭର୍ତ୍ତି କରି ଅନ୍ୟ ଗୋଟିଏ ସ୍ଥାନରେ ଲୁଚାଇ ରଖିଲା ।

ତାକୁ ବର୍ତ୍ତମାନ ବାହାରକୁ ବାହାରିବାକୁ ହେବ । ଲୀଲା ତାକୁ ଆହ୍ୱାନ ଜଣାଇଛି···କିନ୍ତୁ କାହିଁକି ? ଯେଉଁ ରହସ୍ୟ-ଯବନିକା ତାର ଜୀବନ ଉପରେ ପ୍ରଭାବ ବିସ୍ତାର କରିଛି, ଲୀଲାର ସହାୟତାରେ ତାହା ଭେଦ କରିବା ସମ୍ଭବ ହୋଇପାରେ କି ନା ଦେଖାଯାଉ ।

ମିଶନ୍-ରୋଡ୍ସ୍ଥ ବ୍ଲକ ନମ୍ବର ୧୨ଟିକୁ ଖୋଜି ବାହାର କରିବା ଅତନୁ ପକ୍ଷରେ କିଛି ଅସୁବିଧା ବୋଧ ହେଲା ନାହିଁ । କିନ୍ତୁ ବ୍ଲକଟି ପାଖରେ ଠିଆ ହେବା ମାତ୍ରେ ଆଉ ଗୋଟାଏ କଥା ମନେ ପଡ଼ିଲା ଅତନୁର । ଟାଉନ୍-ବସ୍‌ରେ ଆସିବା ବେଳେ ଲୀଲା ତାକୁ ହୋଟେଲ-ଦ-ଇଭନିଂ-ମୁନ୍‌ରେ ଥାଏ ବୋଲି କହିଥିଲା, ଆଉ ଆଜି ସେ ଏଠାକାର ଠିକଣା ଦେଇ ଆସିଛି ! ଏସବୁ କି ରହସ୍ୟ ! ସେ ଯାହାହେଉ, ଆସିଛି ଯେତେବେଳେ ଆଉ ଫେରିଯାଇ ଲାଭ କଣ !

ରୁଦ୍ଧ ଦ୍ୱାରର କଡ଼ା ଧରି ଝଣ୍ ଝଣ୍ କଲା ଅତନୁ । କୌଣସି ଉତ୍ତର ସେ ପାଇଲା ନାହିଁ । ଆଉ ଥରେ—ତେବେ ବି କେହି ଦ୍ୱାର ଖୋଲିଲେ ନାହିଁ କିମ୍ବା କାହାରି ସ୍ୱରଶବ୍ଦ ଶୁଣାଗଲା ନାହିଁ । ତାହାହେଲେ ସେ କଣ ଭୁଲରେ ଅନ୍ୟ କେଉଁଠି ଆସି ପହଞ୍ଚିଛି ! ତଥାପି କେହି ହେଲେ ତ ଉତ୍ତର ଦିଅନ୍ତେ କିମ୍ବା ଦୁଆର ଖୋଲି ଦିଅନ୍ତେ !

ଅତନୁର ଅନ୍ୟମନସ୍କତା ଭିତରେ ହାତଟି ଯେ କେତେବେଳେ କବାଟ ଉପରେ ଶକ୍ତଭାବେ ପଡ଼ିଯାଇଛି ତାହା ସେ ବୁଝିପାରିଲା

ନାହିଁ । ବୁଝିପାରିଲା ଯେତେବେଳେ ଦ୍ୱାରଟି ଆପେ ଆପେ ସାମାନ୍ୟ ଫାଙ୍କ ହୋଇଗଲା । ବୋଧହୁଏ କେହି ଦୁଆରଟିକୁ କେବଳ ବାହାରଆଡ଼ୁ ଆଉଜାଇ ଦେଇ ଯାଇଥିଲା ।

ଭିତରକୁ ଉଙ୍କି ମାରି ଗୁହାଁଳା ଅତନୁ··· କାହାରି ସ୍ୱର ଶବ୍ଦ ଶୁଣାଯାଉ ନାହିଁ···କପରି ଗୋଟାଏ ସନ୍ଦେହ ଜାଗି ଉଠିଲା ମନ ଭିତରେ ତାର । କାଳବିଳମ୍ବ ନ କରି ଭିତରେ ପ୍ରବେଶ କଲା ସେ ।

ବାଁ-ପାଖରେ ଗ୍ଲେଟ ଗୋଟିଏ ଘର, କିନ୍ତୁ ଶୂନ୍ୟ । ଅତନୁ ଭିତରିଆଡ଼କୁ ଗୋଡ଼ ବଢ଼ାଇଲା । ଦକ୍ଷିଣପୂ କୋଠରୀଟି ବୋଧହୁଏ ଶୟନକକ୍ଷ । କୋଠରୀରୁ ଦୁଆର ମୁହଁରେ ସ୍ତ୍ରୀ-ଲୋକ ବ୍ୟବହାରୋପଯୋଗୀ ଯୋତା ଯୋଡ଼ାକ ଦେଖି ପାରି ଅତନୁ ତାହା ସାଙ୍ଗେ ସାଙ୍ଗେ ଚିହ୍ନିପାରିଲା ଏବଂ ଯୋତା ଯୋଡ଼ିକ ଲୀଳା ପିନ୍ଧି ଆଜି ସକାଳେ ତା' ପାଖକୁ ଯାଇଥିଲା । ଘରଟି ଭିତରେ ପ୍ରବେଶ କରି ସୁଦ୍ଧା ସେ ଲୀଳାର ସାକ୍ଷାତ ପାଇଲା ନାହିଁ ।

ଅନୁଚ୍ଚ କଣ୍ଠରେ ଲୀଳାର ନାମ ଧରି ଡାକିଲା ସେ । ଲୀଳା କିମ୍ବା ଅନ୍ୟ କାହାରି ଶବ୍ଦ କିମ୍ବା ପ୍ରତ୍ୟୁତ୍ତର ସେ ଶୁଣିପାରିଲା ନାହିଁ । ବିସ୍ମିତ ଅତନୁ ସେହି ଘରଟି ଭିତରେ ପଡ଼ିଥିବା ଖଟଟିର ଧଡ଼ପଡ଼ ଠକ୍ ଠକ୍ ଶବ୍ଦ ଶୁଣିପାରି କୌତୂହଳୀ ହୋଇ ଆଗେଇ ଆସିଲା ଓ ନିକଟସ୍ଥ ହୋଇ ସେ ଯେଉଁ ଦୃଶ୍ୟ ଅବଲୋକନ କଲା, ସମସ୍ତ ବୁଦ୍ଧି ଯେପରି କେଉଁଆଡ଼େ ଅନ୍ତର୍ହିତ ହେଲା ପରି ମନେହେଲା ।

ଖଟଟିର ପଟ୍ଟପଟେ ଲୀଳା ମୁହଁ ତଳକୁ ପୋତି ବସିଛି— ହାତ, ଗୋଡ଼ ଶକ୍ତ ଦଉଡ଼ି ଦ୍ୱାରା ବନ୍ଧା ହୋଇଥାଏ—ମୁହଁ

ଭିତରେ ଗୁଞ୍ଜା ଉଡ଼ାଇଥାଏ ମେଞ୍ଚାଏ କନା···ଉଠିବା ଲାଗି କ୍ଷମତା ନ ଥାଏ ତାର···

କୌଣସି ପ୍ରକାରେ ଲୀଳାକୁ ବନ୍ଧନ-ମୁକ୍ତ କଲା ଅତନୁ। ନିଃଶ୍ୱାସ-ପ୍ରଶ୍ୱାସ ସହଜଭାବେ ଗ୍ରହଣ କରି ଲୀଳା କହିଲା—ଆପଣଙ୍କ ଯୋଗୁଁ ପୁନର୍ଜନ୍ମ ଲାଭ କଲି ମୁଁ । ମୁଁ ଜାଣେ, ଆପଣ ଆସିବେ ।

—କିଏ ଆପଣଙ୍କୁ ଏପରି ଶାସ୍ତି ଦେଇଛି ? ପ୍ରଶ୍ନ କଲା ଅତନୁ।

—ବିନୋଦ ଦାସ ବୋଲି ଜଣେ ଡିଟେକ୍‌ଟିଭ୍ ।

ଅତନୁ ବିସ୍ମିତ ହେଲା। କହିଲା—ବିନୋଦ ଦାସ ! ମାନେ ଯଥେଷ୍ଟ ଲମ୍ବା ଓ ଚଉଡ଼ା···ଦ୍ୱାପର ଯୁଗର ଭୀମର ବର୍ଣ୍ଣନା ଯେପରି ଦିଆ ହୋଇଛି ?

—ହଁ, ଠିକ୍ ଭୀମ ପରି ଦେଖିବାକୁ। ଆପଣଙ୍କ ସାଙ୍ଗରେ ତାର ଦେଖା ହୋଇଛି ବୋଧହୁଏ ?

ଅତନୁ କହିଲା—ଏପରି ବନ୍ଧୁ ସହିତ ଦେଖା ନ ହେବ କେମିତି ! କିନ୍ତୁ ପ୍ରକୃତରେ କଣ ସେ ପୁଲିସର ଲୋକ ?

—ପୁଲିଶର ଲୋକ ବୋଲି ମୁଁ ଜାଣେ । କିନ୍ତୁ ବର୍ତ୍ତମାନ ସେ ପୁଲିଶରେ ଚାକିରି କରୁଛି କି ନାହିଁ, ତାହା ମୁଁ ଭଲଭାବେ ଜାଣେ ନାହିଁ — କହିଲା ଲୀଳା ।

ସବୁ ଯେପରି ଗୋଳମାଳ ହୋଇଯାଉଛି ଅତନୁର । ବିନୋଦ ତାହାହେଲେ ପୁଲିଶର ଲୋକ ! ତାହାହେଲେ ନିଜକୁ କୌଣସି ପ୍ରକାରେ ସଂଯତ କରାଇ ପଚାରିଲା ଅତନୁ—ଅନୁଗ୍ରହ କରି ସବୁ କଥା କହନ୍ତୁ, ଲୀଳାଦେବୀ !— କାହିଁକି ବିନୋଦ ଆପଣଙ୍କୁ ଏପରି କଷ୍ଟ ଦେଇଛି ? ମୁଁ ଆପଣଙ୍କୁ ସବୁ ସମୟରେ

ସାହାଯ୍ୟ କରିବାକୁ ପ୍ରସ୍ତୁତ......ଗୋଲକ ଧନ୍ଦା ଭିତରେ ପଡ଼ି ମୁଣ୍ଡ ମୋର ଗୋଲମାଳ ହୋଇଆସୁଛି ।

ଅସ୍ଫୁଟ କଣ୍ଠରେ ଲୀଳା କହିଲା—ମୁଁ ମଧ୍ୟ ସବୁ କଥା ଭଲ ଭାବେ ଜାଣେନା । ତେବେ ଯେତିକି ଜାଣେ, କୌଣସି ବିଷୟ ଗୋପନ ନ କରି ଆପଣଙ୍କୁ କହୁଛି ...

— କହନ୍ତୁ । ମୂଳରୁ ସବୁ କଥା ଆରମ୍ଭ କରନ୍ତୁ । କାଲି ରାତିରେ ଆପଣ ଯେ ଚୌଧୁରୀ ଭବନରେ ଥିଲେ ଏହା ମୁଁ ଭଲ ଭାବେ ଜାଣିଛି । ଆଉ ଗୋଟିଏ କଥା ହେଉଛି...

ଅତନୁ ପୂର୍ଣ୍ଣଭାବେ ଚାହିଁଲା ଲୀଳାକୁ । କହିଲା—ଆପଣଙ୍କର ସୁଟ୍‌କେସ୍‌ଟି ମୋ ପାଖରେ ଅଛି ଓ ସୁଟ୍‌କେସ୍‌ଟିକୁ ଖୋଲି ମୁଁ ଦେଖିଛି ।

କିନ୍ତୁ ଅତନୁ ଯାହା ଆଶା କରିଥିଲା; ତାହା ଫଳବତୀ ହେଲା ନାହିଁ । ଅର୍ଥାତ୍ ତା' କଥା ଶୁଣି ଲୀଳା କୌଣସି ପ୍ରକାର ଭୟ କମ୍ପା ସନ୍ତ୍ରସ୍ତଭାବ ପ୍ରକାଶ କଲା ନାହିଁ । ମୃଦୁ ମଧୁର କଣ୍ଠରେ କହିଲା—କୌତୂହଳ ବୋଧହୁଏ ସମ୍ବରଣ କରି ନ ପାରି ସୁଟ୍‌କେସ୍‌ଟିକୁ ଖୋଲି ଦେଖିଛନ୍ତି । କୌଣସି କୁମାରୀ କନ୍ୟାର ଗୋପନୀୟ ପ୍ରସାଧନ ସାମଗ୍ରୀ ଖୋଲି ଦେଖିବା ଆଦୌ ଉଚିତ ନୁହେଁ, ଅତନୁବାବୁ ।

ଲୀଳାର ତରଳ କଣ୍ଠସ୍ୱରରେ କୌତୁକର ଆଭାସ ! ଅତନୁ ନିଜକୁ ବଡ଼ ବିବ୍ରତ ବୋଧକଲା । ଏପରି କଣ କହୁଛି ଲୀଳା ! ଆଉ କଣ ସେ ଘଟଣାଟିକୁ ସମ୍ପୂର୍ଣ୍ଣଭାବେ ଉଡ଼ାଇଦେବାକୁ ବସିଛି !

ଗମ୍ଭୀର କଣ୍ଠରେ କହିଲା ଅତନୁ—ଲୀଳାଦେବୀ ! ମୁଁ ଆପଣଙ୍କର ସୁଟ୍‌କେସ୍ ଫିଟାଇଛି ବୋଲି ଆପଣ କଣ ମନରେ ଅନ୍ୟ କିଛି ଭାବୁଛନ୍ତି ?

ମୁଣ୍ଡ ହଲାଇ କହିଲା ଲୀଳା—ନା, ଏଥିରେ ଗୁରୁତ୍ବର କଥା କିଛି ନାହିଁ । କାରଣ ସୁଟ୍‌କେସ୍ ଭିତରେ ଏପରି କୌଣସି ଗୋପନୀୟ ପଦାର୍ଥ ନ ଥିଲା, ଯାହା କି ବାହାରେ ପ୍ରକାଶ ପାଇଲେ କ୍ଷତିର ଆଶଙ୍କା କରାଯାଇପାରେ ।

ଅତନୁ ପକେଟରୁ ପୁଡ଼ିଆଟିକୁ ବାହାର କରି ଲୀଳାର ସମ୍ମୁଖରେ ତାହା ଖୋଲି, ହୀରାଗୁଡ଼ିକ ଦେଖାଇ କହିଲା—ଏଗୁଡ଼ିକ ଚିହ୍ନି ପାରୁଛନ୍ତି ତ ?

କେତେଟା ସ୍ତବ୍ଧ ମୁହୂର୍ତ୍ତ ଅତିବାହିତ ହେଲା······

ଚକ୍ଷୁ ବିସ୍ଫାରିତ କରି ଲୀଳା କହିଲା—ଆପଣ ଏସବୁ କେଉଁଠୁ ପାଇଲେ ?

—ଆପଣଙ୍କର ସୁଟ୍‌କେସ୍ ଭିତରେ ଥିଲା—କହିଲା ଅତନୁ । କେବଳ ଏତିକି ନୁହେଁ, କୌଣସି ଗୋଟିଏ ଲୋକର କାଣି ଆଙ୍ଗୁଳିର କଟା ଅଂଶ, କ୍ଲୋରୋଫର୍ମର ଶିଶି, ହାତକଡ଼ା, ତାଲା ଚାବି ମଧ୍ୟ ଉକ୍ତ ସୁଟକେସ୍‌ଟି ଭିତରେ ଥିଲା । ଇନ୍‌ସପେକ୍ଟର ବ୍ରଜକିଶୋରବାବୁଙ୍କ କଥାରୁ ବୁଝିପାରିଛି, କଟା କାଣି ଆଙ୍ଗୁଳିଟି ହେଉଛି ଚୌଧୁରୀ-ଭବନର ମାଲିକ ଜୟପ୍ରକାଶ ଚୌଧୁରୀଙ୍କର ।

ଏଥର ଲୀଳାର ଆଶ୍ଚର୍ଯ୍ୟ ହେବା କଥା······

ସେ କହିଲା—ଏସବୁ ମୋ ସୁଟ୍‌କେସ୍‌ରୁ ଆପଣ ପାଇଛନ୍ତି ? ଅସମ୍ଭବ !

ଆକାଶରୁ ପଡ଼ିଲା ଯେପରି ଲୀଳା !

ଅତନୁ କହିଲା—ମୁଁ ମିଥ୍ୟା କହୁନାହିଁ, ଲୀଳାଦେବୀ ! ମୋର ସନ୍ଦେହହୁଏ ଆପଣ ବୋଧହୁଏ ଅନେକ କିଛି ଜାଣନ୍ତି ଓ ବନ୍ଦୀ ଅପରାଧ ସତ୍ତ୍ୱେ ଗୋଟାଏ ଗୁରୁତର ରହସ୍ୟ ଭିତରେ ଆପଣ

ଜଡ଼ିତ ହୋଇ ପଡ଼ିଛନ୍ତି, ଏବଂ ଦୁର୍ଭାଗ୍ୟକ୍ରମେ ଏହି ରହସ୍ୟ-ଯବନିକାର ଅନ୍ତରାଳରେ ମୋର ମଧ୍ୟ ଅଂଶ ଅଛି ବୋଲି ଜଣାଯାଏ । ପ୍ରକୃତ ଅପରାଧୀ ଯେପରି ଧରାପଡ଼େ, ଏଥିଲାଗି ଆମେ ଉଭୟେ ପୁଲିଶକୁ ସାହାଯ୍ୟ କରିବା ଉଚିତ·······

—ନା-ନା,·····ଲୀଳା ହସ୍ତ-କଣ୍ଠରେ କହିଲ । ପୁଲିଶକୁ କିଛି କହିବା ଦରକାର ନାହିଁ । ମୁଁ ଆପଣଙ୍କୁ ଅନୁରୋଧ କରୁଛି·· ମୁଁ·····ମାନେ, ମୋ ପକ୍ଷରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ ।

ଏ ପୁଣି ଏକ ପ୍ରହେଳିକା ! ଅତନୁ କିଛି ବୁଝିପାରେନା ଏ ସବୁର ଅର୍ଥ !

କାହିଁକି ଲୀଳା ପକ୍ଷରେ ଅସମ୍ଭବ, କଣ ଏପରି ନିଗୂଢ଼ ରହସ୍ୟ ଲୁକ୍କାୟିତ ଅଛି ଏହି ହତ୍ୟା-ରହସ୍ୟକୁ କେନ୍ଦ୍ର କରି !

ଅତନୁ ମନେ ମନେ କଣ ଭାବି କହିଲା—ତାହାହେଲେ ମୋତେ ସବୁକଥା ପରିଷ୍କାର କହନ୍ତୁ, ଲୀଳାଦେବୀ ! କହନ୍ତୁ, ଏହି ହୀରାଗୁଡ଼ିକର ପ୍ରକୃତ ମାଲିକ କିଏ ?

ଧୀରେ ଧୀରେ ଲୀଳା ଉତ୍ତର ଦେଲା—ଆଗେ ଏହି ହୀରା-ଗୁଡ଼ିକର ଅଧିକାରୀ କିଏ ଥିଲା ଜାଣେନା, ତେବେ ଏହି ରତ୍ନ-ଗୁଡ଼ିକର ସର୍ବଶେଷ ମାଲିକ ହେଉଛନ୍ତି ଚକ୍ରଧର ।

—ଚକ୍ରଧର ! ଚକ୍ରଧର କିଏ ?

ଅତନୁର ଚକ୍ଷୁ ଦୁଇଟି ଖୁବ୍ ବଡ଼ ବଡ଼ ଦେଖାଗଲା ଏଥର ।

—ତାଙ୍କର ପରିଚୟ ଅବଶ୍ୟ ମୁଁ ଜାଣେନା ! କେବଳ ଅନେକ ଦିନରୁ ଏହି ନାମଟି ମୁଁ ଶୁଣି ଆସୁଛି ।

—କଣ ପାଇଁ କାଲି ରାତିରେ ଆପଣ ଚୌଧୁରୀ-ଭବନକୁ ଯାଇଥିଲେ, ଲୀଳାଦେବୀ !

କାତର ଚକ୍ଷୁ ଦୁଇଟି ମେଲାଇ ଲୀଳା କହିଲା—ସେ କଥା ମୁଁ କହିପାରିବି ନାହିଁ, ଅତନୁ ବାବୁ ! ଦୟା କରି ଏପରି ପ୍ରଶ୍ନ ମୋତେ ପଚାରନ୍ତୁ ନାହିଁ ।

—କିନ୍ତୁ ମୋର ଜାଣିବା ଦରକାର । ତା ନ ହେଲେ ମୁଁ ବାଧ୍ୟ ହୋଇ ପୁଲିସରେ ସବୁକଥା ଜଣାଇବି । ମୋର ଏହି ରୁଢ଼ତା ଆପଣ କ୍ଷମା କରିବେ, ଲୀଳାଦେବୀ ! ମୁଁ ଆପଣଙ୍କୁ ସାହାଯ୍ୟ କରିବାକୁ କହିଛି, ଏହି ପ୍ରତିଶ୍ରୁତି ମୋର ମିଥ୍ୟା ନୁହେଁ ଏବଂ ଏହି କାରଣରୁ ପ୍ରକୃତ ଘଟଣାଟିକୁ ମୁଁ ଜାଣିବା ପ୍ରୟୋଜନ ମନେ କରୁଛି । ଆପଣ ଯଦି ମୋତେ ବିଶ୍ୱାସ ନ କରନ୍ତି ତେବେ ଅଲଗା କଥା······

ଲୀଳା ମୁହଁ ପୋଛି କହିଲା—ଆପଣଙ୍କୁ ମୁଁ ସମ୍ପୂର୍ଣ୍ଣଭାବେ ବିଶ୍ୱାସ କରୁଛି । ସବୁ କଥା ଆପଣଙ୍କୁ ଖୋଲି ନ କହିଲେ ମୁଁ ମଧ୍ୟ ଶାନ୍ତି ପାଇବି ନାହିଁ ।

ମୁହୂର୍ତ୍ତେ କମ୍ପା ମୁହୂର୍ତ୍ତ ଦୁଇ ନୀରବ ରହି ଲୀଳା କହିଲା—ସକାଳବେଳା ମୁଁ ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁଙ୍କ ଆଗରେ କହିଥିଲି, ଆପଣଙ୍କର ବୋଧହୁଏ ମନେ ଅଛି ଯେ ଜୟପ୍ରକାଶ ମୈତ୍ର ଧୁଆଁ ଚଟ୍ଟଗ୍ରାମରୁ ଧାନ ଚାଉଳ ଓ ବର୍ମା ଦେଶରୁ ଚୁରୁଟ୍ ଆମଦାନି କରନ୍ତି ଏବଂ ମୁଁ ତାଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କରେ । କିନ୍ତୁ ମୁଁ ଏହା ଆଗରୁ ଜାଣି ନ ଥିଲି, ଏଇ କେତେ ଦିନ ହେଲା ଜାଣିଲି ଯେ ସେଗୁଡ଼ିକ ପ୍ରକୃତରେ ଚୁରୁଟ୍ ନୁହେଁ—ଚୁରୁଟ୍ ଆକାରରେ ତିଆରି ହୋଇ ଭିତରେ କୋକେନ୍ ଭର୍ତ୍ତି ହୋଇଥାଏ ।

ଅଚନୁ ବିସ୍ମୟ ଭରେ କଥାଗୁଡ଼ିକ ଗଳାଧଃକରଣ କରୁଥାଏ । ଲୀଳାର କଥା ଶୁଣି ଉତ୍ତେଜନାରେ ଛିଡ଼ା ହୋଇ ପଡ଼ି କହିଲ— ଆପଣ ସତ କହୁଛନ୍ତି, ଲୀଳାଦେବୀ !

କରୁଣକଣ୍ଠରେ ଲୀଳା କହିଲା—ହଁ, ଅଚନୁବାବୁ ! ଏସବୁ ନିର୍ଘାତ ସତ୍ୟ । ପୁରୁଷ ହେଲେ ଏ ବିଷୟରେ ସନ୍ଦେହ ପୋଷଣ କରି କାଳେ ତାଙ୍କୁ ବିପଦରେ ପକାଇବେ, ଏହି ଆଶଙ୍କାରେ ଏହି କାର୍ଯ୍ୟରେ ସେ କୌଣସି ପୁରୁଷ ଅନୁଚର ନିଯୁକ୍ତ ନ କରି ମୋରି ଉପରେ ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ । ଶୈଶବରୁ ମାତୃ-ପିତୃହୀନା ମାମୁଙ୍କ ପାଖରେ ମୁଁ ମଣିଷ ହୋଇଛି । ଜୟପ୍ରକାଶବାବୁ ମଧ୍ୟ ମାମୁଙ୍କୁ ଯଥେଷ୍ଟ ସାହାଯ୍ୟ କରନ୍ତି, ମୋତେ ମଧ୍ୟ ଯଥେଷ୍ଟ ଅର୍ଥ ଦିଅନ୍ତି—ଆଉ କୌଣସି ପ୍ରକାରେ ସନ୍ଦେହ ମନ ଭିତରେ ପୋଷଣ ନ କରି ବିନା ଦ୍ୱିଧାରେ ମୁଁ ମୋର କାମ କରି ଯାଉଥାଏ ।

ଟିକିଏ ଦମ୍ ନେଇ ଲୀଳା ପୁନର୍ବାର କହିଲା—ଦିନେ ଗୋଟିଏ ଟ୍ରୁଙ୍କ୍ ଭଙ୍ଗା ଅବସ୍ଥାରେ ଦେଖି ପାଇଲି । ଭିତରେ ଚମଡ଼ା ପରିବର୍ତ୍ତେ ସାଦା ଗୁଣ୍ଡ ଦେଖି ପାରି ତାହା ଜୟପ୍ରକାଶ-ବାବୁଙ୍କୁ ଦେଖାଇଲି । ତାଙ୍କୁ ଦେଖାଇବା ପୂର୍ବରୁ ଅବଶ୍ୟ ମୁଁ ଜଣେ ଭୃତ୍ୟକୁ ଏହି ସାଦା ଗୁଣ୍ଡଗୁଡ଼ିକ ଦେଖାଇଥିଲି । ସେ ମୋତେ କହିଥିଲା ଯେ ଏହା କୋକେନ୍—କିନ୍ତୁ ସେତେବେଳେ ମୁଁ ତା' କଥା ବିଶ୍ୱାସ କରି ନ ଥିଲି । ମୋ ମୁହଁରୁ କୋକେନ୍ କଥା ପୁଣି ଜୟପ୍ରକାଶବାବୁ ରାଗରେ ଅନ୍ଧ ହୋଇଗଲେ ଯେପରି—କିନ୍ତୁ ପରେ ସ୍ୱୀକାର କଲେ ଯେ ସେ ଗୁପ୍ତଭାବେ କୋକେନ ବ୍ୟବସାୟ କରନ୍ତି ଓ କହିଲେ ମୁଁ ତାଙ୍କର ଏହି ବ୍ୟବସାୟର ପ୍ରଧାନ ସହକାରିଣୀ ।

ଅତନୁ ନୀରବ ଶ୍ରୋତା ପରି ସବୁ ଶୁଣିବାକୁ ଲାଗିଲା । କିଣ ବା ସେ ଉତ୍ତର ଦେବ ! ଏସବୁ ଶୁଣି ଗୋଡ଼ ହାତ ଯେପରି ପେଟ ଭିତରେ ପଶିଯିବାର ଉପକ୍ରମ କରୁଛି । ଲୀଳା ପୁନର୍ବାର ଆରମ୍ଭ କଲା—ତାଙ୍କ ମୁହଁରୁ ଶୁଣିଲି, ଏପରି ଚିଠିଗୁଡ଼ିକ ସେ ମୋ' ନାମରେ ଲେଖିଛନ୍ତି—ମୋ' ନାମରେ କୌଶଳ କରି ଏପରିଭାବେ ଚିଠିଗୁଡ଼ିକ ସେ ଆଣାଇଛନ୍ତି ଯେ, ସମ୍ପୂର୍ଣ୍ଣ ନିର୍ଦ୍ଦୋଷୀ ହେଲେ ମଧ୍ୟ, ମୁଁ ଯେ ତାଙ୍କର ପ୍ରକୃତ ସହକାରିଣୀ ଏପରି ପ୍ରମାଣ ସେ ସାଇତି ରଖିଛନ୍ତି । ସେ ମୋତେ ଭୟ ଦେଖାଇ କହିଲେ ଯେ, ମୁଁ ଯଦି ଏ ବିଷୟ ନେଇ କୌଣସି ତର୍କ କରେ କିମ୍ବା କୌଣସି ଅବାଧ୍ୟତା ପ୍ରକାଶ କରେ ତାହାହେଲେ ସେ ମୋତେ ପୁଲିସ ହାତରେ ଅର୍ପଣ କରିବାକୁ ତିଳେ ମାତ୍ର କୁଣ୍ଠିତ ହେବେ ନାହିଁ । ମୋତେ ବିଶ୍ୱାସ କରନ୍ତୁ, ଅତନୁବାବୁ—ମୁଁ ଜାଣି ଶୁଣି ଏପରି କାର୍ଯ୍ୟରେ ହାତ ଦେଇନାହିଁ ।

ଲୁହ ଗଡ଼ି ପଡ଼ିଗଲା ଲୀଳାର ଆଖି ଦୁଇଟିରୁ । ଗଙ୍ଗା ଯମୁନାର ଦୁଇଟି ଧାର ସିକ୍ତ କଲା ବକ୍ଷାଞ୍ଚଳକୁ ତାର ।

ବିଚିତ୍ର ଷଡ଼ଯନ୍ତ୍ର ! କେଡ଼େ ଭୟଙ୍କର ଶୟତାନୀ ବୁଦ୍ଧି ! ବିଚାରୀ ଲୀଳା···

ସାନ୍ତ୍ୱନା ଦେଇ ଅତନୁ କହିଲା—ଆପଣ ଯାହା'ସବୁ କହିଗଲେ ମୁଁ ତାହା ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି, ଲୀଳାଦେବୀ ! ଆପଣଙ୍କୁ ବିପଦରୁ ରକ୍ଷା କରିବା ଲାଗି ମୁଁ ଚେଷ୍ଟାରେ ତ୍ରୁଟି କେବେ କରିବି ନାହିଁ । ବର୍ତ୍ତମାନ ମୋର ପ୍ରଥମ କର୍ତ୍ତବ୍ୟ ହେଉଛି, ଚୌଧୁରୀ-ଭବନକୁ ଯାଇ ଯେଉଁ ଚିଠିଗୁଡ଼ିକରେ ଆପଣଙ୍କର ନାମ ଓ ଠିକଣା ଇତ୍ୟାଦି ଦିଆ ହୋଇଛି, ସେଗୁଡ଼ିକ ସଂଗ୍ରହ କରି ପୋଡ଼ାଇ ଦେବାକୁ ହେବ ।

ଲୀଳା ସଭୟରେ କହିଲା—କିନ୍ତୁ ଚୌଧୁରୀ-ଭବନ ଭିତରେ ପ୍ରବେଶ କରିବା ଆପଣଙ୍କ ପକ୍ଷରେ ନିରାପଦ ନୁହେଁ, ଅତନୁବାବୁ । ଏପରି ଦୁଃସାହସ କେବେ କରିବେ ନାହିଁ ।

ମୃଦୁ ହସି ଅତନୁ କହିଲା—ଆପଣ ବୃଥା ଆଶଙ୍କା କରୁଛନ୍ତି, ଲୀଳା ଦେବୀ ! ବିପଦକୁ ମୁଁ ଖାତିର କରେନା । ଅବଶ୍ୟ ଏହି ବିନୋଦ ଦାସ ଯୋଗୁଁ ଟିକିଏ ଅସୁବିଧାରେ ପଡ଼ିବାକୁ ହେବ । ଲୋକଟା ଡିଟେକ୍‌ଟିଭ ବୋଲି ଆପଣ ଜାଣିଲେ କେମିତି ?

ନିମ୍ନମୁଖୀ ହୋଇ ଲୀଳା କହିଲା—ତାକୁ ମୁଁ ଅନେକ ଦିନରୁ ଚିହ୍ନେ । ଦୁଇ ବର୍ଷ ହେଲା ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରି ସ୍ୱତନ୍ତ୍ରଭାବେ ଗୋୟେନ୍ଦାଗିରି କରୁଛି ବୋଲି ଶୁଣିଛି । ଆହୁରି ମଧ୍ୟ କେତେଗୁଡ଼ିଏ କେସ ସେ ଏକା ସମାଧାନ କରିଛି ।

ଅତନୁ ବୁଝିପାରିଲା, ଚିଠିଗୁଡିକ ଉଦ୍ଧାର କରିବାକୁ ହେଲେ ଦୁଇଟି ଶକ୍ତି ବିରୁଦ୍ଧରେ ଠିଆ ହେବାକୁ ପଡ଼ିବ । ଏକ ଆଡ଼େ ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁ, ଅନ୍ୟଆଡ଼େ ବିନୋଦ ଦାସ । ବିନୋଦ ବୋଧହୁଏ ହୀରାଗୁଡିକର ପିଏ ପ୍ରକୃତ ଅଧିକାରୀ ତାଙ୍କର ପକ୍ଷ ନେଇ ଅନୁସନ୍ଧାନ ଚଳାଇଛି, କୋକେନ୍ ଲମ୍ବା ଖୁଣ୍‌ ସମ୍ବନ୍ଧରେ ସେ ବିଶେଷ ଆଗ୍ରହୀ ନୁହେଁ ।

କେତେଟା ମୁହୂର୍ତ୍ତ ନୀରବରେ ଅତିବାହିତ ହେବା ପରେ ନୀରବତା ଭଙ୍ଗ କରି ଅତନୁ କହିଲା—କାଲି ରାତିରେ ବିନୋଦ ଦାସ ଚୌଧୁରୀ-ଭବନକୁ କାହିଁକି ଯାଇଥିଲା ଜାଣନ୍ତି ?

ମୁଣ୍ଡ ହଲାଇ ଲୀଳା କହିଲା—ମୁଁ ତାହା ଜାଣେନା । ଆପଣ କହିଲରୁ ଜାଣିଲି ଯେ ଗତ ରାତିରେ ବିନୋଦ ଦାସ ଚୌଧୁରୀ-ଭବନକୁ ଯାଇଥିଲା ବୋଲି ।

—ବିନୋଦ ସହି ଆଜି ନା କାଲି ଆପଣଙ୍କର ଦେଖା ହୋଇଥିଲା ? ପ୍ରଶ୍ନ କଲା ଅତନୁ ।

ଲୀଳା ଉତ୍ତର ଦେଲା—କାଲି ସଞ୍ଜରେ । ବସ୍‌ରୁ ଓହ୍ଲାଇ ବସାକୁ ଫେରୁଛି, ବିନୋଦ ଆସି ସାମ୍‌ନାରେ ଛିଡ଼ା ହୋଇ ଗମ୍ଭୀର-କଣ୍ଠରେ ପଚାରିଲା···ହୀରାଗୁଡ଼ିକ କେଉଁଠି ଅଛି, ଚଞ୍ଚଳ ବାହାର କର ।

—ଆଉ ଗୋଟିଏ ପ୍ରଶ୍ନର ଉତ୍ତର ଦିଅନ୍ତୁ, ଲୀଳା ଦେବୀ ! ଅତନୁ କହିଲା । ଆପଣ ତ' ହୋଟେଲ-ଦ-ଇଭନିଂ-ମୁନ୍‌ରେ ରହନ୍ତି ନାହିଁ, ତେବେ କାହିଁକି ଆପଣ ସେଠାରେ ଅଛନ୍ତି ବୋଲି ମୋତେ କହିଥିଲେ ?

ଲୀଳାର ମୁହଁଟି ଆରକ୍ତ ହୋଇ ଉଠିଲା । କହିଲା—ଜାଣି ଶୁଣି ଅବଶ୍ୟ ମୁଁ ଆପଣଙ୍କୁ ବସାର ଠିକଣା ଦେଇନାହିଁ । କାରଣ, ଆପଣଙ୍କ ସମ୍ବନ୍ଧରେ ମୁଁ ସେତେବେଳେ କିଛି ଜାଣି ନ ଥିଲି—ତେଣୁ···

ଅତନୁ ମଧ ହସିଲା । କହିଲା—ତା ପରେ କଣ ହେଲା କହନ୍ତୁ ।

—ବିନୋଦ ବସାକୁ ଆସି ସୁଟ୍‌କେସ୍ ଟିକୁ ଆଗେ ଖୋଜି-ବାକୁ ଲାଗିଲା । ଆଉ ମଧ୍ୟ କହିଲା ଯେ, ସେହି ସୁଟ୍‌କେସ୍‌ଟି ଭିତରେ ହୀରାଗୁଡ଼ିକ ଅଛି । ଏ ସବୁ ଶୁଣି ମୁଁ ବିସ୍ମିତ ହେଲି । ମୁଁ ଜାଣେ, ମୋର ସୁଟ୍‌କେସ୍‌ଟି ଭିତରେ ପ୍ରସାଧନର କେତେଗୁଡ଼ିଏ ଜିନିଷ ଛଡ଼ା ଆଉ କିଛି ନ ଥିଲା—ତାହା ମୁଁ ନିଜ ହାତରେ ସବୁଗୁଡ଼ିକ ସଜାଇ ରଖିଥିଲି । ସୁଟ୍‌କେସ୍ କଥା ମନେ ପଡ଼ିବାରୁ ନିକଟରେ ଥିବା ଗୋଟିଏ ପବ୍ଲିକ ଟେଲିଫୋନ୍‌ରୁ ଆପଣଙ୍କୁ ଡାକିଲି । କିନ୍ତୁ ବିନୋଦ ପଛେ ପଛେ ଆସି ମୋତେ ବାଧା ଦେଲା ।

ତା ପରେ, ଆଜ ସକାଳୁ ଆସି ମୋତେ ଏହିଠାରେ ବାନ୍ଧି ରଖି ଆପଣଙ୍କ ପାଖକୁ ଯାଉଛି ବୋଲି କହିଲା ।

—ସେ ମୋର ଠିକଣା ଜାଣିଲା କିପରି ?

—ମୁଁ କାଲି ରାତିରେ ଅପରେଟରକୁ ହୋଟେଲର ଫୋନ୍ ନମ୍ବର ପଚାରିଲା ବେଳେ ସେ ବୋଧହୁଏ ଶୁଣିପାରିଛି ।

ବନୋଦର ଆଚରଣ ସମ୍ବନ୍ଧରେ ଆଉ କୌଣସି ଦ୍ୱିଧା ନାହିଁ ଲୀଳାଙ୍କର ସେ ବୁଝିଲେ । କିନ୍ତୁ କାହା ପକ୍ଷ ନେଇ ସେ ଲୀଳାଙ୍କର ଉଦ୍ଧାର ଲାଗି ଲାଗିପଡ଼ିଛି ତାହା ବୁଝିହେଉନାହିଁ । "ଚକ୍ରଧର"ର ପ୍ରକୃତ ପରିଚୟ କଣ ?

—ଶୁଣନ୍ତୁ, ଲୀଳାଦେବୀ ! ଯେଉଁ କାଗଜପତ୍ରଗୁଡ଼ିକରେ ଆପଣଙ୍କର ନାମ ଲେଖା ହୋଇଛି, ଯାହା ପ୍ରକାଶ ହୋଇଗଲେ ଆପଣଙ୍କର କ୍ଷତିର ସମ୍ଭାବନା, ଉକ୍ତ ଚିଠିଗୁଡ଼ିକ ଶ୍ୱେତଧୂସର-ଭବନର କେଉଁଠାରେ ଅଛି କହିପାରିବେ ?

—ନା । ଜୟପ୍ରକାଶ ବାବୁଙ୍କର ଅନୁପସ୍ଥିତିରେ ମୁଁ ମଧ୍ୟ ଅନେକ ଥର ଖୋଜା-ଖୋଜି କରିଛି, କିନ୍ତୁ ପାଇନାହିଁ । ମୋର ଅନୁମାନ, ମାଟିତଳେ କିମ୍ବା କାନ୍ଥ ଦେହରେ ଏପରି କୌଣସି ଗୁପ୍ତ ସ୍ଥାନ ଅଛି ଯାହା କି ଆମ୍ଭେମାନେ ଜାଣୁନା । ଏହିପରି କୌଣସି ଏକ ଗୁପ୍ତ ସ୍ଥାନରେ ଏହି ଲେଖାଗୁଡ଼ିକ ସେ ରଖିଛନ୍ତି ।

ଗୁପ୍ତଘର, କାନ୍ଥ ଦେହରେ ଗୁପ୍ତ ଦ୍ୱାର...କାନ୍ଥରେ ଟଙ୍ଗା ହୋଇଥିବା ଅକ୍ଷତ ତୈଳଚିତ୍ରଟିର କଥା ମନେ ପଡ଼ିଲା ଅଭିନୂରକୁ । ଘରର ପ୍ରତ୍ୟେକ ପଦାର୍ଥର ବିଶୃଙ୍ଖଳତା ସହଜରେ ଦୃଷ୍ଟିଗୋଚର ହୁଏ, କିନ୍ତୁ ତୈଳଚିତ୍ରଟିର ଦେହରେ ସାମାନ୍ୟ ହେଲେ ଦାଗ ନ ପଡ଼ିବା କାରଣ କଣ ! କାହିଁକି ଏତେ ସାବଧାନତା ଅବଲମ୍ବନ

କଣ ହୋଇଛି ଏବ୍ଂ ଶଣଟି ପ୍ରଭ । କାହିଁକି ?—କାହିଁକି ?···—ବିଚାର—ବିଚାର ସବୁ···

ଅଚନୁର ମସ୍ତିଷ୍କ ଭିତରେ କେତେ ପ୍ରକାର ସମ୍ଭାବନା ଆସି ଭିଡ଼ କରି ବସିଲା । ଅସଂଖ୍ୟ ଚିନ୍ତାସ୍ରୋତରେ ଉଦବେଇ ଝୁଟବେଇ ହେଲା ଯେପରି ! ବର୍ତ୍ତମାନ ତାର କର୍ତ୍ତବ୍ୟ କଣ ? କିପରି ଭାବେ ସେ ଅଗ୍ରସର ହେବ ଏବ୍ଂ ରହସ୍ୟର ସମାଧାନ ଲାଗି ?

ଅଚନୁ ଉଠି ଠିଆହେଲା । ଯିବାବେଳେ କହିଗଲା—ଆପଣ ଗୋଟାଏ କାମ କରନ୍ତୁ, ଲୀଳାଦେବୀ ! ଆପଣ ବର୍ତ୍ତମାନ ଇଭନିଂ-ମୁନ୍ ହୋଟେଲରେ ଯାଇ ରହନ୍ତୁ । ଲୋକଗହଳି ଭିତରେ ବିନୋଦ ଆପଣଙ୍କର କୌଣସି କ୍ଷତି କରିପାରିବ ନାହିଁ । ବର୍ତ୍ତମାନ ମୁଁ ଚାଲିଲି । ଆଜି ରାତିରେ ଗୋପନରେ ମୁଁ ଟେଲିଧୁଆ-ଭବନ ଭିତରେ ପଶି ଅନୁସନ୍ଧାନ ଚଳାଇବି । ଆପଣଙ୍କୁ ବିପଦରୁ ମୁକ୍ତ କଲେ, କେବଳ ଯେ ଆପଣଙ୍କର ଲାଭ ତାହା ନୁହେଁ—ଆମେ ଉଭୟେ ପୁଲିଶର ଅକାରଣ ସନ୍ଦେହରୁ ମୁକ୍ତିଲାଭ କରିବୁ । ମୁଁ ଜାଣେ ଇନସ୍‌ପେକ୍‌ଟର ବ୍ରଜକିଶୋର ବାବୁ ମୁହଁରେ କିଛି ନ କହିଲେ ସୁଦ୍ଧା ମୋ ଉପରେ ସତର୍କ ଦୃଷ୍ଟି ସେ ରଖିଛନ୍ତି । କାଗଜ-ପତ୍ରଗୁଡ଼ିକ ଆମ ହାତକୁ ଆସିବା ପୂର୍ବରୁ ପୁଲିଶ ଯଦି ତାହା ହସ୍ତଗତ କରି ବସେ, ତାହାହେଲେ ଆମ ଉଭୟଙ୍କର ସମୂହ ବିପଦ । ସୁତରାଂ ପୁଲିଶ ସେଗୁଡ଼ିକ ହାତେଇବା ଆଗରୁ ଆମକୁ ଆଗେ ସଂଗ୍ରହ କରିବାକୁ ପଡ଼ିବ ।

ମଧ୍ୟ ରାତ୍ରିର ଘନାନ୍ଧକାର ଓ ଶାନ୍ତ ନୀରବତା ପୃଥିବୀକୁ ଆଚ୍ଛନ୍ନ କରି ରଖିଥାଏ । ଜନାକୀର୍ଣ୍ଣ ସହରର ରାସ୍ତାଘାଟ ନୀରବ, ଜନହୀନ ।

ଚୌଧୁରୀ-ଭବନ ସଦର ଗେଟ୍ ପାଖରେ ଜଣେ ଲାଲପଗଡ଼ି ପ୍ରହରୀରତ ଥିଲା । ନିକଟସ୍ଥ ଥାନାର ପିଟା ଘଣ୍ଟାରେ ରାତି ୧୨ଟା ଘୋଷଣା ହେବା ସଙ୍ଗେ ସଙ୍ଗେ ରାସ୍ତା ଉପରୁ ଭାରି ବୁଟ୍‌ର ଶବ୍ଦ ଶୁଣାଗଲା । ଚୌଧୁରୀ ଭବନର ପ୍ରହରୀଟି ଗୋଟାଏ ଆରାମପ୍ରଦ ନିଶ୍ୱାସ ତ୍ୟାଗ କରି ଚାହିଁଲା ସମ୍ମୁଖକୁ···ଆନନ୍ଦରେ ଆଖି ଦୁଇଟି ଉଜ୍ଜ୍ୱଳ ଦେଖାଗଲା — ଅର୍ଥାତ୍ ବଦଳି ତାର ଆସିଯାଇଛି···ଏଥର ସେ ଛୁଟି ପାଇବ ।

ଆଗେଇ ଆସିଲା ଅନୁରୂପ ପୋଷାକ ପରିହିତ ଜଣେ ଦୀର୍ଘାକୃତି ବ୍ୟକ୍ତି ।

—କଣ ଭାଇ, ସବୁ ଠିକ୍ ଅଛି ତ···ଆଗନ୍ତୁକ ପହରାବାଲାଟି ପ୍ରଶ୍ନ କଲା ପ୍ରଥମକୁ ।

—ନିଶ୍ଚୟ । ମଣିଷ କେହି ଆସିବା ତ ଦୂରର କଥା, ଜନ୍ୟ ପିମ୍ପୁଡ଼ିଟିଏ ହେଲେ ସୁଦ୍ଧା ଚୌଧୁରୀ-ଭବନ ଭିତରୁ ବାହାରି ନାହାନ୍ତି ।

କିନ୍ତୁ ଏହି ଉକ୍ତି ସତ୍ୟ ନୁହେଁ । ପ୍ରଥମ ଓ ଦ୍ୱିତୀୟ ପହରାବାଲା ଯେତେବେଳେ କଥାବାର୍ତ୍ତା ହେଉଥିଲେ, ଠିକ୍ ସେତିକିବେଳେ ଘରର ପଛପଟ ପାଚେରି ଡେଇଁ ଜଣେ ବ୍ୟକ୍ତି ନିଃଶବ୍ଦରେ ଘରର ଦକ୍ଷିଣ ପଟରେ ଅବସ୍ଥିତ ଥିବା ଗୋଟିଏ ମୋଟା ସିମେଣ୍ଟ-ପାହ୍ୟା କଡ଼ରେ ଆତ୍ମଗୋପନ କଲା । କିଛିକ୍ଷଣ ଯାଏ ନିଃଶ୍ୱାସ ରୁଦ୍ଧ କରି, ସ୍ଥିରଭାବେ ଅପେକ୍ଷା କରିବା ପରେ

ଧୀରେ ଧୀରେ ଆଗେଇ ଆସି ନିକଟରେ ଥିବା ଗବାକ୍ଷଟିକୁ ଖୋଲି ଭିତରେ ପ୍ରବେଶ କଲା । ଏହି ଅଲୌକିକ ଚମତ୍କାର ପହରାବାଲା ଆଦୌ ଲକ୍ଷ୍ୟ କରିପାରିଲେ ନାହିଁ ।

ପ୍ରଥମ ପ୍ରହରୀ ବିଦାୟ ନେଇ ଚାଲିଗଲା । ଦ୍ୱିତୀୟ ପହରାବାଲାଟି ଗୁଣୁ ଗୁଣୁ କରି ଭଜନ ଆରମ୍ଭ କରି ଘରର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଯିବା ଆସିବା କରିବାକୁ ଲାଗିଲା ।

ଅଦୂରରେ ଥିବା ପୋଖରୀ ହୁଡ଼ାରେ ଗୋଟିଏ ବୁଦାର ପଛପଟେ ଲୁଚି ରହି ଗୋଟିଏ ଛାୟାମୂର୍ତ୍ତି କନେଷ୍ଟବଲ ଦ୍ୱୟଙ୍କର କଥାବାର୍ତ୍ତା ଶୁଣୁଥିଲା । ପ୍ରଥମ ଜଣକ ବିଦାୟ ହେବା ପରେ ସେହି ମୂର୍ତ୍ତି ବିଦ୍ୟୁତବେଗରେ ଅନ୍ଧକାର ଭିତରେ ମିଳାଇଗଲା ହଠାତ୍ ।

ଯେଉଁ ବ୍ୟକ୍ତି ଝରକା ଡେଇଁ ଘର ଭିତରେ ପ୍ରବେଶ କରିଥିଲା ସେ ହେଉଛି ଅତନୁ ଓ ଗତ ରାତିରେ ଜୟପ୍ରକାଶ ବାବୁଙ୍କର ମୃତଦେହ ଯେଉଁ ଘରଟିରେ ପଡ଼ିଥିଲା ଇଏ ହେଉଛି ସେହି ଘର । ରୁଦ୍ଧ ଘରଟି ଭିତରୁ କପରି ଗୋଟାଏ ଦୁଃସହମାୟୁ ଗନ୍ଧ ମଧ୍ୟ ଆସୁଥିଲା । ଭଙ୍ଗାଭଙ୍ଗି ଜିନିଷଗୁଡ଼ିକ ଗୋଟିଏ କୋଣରେ ଜମା ହୋଇ ରହିଥିଲା । ଟର୍ଚ୍ଚ ଜାଳି ଅତନୁ ଦେଖିପାରିଲା କାର୍ପେଟ ଉପରେ ଜମିଥିବା ରକ୍ତଗୁଡ଼ିକ ଶୁଖି କଳାରଙ୍ଗ ଦେଖାଯାଉଛି— ସମୟ ନଷ୍ଟ ନ କରି ଅନୁସନ୍ଧାନ ଆରମ୍ଭ କଲା ସେ । ଦୁଇଟି କାଉଣ୍ଟ ଟେବୁଲର ଡ୍ରୟାରଗୁଡ଼ିକ ଓ କାନ୍ଥ ଦେହରେ ଥିବା ସେଲ୍‌ଫଗୁଡ଼ିକ ତନ୍ନ ତନ୍ନ କରି ପରୀକ୍ଷା କରି ସୁଦ୍ଧା କୋଣସି ପ୍ରକାର ଆପତ୍ତିଜନକ କାଗଜପତ୍ର ମିଳିଲା ନାହିଁ ।

କେଉଁଠାରେ ସେହି ଗୁପ୍ତ ଦ୍ୱାର ଅବସ୍ଥିତ ! କାନ୍ଥର କେଉଁ ସ୍ଥାନରେ ! କାହିଁ, ଆଖିକୁ ତ କିଛି ଦେଖାଯାଉ ନାହିଁ ! ଅତନୁ

କାନ୍ଥଗୁଡ଼ିକର ପ୍ରତ୍ୟେକ ସ୍ଥାନ ଉପରେ ଆଘାତ କରି ପରୀକ୍ଷା-ପ୍ରବୃତ୍ତ ହେଲା । କିନ୍ତୁ ବୃଥା ନୁହେଁ ତ କଣ ! ଏହିପରି ଭାବେ ସାରା ରାତି ସେ ଯଦି ପରୀକ୍ଷା ଚଳାଏ କୌଣସି ସୁଫଳର ସମ୍ଭାବନା ନାହିଁ ।

ସଳଖ ହୋଇ ଠିଆ ହେଲା ଅତନୁ । ଦେଖି ପାରିଲା ତାର ସମ୍ମୁଖରେ ଲୀଳାର ତୈଳଚିତ୍ର ଖଣ୍ଡିକ ପ୍ରଲମ୍ବିତ—ଉଜ୍ଜ୍ୱଳ ଟର୍ଚ୍ଚ ଆଲୋକ ନିବଦ୍ଧ ହୋଇଛି ଲୀଳାର ଅପରୂପ ମୁଖମଣ୍ଡଳଟିର ଉପରେ । ଅଦ୍ଭୁତ, ଆଶ୍ଚର୍ଯ୍ୟ ଧରଣର ଚିତ୍ରଟି—ଜୀବନ୍ତ ଦେଖାଯାଉଛି ପ୍ରତିକୃତିଟି, ଆଖି ଦୁଇଟିରେ ରହସ୍ୟମୟୀ ଛାୟା ! ଘରର ଯାବତୀୟ ପଦାର୍ଥର ବିଶୃଙ୍ଖଳତା ସତ୍ତ୍ୱେ ଏହି ଚିତ୍ରଟି ଯେ ଅକ୍ଷତ ରହିଛି ଏହାହିଁ ଆଶ୍ଚର୍ଯ୍ୟ !

ନିକଟରେ କାନ୍ଥକୁ ଲାଗି ରଖାହୋଇଛି ଗୋଟିଏ ବଡ଼ ଲୁହା ସିନ୍ଦୁକ ।

ଅତନୁ ପରୀକ୍ଷା କରି ଜାଣିପାରିଲା ଏହି ବସ୍ତୁଟି ଅନେକ ଦିନ ହେଲା ବ୍ୟବହାର ହୋଇନାହିଁ । ସ୍ଥିର ଦୃଷ୍ଟିରେ କେତେବେଳଯାଏ ସେ ଚାହିଁ ରହିଲା ସିନ୍ଦୁକଟିକୁ । ସିନ୍ଦୁକଟିର ଚତୁର୍ଦ୍ଦିଗ ପରୀକ୍ଷା କରୁ କରୁ ହଠାତ୍ ସିନ୍ଦୁକର ପଛ ପଟେ ଥିବା ଗୋଟିଏ କ୍ଷୁଦ୍ର ବୋତାମ ଉପରେ ଦୃଷ୍ଟି ତାର ସ୍ଥିର ହୋଇ ରହିଲା । କୌତୂହଳୀ ହୋଇ ବୋତାମଟି ଉପରେ ଆଙ୍ଗୁଳିର ସ୍ପର୍ଶ ଦେବା ମାତ୍ରେ ସେହି ସିନ୍ଦୁକର ଗୋଟିଏ ଅଂଶ କିଛି ଦୂର ବାଁ ଆଡ଼କୁ ଘୁଞ୍ଚି ଆସିଲା···କେତୋଟି ମୁହୂର୍ତ୍ତ ଭିତରେ···ତାପରେ ସବୁ ସ୍ଥିର । ଉତ୍ତେଜନାରେ ସର୍ବାଙ୍ଗ ତାର ସେତେବେଳେ ଥରିବାକୁ ଲାଗିଲା···ପୁନର୍ବାର ବୋତାମଟିକୁ ସ୍ପର୍ଶ କଲେ ସୁଦ୍ଧା ତାହା ଆଉ କାର୍ଯ୍ୟକାରୀ ହେଲା ନାହିଁ ।

ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଅତନୁ ଉନ୍ମୁକ୍ତ ସିନ୍ଦୁକର ଦ୍ୱାରଟିକୁ ଯଥା ସ୍ଥାନକୁ ଆଣିବା ଲାଗି ଆପ୍ରାଣ ଚେଷ୍ଟା କଲା । ହାୟରେ ଦୁର୍ଭାଗ୍ୟ ! ଯାହା ହେବାର ନୁହେଁ ତାହା ହେବ ବା କିପରି ! ଅଗତ୍ୟା ଲଲାଟର ସ୍ୱେଦ ପୋଛି ଉଠି ଠିଆହେଲା ଅତନୁ ।

ଆତୁର ବିସ୍ମୟ ବୋଧହୁଏ ତା'ପାଇଁ ଅପେକ୍ଷା କରିଥିଲା !

ଏ କଣ ଦେଖୁଛି ସେ...କାନ୍ଥରେ ଲୀଳାର ଯେଉଁ ତୈଳ-ଚିତ୍ରଟି ଝୁଲୁଥିଲା ତାହା ପୁଣି ଅଦୃଶ୍ୟ ହେଲା କିପରି ?...ବିସ୍ମିତ ହତବାକ୍ ଅତନୁ ନିସ୍ପନ୍ଦ ହୋଇ ଗୃହଆଡ଼େ ଦୃଷ୍ଟି ସଞ୍ଚାଳନ କରିବାକୁ ଲାଗିଲା—ଭୟ ଓ ବିସ୍ମୟରେ ଶରୀରର ସମସ୍ତ ଶକ୍ତି ଯେପରି ଅନ୍ତର୍ହିତ ହୋଇଛି...କିଏ ତାହାହେଲେ ଅନ୍ଧକାର ଘର ଭିତରେ ପ୍ରବେଶ କରି ଚିତ୍ରଟିକୁ ଖୋଲି ନେଇଗଲା ? କିପରି ଅବା ଏହା ସମ୍ଭବ ହୋଇପାରେ ! ଭାରି ଛବିଟିକୁ କାଢ଼ି, ତାକୁ ବାହେଇ ନେବାକୁ ହେଲେ ନିଶ୍ଚୟ କିଛି ଶବ୍ଦ ଶୁଣାଯାଇଥାନ୍ତା... କିନ୍ତୁ ଅତନୁ ତ କୌଣସି ଶବ୍ଦ ଶୁଣି ପାରି ନାହିଁ ! ନା, ସାମାନ୍ୟ ହେଲେ ସୁଦ୍ଧା ନୁହେଁ...ତଥାପି ଛବିଟି ଯେ ଅନ୍ତର୍ହିତ ହୋଇଛି ଏହା ସ୍ଥିର ଅବଧାରିତ...

ବାହାରୁ ଗୋଡ଼-ବିଛା ରାସ୍ତା ଉପରୁ ଅସ୍ପଷ୍ଟ ଶବ୍ଦ ଧ୍ୱନିତ ହେଲା । ବୋଧହୁଏ ପହରାବାଲାର ଭାରି ବୁଟ୍‌ର ମେଟାଲିକ୍ ଶବ୍ଦ ! ଘରଟିକୁ ପ୍ରଦକ୍ଷିଣ କରି ସେ ପହରା ଦେଉଛି ।

ଟର୍ଚ୍ଚ ଲିଭାଇ ଅତନୁ ଘରର ଗୋଟିଏ କୋଣରେ ଆତ୍ମ-ଗୋପନ କଲା—କିନ୍ତୁ ଝରକାବାଟେ ଟର୍ଚ୍ଚ ଆଲୋକ ନିକ୍ଷେପ କରି ପହରାବାଲା ଦେଖିପାରିଲା ଅତନୁକୁ—ବାଧ୍ୟ ହୋଇ ଅତନୁ

ବଡ଼ ସେକ୍ରେଟାରିଏଟ୍ ଟେବୁଲ୍ ତଳେ ଲୁଚି ଆତ୍ମଗୋପନ କଲା ଏଥର ।

ଉକ୍ତ କନେଷ୍ଟବଲ୍ ଟି ଯେତେବେଳେ ଘରର ଚତୁର୍ଦ୍ଦିଗ ପ୍ରଦକ୍ଷିଣ କରୁଥିଲା ସେତେବେଳେ ବଗିଚା ଭିତରେ ଲୁଚି ରହିଥିବା ପୂର୍ବୋକ୍ତ ଗୁପ୍ତମୂର୍ତ୍ତିଟି ସୁଯୋଗର ଅପେକ୍ଷାରେ ରହିଥାଏ । ଏଥର ପହରାବାଲାର ଦେହ ବାରି ପାରି ସେ ଆଉ ଟିକିଏ ଘନ--ପତ୍ରର ଅନ୍ତରାଳରେ ଆତ୍ମଗୋପନ କଲା ।

ଟର୍ଚ୍ଚର ଆଲୋକ ପକାଇ ପହରାବାଲା ଅଗ୍ରସର ହେଉଥିଲା ଆଗକୁ । ଡାହାଣ ପଟକୁ ଆସି ଝରକା ବାଟେ ଟର୍ଚ୍ଚ ପକାଇ ସେ ଚମକି ଉଠିଲା···ଗୃହସ୍ୱାମୀର ମୃତଦେହ ଆବିଷ୍କୃତ ହୋଇଥିଲା ଏହି ଘରଟି ଭିତରୁ । କିନ୍ତୁ ଏ କି ଆଶ୍ଚର୍ଯ୍ୟ ! ଝରକାର ପର୍ଦ୍ଦା ଖଣ୍ଡିକ କିଏ ବା କେଉଁମାନେ କାଢ଼ି ନେଇଛନ୍ତି··· ଏହା କିପରି ସମ୍ଭବ ! ସେ ତ' କାହାରିକୁ ଆସିବାର ଦେଖିନାହିଁ ।

ଝରକାପାଖକୁ ଆଗେଇ ଆସିଲା ସେ । ଜମି ଉପରୁ ପ୍ରାୟ ଛଅ ଫୁଟ ଉଚ୍ଚରେ ଏହି ଝରକାଟି ଅବସ୍ଥିତ ! ଗବାକ୍ଷ ବାଟେ ମୁହଁ ଗଳାଇ ସେ ଉଚ୍ଚକଣ୍ଠରେ କହିଲା---କିଏ ତୁମେ ଘର ଭିତରେ ? ଉତ୍ତର ଦିଅ---ତା' ନହେଲେ···

ସର୍ବନାଶ ସମ୍ମୁଖରେ ଉପସ୍ଥିତ ! ପହରାବାଲା ନିଶ୍ଚୟ ତାର ଉପସ୍ଥିତି ଜାଣି ପାରିଛି ।

ରୁଦ୍ଧ ନିଃଶ୍ୱାସରେ ପ୍ରାଣପଣ ଚେଷ୍ଟାରେ ଟେବୁଲତଳେ ଲୁଚି ରହିଲା ଅତନୁ — ଆହୁରି ଭିତରକୁ ପଶିଯାଇ ଆତ୍ମଗୋପନ କଲା ସେ ।

କନେଷ୍ଟବଲଟିର ସନ୍ଦେହ ଉତ୍ତରୋତ୍ତର ବୃଦ୍ଧି ପାଇବାକୁ ଲାଗିଲା । ନା, ପବନରେ କେବେ ପର୍ଦ୍ଦାଟି ଉଡ଼ିଯାଇ ପାରେନା,

କେହି ନିଶ୍ଚୟ ପର୍ଦ୍ଦା କାଟି ଘରଭିତରେ ପଶିଛି । ଅତଏବ ଭଲଭାବରେ ପରୀକ୍ଷା କରିବା ଉଚିତ ।

ନିଃଶବ୍ଦରେ ଘରର ସଦରଦ୍ୱାର ପାଖକୁ ଆସିଲା ସେ । କିନ୍ତୁ ସେ ଜାଣିପାରିଲା ନାହିଁ ଗୁପ୍ତମୂର୍ତ୍ତିଟି ତାହାକୁ ନିଃଶବ୍ଦରେ ଅନୁସରଣ କରୁଛି ।

ବାଁ ପାଖ ଦରଜା ପାଖରେ ଉପସ୍ଥିତ ହେବା ମାତ୍ରେ ସେ ସ୍ପଷ୍ଟ ଶୁଣିପାରିଲା ପଛଆଡ଼ୁ ନିଃଶ୍ୱାସର ଉତ୍‌ଥାନ-ପତନ ଶବ୍ଦ । ସଙ୍ଗେ-ସଙ୍ଗେ ସେ ଫେରି ଚାହିଁଲା, ଆଖି-ପିଛୁଳାକେ ମେଞ୍ଚାଏ ସାଦା ଗୁଣ୍ଡ ଆସି ପଡ଼ିଲା ତାର ମୁହଁ ଉପରେ । ଆକସ୍ମିକ ଆକ୍ରମଣରେ ସେ ବିବ୍ରତ ହୋଇ ପଡ଼ିଲା । ତା ପରେ ନିଃଶ୍ୱାସ ବନ୍ଦ ହୋଇଗଲେ ମନୁଷ୍ୟର ଯେଉଁ ଅବସ୍ଥା ଘଟେ ସେଇଆ ଘଟିଲା । ଦୁଇ ହାତରେ ବେକଟିକୁ ଜାକିପାକି ଧରି ସଶବ୍ଦରେ ଭୂତଳରେ ପଡ଼ିଗଲା ସେ ଓ ପର ମୁହୂର୍ତ୍ତରେ ଧରାଶାୟୀ ଦେହଟି ଯନ୍ତ୍ରଣାରେ ଧନୁପରି ବଙ୍କେଇ-ଯାଇ ଶକ୍ତ, ସ୍ଥିର ହୋଇଗଲା ।

ଗୁପ୍ତମୂର୍ତ୍ତି ଗୁଣ୍ଡ-ନିକ୍ଷେପ-ଯନ୍ତ୍ରଟିକୁ ପକେଟରେ ଭର୍ତ୍ତିକରି ପହରାବାଲଟିକୁ ପରୀକ୍ଷା କଲା । ଯେତେବେଳେ ସେ ସ୍ଥିର ନିଶ୍ଚିତ ହେଲା ଯେ ଏ ନିଦ୍ରା ଆଉ ଭାଙ୍ଗିବାର ନୁହେଁ, ସେତେବେଳେ ସେ ଆଗେଇ ଚାଲିଲା ଭିତର ଘରକୁ ।

ଇଆଡ଼େ ଟେବୁଲତଳେ ଲୁକ୍‌କାୟିତ ଅତନୁର ଅବସ୍ଥା କହିଲେ ନ ସରେ । ସେ ବର୍ତ୍ତମାନ କଣ କରିବ ! ପହରାବାଲା ଯଦି ଖୋଜା ଖୋଜି ଆରମ୍ଭ କରେ, ତାହାହେଲେ ସବୁ ପରିଶ୍ରମ ଓ ପରିକଳ୍ପନା ଏଇଠାରୁ ଇତି ହେଲା । ଝରକା ଦେଇ ବାହାରକୁ ପଳାଇଯିବା ଉଚିତ କି ନୁହେଁ···

ଟେବୁଲ ତଳୁ ନିଶବ୍ଦରେ ବାହାରି ଆସିଲା ସେ···

ଖଟ୍ କରି ଗୋଟାଏ ଶବ୍ଦ ଶୁଣାଗଲା । ପ୍ରମାଦ ଗଣିଲା ଅତନୁ ! ଘରଭିତରେ ଥିବା ବୈଦ୍ୟୁତିକ ଆଲୋକଟି ମଧ୍ୟ ଜଳି ଉଠିଲା ସଙ୍ଗେ ସଙ୍ଗେ । ସମ୍ମୁଖରେ ଅତନୁ ଯାହା ଦେଖିଲା, ଶରୀରର ରକ୍ତ-ସଞ୍ଚାର ତାର ସେହି ମୁହୂର୍ତ୍ତରେ ବନ୍ଦ ହୋଇଯିବ ବୋଲି ମନେହେଲା ।

ଦୀର୍ଘକାୟ ଜଣେ ମନୁଷ୍ୟମୂର୍ତ୍ତି କାଳାନ୍ତକ ପରି ଠିଆ ହୋଇଛି ଘରଟି ଭିତରେ ।

ସର୍ବାଙ୍ଗ ଦୀର୍ଘ ଓଭରକୋଟ୍‌ର ଆଚ୍ଛାଦନରେ ଆବୃତ । ମୁହଁ ଉପରେ ଗୋଟିଏ କଳା-ପର୍ଦ୍ଦା ଓ ସେହି ପର୍ଦ୍ଦା ଦେହରେ ଗୋଟିଏ ମାତ୍ର ଛିଦ୍ର, ଯେଉଁ ଛିଦ୍ର ଦ୍ୱାରା ଗୋଟିଏ ଚକ୍ଷୁର ଦୃଷ୍ଟି ବାହାର ବସ୍ତୁ ଉପରେ ପ୍ରତିଫଳିତ ହୋଇପାରେ । କେତେଟା ମୁହୂର୍ତ୍ତ ଅଭିଭୂତଭାବେ ଠିଆ ହୋଇ ଅତନୁ ପ୍ରଶ୍ନ କଲା—କିଏ ତୁମେ ?

ସେ କଥାର କୌଣସି ଉତ୍ତର ନ ଦେଇ ଆଗନ୍ତୁକ ଛାୟାମୂର୍ତ୍ତି ଗମ୍ଭୀର କଣ୍ଠରେ କହିଲା—ନିଆଁକୁ ହାତରେ ଧରି ଖେଳିଲେ କିପରି ଅବସ୍ଥା ହୁଏ, ତାହା ଜାଣ ନାହିଁ ବୋଧହୁଏ !

ଅଦ୍ଭୁତ ଗମ୍ଭୀର କଣ୍ଠସ୍ୱର !

ଅତନୁ ସ୍ଥିର ନେତ୍ରରେ ଚାହିଁ ସଂଯତକଣ୍ଠରେ କହିଲା— ମୁଁ କଣ କରିବାକୁ ଆସିଛି ନ ଆସିଛି ସେ କଥା ମୁଁ ଜାଣେ, କିନ୍ତୁ ତୁମେ କିଏ ?

ଛାୟାମୂର୍ତ୍ତି ସେହିପରି ଗମ୍ଭୀର ସ୍ୱରରେ କହିଲା—ମୁଁ ଯିଏ ହୁଏ; ତୁମର ସେଥିରେ ଯାଏ ଆସେ କଣ ! କିନ୍ତୁ ତୁମେ ଯେ ସାକ୍ଷାତ ମୃତ୍ୟୁ ସମ୍ମୁଖରେ ଆସି ଛିଡ଼ା ହୋଇଛ, ଏହା ବୋଧହୁଏ, ତୁମେ ଜାଣନା ! ପକେଟରୁ ଗୋଟିଏ ଯନ୍ତ୍ର ବାହାର କରି

ଆଗନ୍ତୁକ ପୁନର୍ବାର କହିଲା—ଏହି ସନ୍ଦୁକଟି ଭିତରେ ଏପରି ଏକ ପ୍ରକାର ସାଦା ବସ୍ତୁ ଅଛି, ତାହା ଯଦି ତୁମର ମୁହଁ ଉପରେ ପଡ଼େ, ତୁମର ଫୁସ୍‌ଫୁସ୍‌ର କ୍ରିୟା ସଙ୍ଗେ ସଙ୍ଗେ ନିଷ୍କ୍ରିୟ ହୋଇଯିବ । ଏହି ମାରାତ୍ମକ ବିଷର ପ୍ରତିଷେଧକ ଶକ୍ତି ମୋର ଏହି କଳା ପର୍ଦ୍ଦାଟିର ତଳେ ଅଛି । ଛାଡ଼ ସେସବୁ···ଆଗେ କୁହ, ତୁମେ କିଏ···କାହିଁକି ତୁମେ······

ଦୋ-ଚାଳିଆ ସିଡ଼ି ଉପରେ ପଦଶବ୍ଦ ଧ୍ୱନିତ ହେଲା । ଉଭୟେ ସେହି ଆଡ଼କୁ ଚାହିଁ ଦେଖିଲେ ପୂର୍ବ ବର୍ଣ୍ଣିତ ମୂକ ଓ ବଧିର ଭୃତ୍ୟାଟି ହାତରେ ଖଣ୍ଡିଏ ଛୋଟ ସୁଟ୍‌କେସ୍ ଧରି ବ୍ୟସ୍ତଭାବେ ତଳକୁ ଓହ୍ଲାଇ ଆସୁଛି । ଭୃତ୍ୟା ନିକଟସ୍ଥ ହେବାମାତ୍ରେ ଅତନୁ ଦେଖି ପାରିଲା, ସୁଟ୍‌କେସ୍‌ଟିର ଉପରେ ଇଂରାଜୀ "ଏଲ" ଅକ୍ଷରଟି ଲେଖା ହୋଇଅଛି ।

ଏହି ସୁଟ୍‌କେସ୍ ଖଣ୍ଡିକ ଯେ ଲୀଳାର ତାହା ସନ୍ଦେହବିହୀନ······

ଛଦ୍ମବେଶୀ ଆଗନ୍ତୁକ ମଧ୍ୟ ସୁଟ୍‌କେସ୍‌ଟିକୁ ଦେଖି ପାରିଥିଲା ଓ ସଙ୍ଗେ ସଙ୍ଗେ ଆଗେଇ ଆସି ପରିଚାରିକାଟିର ପାଖରୁ ତାହା ନେବାଲାଗି ହାତ ବଢ଼ାଇଲା ।

ପରିଚାରିକା ମଧ୍ୟ ଛାୟାମୂର୍ତ୍ତିଟାକୁ ଦେଖି ଗୋଟାଏ ଭୟାର୍ତ୍ତ ଶବ୍ଦ କରି ପୁନର୍ବାର ଉପରକୁ ଉଠିଗଲା, କିନ୍ତୁ ବାଧାଦେଲା ସେହି ଛାୟାମୂର୍ତ୍ତି । ହିଂସ୍ର ଶ୍ୱାପଦ ପରି ଲମ୍ଫ ପ୍ରଦାନ କରି ସିଡ଼ି ଉପରେ ଉଠି ଭୃତ୍ୟାଟିକୁ କରକବଳିତ କରି ସୁଟ୍‌କେସ୍‌ଟିକୁ ଛଡ଼ାଇ ନେବାଲାଗି ଶକ୍ତି ପ୍ରୟୋଗ କଲା ।

ଅତନୁ ଶେଷ ପାହାଚ ଉପରେ ଠିଆ ହୋଇଥିଲା । ଗୋଟାଏ ବିଷମ ସଂକଳ୍ପ ସ୍ଥିର କରିନେଇ ଆଉ ଦୁଇଟି ପାହାଚ

ଉପରକୁ ଉଠି ଆସିଲା ସେ । ଏଇ ତ' ସୁଯୋଗ ! ଅତନୁ ଆଡ଼େ ଲକ୍ଷ୍ୟ ନ ରଖି ଗୁପ୍ତାମୂର୍ତ୍ତି ସେତେବେଳେ ଭୃତ୍ୟା ହାତରୁ ସୁଟ୍‌କେସ୍ ଛଡ଼ାଇ ନେବାରେ ବ୍ୟସ୍ତ—ଏହି ଅବସରରେ ଅତନୁ ସମ୍ମୁଖୀନ ହୋଇ ପ୍ରାଣପଣ ଶକ୍ତିରେ ପ୍ରଚଣ୍ଡ ଗୋଟାଏ ଘୁସି ବସାଇ ଦେଲା ଗୁପ୍ତାମୂର୍ତ୍ତିର ମୁହଁରେ । ଆଚମ୍ବିତ ଆକ୍ରମଣରେ ବିହ୍ୱଳ ହୋଇ ସେହି ମୂର୍ତ୍ତି ନିଜର ସମତା ରକ୍ଷା କରି ନ ପାରି, ଛିଟିକି ଆସି ସଶବ୍ଦରେ ଭୂତଳରେ ପଡ଼ିଲା, ସିଡ଼ିର ରେଲିଂ ଦେହରେ ମୁଣ୍ଡ ବାଜି ଭୀଷଣ ଯନ୍ତ୍ରଣା ସେ ଅନୁଭବ କଲା ।

ମୁଣ୍ଡରେ କଠିନ ଆଘାତ ପାଇ ତଳେ ଅଜ୍ଞାନ ହୋଇ ପଡ଼ିଲା ଗୁପ୍ତାମୂର୍ତ୍ତି ।

ଅତନୁ ମୂର୍ତ୍ତିର ସମ୍ମୁଖରେ ଛିଡ଼ା ହୋଇ ପରୀକ୍ଷା କରି ଦେଖିଲା ତାହାର ଆଉ ହଲଚଲ ହେବା ଉପାୟ ନାହିଁ—ସେ ଶକ୍ତି ତାର ବିଲୁପ୍ତ ହୋଇଛି । କାଳ ବିଳମ୍ବ ନ କରି କଳାପର୍ଦ୍ଦାଟିକୁ ଅପସାରଣ କଲା ସେ । ଆଚ୍ଛାଦନ ଉନ୍ମୋଚନ ହେବା ପରେ ପ୍ରଖର ବିଦ୍ୟୁତାଲୋକରେ ଦେଖାଗଲା, ଲୋକଟିର ପାଂଶୁବିବର୍ଣ୍ଣ ମୁଖ—କୋଟରଗତ ଚକ୍ଷୁ ଦୁଇଟି, ଗାଲ ଉପରର ଚମଡ଼ା କୁଞ୍ଚିତ । ଅପରିଚିତ ବ୍ୟକ୍ତି···ଅତନୁ ତାକୁ ଚିହ୍ନି ପାରିଲାନାହିଁ ।

ସେହି ଭୃତ୍ୟାଟି ଉପରକୁ ଉଠିଯାଇ କବାଟ କିଳି ଘର ଭିତରେ ରହିଲା । ଆରକ୍ତସିକ୍ତ କଳା 'ପର୍ଦ୍ଦା'ଟିକୁ ପକେଟ୍‌ରେ ରଖି ଅତନୁ ଆସି ପୂର୍ବୋକ୍ତ ଘରଟିରେ ଉପସ୍ଥିତ ହେଲା । ଲୌହ ସିନ୍ଦୁକଟି ଇତି ମଧ୍ୟରେ ସ୍ଥିର ହୋଇ ଯଥା ସ୍ଥାନରେ ଆସି ରହିଛି । ସୁତରାଂ ତାହାକୁ ନିଶ୍ଚୟ ଅପସାରଣ କରାଯାଇ ପାରେ ଓ ତଳରେ ଏପରି କୌଣସି ଗୁପ୍ତ ଗହ୍ୱର ଅଛି ଯେଉଁଠାରେ କ ଇପ୍‌ସିତ କାଗଜ-ପତ୍ର ମିଳିବା ସମ୍ଭବ ! ଭୃତ୍ୟା ତାହାକୁ ଚିହ୍ନି

ଥାଉଛୁ । ପୁଲିଶ ଆସିଲେ ସେ ନିଶ୍ଚୟ ସେମାନଙ୍କୁ ଅତନୁ ଆସିଥିଲା ବୋଲି ବୁଝାଇ କହିବ ।

ହଠାତ୍ ଉପାୟ ସ୍ଥିର କରିନେଇ ଘରର ବାହାରକୁ ବାହାରି ଆସି ଦୁଆର ମୁହଁରେ ଟଙ୍ଗା ହୋଇଥିବା ପର୍ଦ୍ଦା ଟିକୁ ଖଣ୍ଡ ଖଣ୍ଡ କରି ଚିରି, ତାହାକୁ ଦଉଡ଼ି ଆକାରରେ କଲା, ସେହି ଗୃହସ୍ୱାମୀ ଟିକୁ ଅତି ଦୃଢ଼ଭାବେ ବାନ୍ଧି ପକାଇଲା—ଯେପରି କି ପୁଲିଶ ଆସି ତାକୁ ସହଜରେ ଗ୍ରେପ୍ତାର କରି ପାରିବ ।

ପୁନର୍ବାର ଘର ଭିତରକୁ ଆସି ଲୁହା ସିନ୍ଦୁକଟିର ତାଲା ଖୋଲିବା ପାଇଁ ଚେଷ୍ଟା କଲା ସେ, କିନ୍ତୁ ପାରିଲା ନାହିଁ । କିଛିକ୍ଷଣ ଅନ୍ତରରେ ଘର୍ମାକ୍ତ ହୋଇ ବସି ପଡ଼ିଲା ସେଇଠି । ହଠାତ୍ ଘର ଭିତରେ ଥିବା ଟେଲିଫୋନ୍ ଯନ୍ତ୍ରଟି ବାଜି ଉଠିଲା । କଣ ଭାବି ଅତନୁ ନିଜେ ଯନ୍ତ୍ରଟିକୁ ଧରିଲା । ପ୍ରୟୋଜନ ହେଲେ ନିଜେ ସେ ପ୍ରହରୀ ଭୂମିକାରେ ଅଭିନୟ କରିବ ।

କିନ୍ତୁ ଟେଲିଫୋନ୍‌ଟି ପୁଲିଶ୍ ଅଫିସରୁ ଆସିନାହିଁ । ସ୍ତ୍ରୀ ଲୋକର କଣ୍ଠସ୍ୱର । ଅତନୁ ବିସ୍ମିତ ହେଲା । ଲୀଳା ବୋଧହୁଏ ।

— Hallo ରିସିଭରଟିକୁ ଉଠାଇ ନେଇ ପଚାରିଲା ଅତନୁ ।

ଅପରପାର୍ଶ୍ବସ୍ଥ କଣ୍ଠସ୍ୱରରେ ଭାସି ଆସିଲା— କିଏ... ଅ-ବାବୁ କହୁଛନ୍ତି ନା...

ବ୍ୟଗ୍ରକଣ୍ଠରେ ଅତନୁ କହିଲା — ହଁ-ହଁ, ଲୀଳାଦେବୀ ବୋଧ ହୁଏ ?

—ହଁ, ମୁଁ ଲୀଳା...

—ମୁଁ ଅତନୁ କହୁଛି...କଣ ହୋଇଛି କହନ୍ତୁ—

—ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁ ବର୍ତ୍ତମାନ ମୋ ପାଖକୁ ଆସିଥିଲେ । ମୋତେ ସେ ଅନେକ କଥା ପଚାରିଗଲେ । ସେ ବର୍ତ୍ତମାନ ଚୌଧୁରୀ-ଭବନ ଆଡ଼େ ଗଲେ ବୋଧହୁଏ···

—ସତେ ? ···ବିସ୍ମୟ ଓ ଆଶଙ୍କାରେ ବିଚଳିତ ହୋଇ ଉଠିଲା ଅତନୁ ।

ଲୀଳା କହିବାକୁ ଲାଗିଲା—ବିନୋଦ ମଧ୍ୟ କିଛି ସମୟ ପୂର୍ବରୁ ଆସିଥିଲା । କିନ୍ତୁ ହୋଟେଲର ବୈଠକଖାନାରେ ଦୁଇ ଚାରି ଜଣଙ୍କ ସାଙ୍ଗରେ ବସି ଗଳ୍ପ କରୁଥିଲା ବୋଲି ସେ ସାହସ କରି ମୋତେ କିଛି ପଚାରିପାରି ନାହିଁ । ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁ କିନ୍ତୁ ଛାଡ଼ିଲେ ନାହିଁ । ଡାକି ନେଇ ମୋତେ କେତେପ୍ରକାର ଜେରା କରାଇଲେ । ଶେଷରେ ଆପଣଙ୍କ କଥା ମଧ୍ୟ ପଚାରିଲେ । ମୁଁ କହିଲି ଆପଣ ବର୍ତ୍ତମାନ କେଉଁଠି ଅଛନ୍ତି ତାହା ମୁଁ ଜାଣେ ନା···

—ତା'ପରେ···ରୁଦ୍ଧ-ନିଃଶ୍ୱାସରେ ପଚାରିଲା ଅତନୁ ।

—ସେ ଆପଣଙ୍କୁ ହୋଟେଲରେ ଖୋଜୁଥିଲେ, କିନ୍ତୁ ଦେଖା ପାଇଲେ ନାହିଁ ବୋଲି କହିଲେ । କଥାବାର୍ତ୍ତାରୁ ବୁଝିପାରିଲି ଆପଣ ଚୌଧୁରୀ-ଭବନରେ ଅଛନ୍ତି ବୋଲି ସେ ସନ୍ଦେହ କରୁଛନ୍ତି ଓ ଏହି କାରଣରୁ ସେ ସେଠାକୁ ଯାଇଛନ୍ତି । ଆପଣ ଚୌଧୁରୀ-ଭବନରୁ ଖସି ପଳାନ୍ତୁ···

ଟେଲିଫୋନଟିକୁ ରଖିଦେଲା ଲୀଳା । ଅତନୁ ଯେପରି ପଥର ପାଲଟି ଯାଇଛି । ହଠାତ୍ ମନେ ପଡ଼ିଯିବାରୁ ଘରର ଆଲୁଅଗୁଡ଼ିକୁ ଲିଭାଇ ଦେଲା ସେ—ଗବାକ୍ଷ ବାଟେ ଡେଇଁ ଉଦ୍ୟାନ ଭିତରେ ଆସି ପହଞ୍ଚିଲା । ଅଦୂରରୁ ଶୁଣାଗଲା ମଟରର ଗର୍ଜନ, ବୋଧହୁଏ ଇନ୍‌ସ୍‌ପେକ୍ଟର ଏଇଆଡ଼େ ଆସୁଛି ।

ସଦର ଦୁଆର ମୁହଁରେ ପଡ଼ିଛି କନେଷ୍ଟବଲଟିର ମୃତ ଦେହ । ଅତନୁ ବୁଝିପାରିଲା ଗୁପ୍ତାମୂର୍ତ୍ତିର ବିଷବାଷ୍ପ ପ୍ରୟୋଗରେ ପହରାବାଲାଟି ମୃତ୍ୟୁ ବରଣ କରିଛି । କେଡ଼େ ସାଂଘାତିକ ଏଇ ଲୋକଟା ! ମନୁଷ୍ୟକୁ ସେ ପୋକମାଛି ପରି ମନେ କରେ । ମନେ ମନେ ଆଉ ଥରେ ଶିହରି ଉଠିଲା ଅତନୁ ।

ଏଇ ପହରାବାଲାଟି ପରି ତାର ମଧ୍ୟ ଅବସ୍ଥା ଘଟିଥାନ୍ତା—ଅଳ୍ପକେ ସେ ରକ୍ଷା ପାଇଯାଇଛି ।

ମଟର ଶବ୍ଦ କ୍ରମେ ନିକଟେଇ ଆସିଲା । ଅତି ସନ୍ତର୍ପଣରେ ଉଦ୍ୟାନରୁ ବାହାରି ଘନ ବୃକ୍ଷରାଜିର ଅନ୍ତରାଳରେ ଆତ୍ମଗୋପନ କଲା ଅତନୁ...

ରାସ୍ତା ଉପରେ ମଟରଟିକୁ ବ୍ରେକ୍ କରାଇ ଜଣେ ଅନୁଚର ସହ ଇନ୍ସ୍ପେକ୍ଟର ବ୍ରଜକିଶୋର ଚୌଧୁରୀ-ଭବନ ଆଡ଼କୁ ଆଗେଇ ଆସିଲେ ।

ଅତନୁ ଚମକି ପଡ଼ିଲା... ଅଳ୍ପ ଦୂରରେ ଥିବା ଆଉ ଗୋଟିଏ ଜଙ୍ଗଲିକାଣ୍ଟି ବୁଦା ନିକଟରେ ଏ କ ଶବ୍ଦ ଶୁଣାଯାଉଛି... କିଛିକ୍ଷଣ ପରେ ଶବ୍ଦଟି ମଧ୍ୟ ମିଳାଇଗଲା ।

ତା'ପରେ ପୁନର୍ବାର ସେଇ ଅସ୍ପଷ୍ଟ ଶବ୍ଦ । ଶବ୍ଦ ଆଉ ଟିକିଏ ସ୍ପଷ୍ଟତର ହେଲା...ମନୁଷ୍ୟ ପଦ ଶବ୍ଦ ପରି...ମାତାଲଙ୍କ ପରି ଟଳି ଟଳି କିଏ ଯେପରି ତାରି ଆଡ଼କୁ ଆସୁଛି...ଅଦ୍ଭୁତ ଗୋଟାଏ ଗୁପ୍ତାମୂର୍ତ୍ତି । ତାହାହେଲେ କଣ ବନ୍ଧନ-ମୁକ୍ତ ହୋଇ ସେଇ ଲୋକଟା ଚୌଧୁରୀ-ଭବନ ଭିତରୁ ପଳାଇ ଆସିଛି !

ସର୍ବାଙ୍ଗ ଥରହର ହୋଇ କମ୍ପିବାକୁ ଲାଗିଲା ଅତନୁର ।

ଏ କଣ ! ସେ ଯେ ତାରି ଆଡ଼କୁ କ୍ରମେ ଆଗେଇ ଆସୁଛି... ସେ କଣ ସ୍ପଷ୍ଟଭାବେ ଦେଖିପାରୁଛି ଅତନୁକୁ ! କୌଣସି ପ୍ରକାରେ

ଉଠି ଠିଆହେଲା ସେ···ସର୍ବାଙ୍ଗ ତାର କଠିନ ହୋଇ ଆସିଲା—ହାତ ଦୁଇଟି ମୁଷ୍ଟିବଦ୍ଧ କରି···

ଲୋକଟି ଦେଖିପାରି ଥମକି ଛିଡ଼ା ହୋଇଗଲା । ଗୋଟାଏ ଅଦ୍ଭୁତ ଅନୁଚ୍ଚ ହଂସ୍ରଧ୍ୱନି ଶୁଣାଗଲା ଏଥର । ସ୍ପଷ୍ଟରୂପେ ଦେଖାଗଲା ଲୋକଟି ହାତରେ ଗ୍ୟାସ୍-ପିସ୍ତଲ ଧରିଛି । ଅତନୁ କିନ୍ତୁ ଭ୍ରୂକ୍ଷେପ ନ କରି କ୍ଷିପ୍ର ହସ୍ତରେ ପକେଟରୁ ଗ୍ୟାସ୍-ପ୍ରତିରୋଧକ କଳା ପର୍ଦ୍ଦାଟିକୁ ବାହାର କରି ତୀବ୍ର ବେଗରେ ଲୋକଟି ଆଡ଼କୁ ଧାବିତ ହେଲା । ଆଘାତ-ପ୍ରତିଘାତର ଉତ୍ତେଜନାରେ ସେତେବେଳେ ପ୍ରାୟ ପାଗଳ ହୋଇଛି ଅତନୁ···

ଲୋକଟା ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ଗ୍ୟାସ-ପିସ୍ତଲର ଘୋଡ଼ା ଟିପିଲା । ଉଗ୍ର ବିଷାକ୍ତ ଗ୍ୟାସ ନିର୍ଗତ ହେଲା ପିସ୍ତଲର ନଳରୁ, କିନ୍ତୁ ପ୍ରତିରୋଧକ ପର୍ଦ୍ଦା ମୁହଁରେ ଥିବାରୁ ତାହା ଅତନୁର କୌଣସି କ୍ଷତିସାଧନ କରିପାରିଲା ନାହିଁ ।

ସୁଯୋଗ ବୁଝି ଅତନୁ ଆତତାୟୀକୁ ଆକ୍ରମଣ କରି ଧରାଶାୟୀ କଲା···ଗୁପ୍ତାମୂର୍ତ୍ତି ଆଘାତର ବେଗ ସହ୍ୟ କରି ପାରିଲା ନାହିଁ···ଖଣ୍ଡିଏ ପ୍ରକାଣ୍ଡ ପ୍ରସ୍ତର ଦେହରେ ମୁଣ୍ଡ ବାଜି ରକ୍ତ ଝରିବାକୁ ଲାଗିଲା···ଚେତନା ମଧ୍ୟ ବିଲୁପ୍ତ ହେଲା ସଙ୍ଗେ ସଙ୍ଗେ ।

ସୂଚୀଭେଦ୍ୟ ଅନ୍ଧକାର ଓ ପ୍ରଗାଢ଼ ନିସ୍ତବ୍ଧତା ଭେଦ କରି ପୁଲିସର ସାଙ୍କେତିକ ଧ୍ୱନି ଶବ୍ଦାୟିତ ହେଲା । ଅତନୁ ଆଉ ଅପେକ୍ଷା ନ କରି ଯଥାସମ୍ଭବ ଦ୍ରୁତପଦକ୍ଷେପରେ ସଦର ରାସ୍ତା ଆଡ଼େ ଦଉଡ଼ିବାକୁ ଲାଗିଲା । ଅତି ନିକଟରୁ ଶୁଣାଯାଉଥାଏ ଏକାଧିକ ଲୋକର ପଦଶବ୍ଦ ଓ ଉତ୍ତେଜିତ କଣ୍ଠସ୍ୱର । × × ×

ଆଗେଇ ଚାଲିଲା ଅଜନୁ । ସମ୍ମୁଖରେ ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁଙ୍କର ଜୀପ୍ ଖଣ୍ଡିକ···ଆରୋହୀଶୂନ୍ୟ ଯନ୍ତ୍ର-ଶକଟ—ଆଉ ଭାବିବାର କଣ ଅଛି !

ଚୌରଆଡ଼େ ସତର୍କ ଦୃଷ୍ଟି ବୁଲାଇ ଆଣି ଅଜନୁ ଜୀପଟିରେ ଉଠିପଡ଼ି ଷ୍ଟାର୍ଟ ଦେଲା···ତା ପରେ ଯାହା ଘଟିବାର ଘଟିଲା । ପଛରୁ ଚିତ୍କାର ଓ ପୁଲିସର ଘନ ଘନ ବଂଶୀଧ୍ୱନି ଶୁଣାଯାଉଥାଏ—ସାନ୍ତ୍ରି-ପହରାମାନେ ସେହି ଶବ୍ଦ ଶୁଣି ବାହାରେ ଆସି ରୁଣ୍ଡ ହେଲେଣି···କିନ୍ତୁ ଯାହାକୁ ନେଇ ଏତେ କଥା ସେ ସେତେବେଳେ ଯାଇଛି ପାର୍···ଷାଠିଏ ମାଇଲ ବେଗରେ ଛୁଟିଛି ଜୀପ ଖଣ୍ଡିକ ମେଟାଲ-ରୋଡ଼ ଉପର ଦେଇ···

କନେଷ୍ଟବଲ୍‌ର ମୃତ ଦେହ ଦେଖି ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁ ଉତ୍ତେଜନାରେ ଅଧୀର ହୋଇ ଉଠିଲେ । ଏହି ଲୋକଟିକୁ ସେ ନିଜେ ପଠାଇଥିଲେ ଓ ତାଙ୍କର କାର୍ଯ୍ୟରେ ସେ ପ୍ରାଣ ହରାଇଲା । ପକେଟରୁ ପିସ୍ତଲ ବାହାର କରି ଅନୁଚରଟି ସହ ସେ ବାହାରିଲେ ଚୌଧୁରୀ-ଭବନ ଭିତରକୁ ।

କେହି କେଉଁଠାରେ ନାହାନ୍ତି, ତେବେ ସୁଦ୍ଧା ଘରଭିତରେ ଆଲୋକଟି ଜଳୁଛି । ସ୍ମେଲିଂ-ପାଉଡ଼ରର ଗନ୍ଧ ପରି ଗୋଟାଏ ଗନ୍ଧ ବାହାରୁଛି ଘରଟି ଭିତରୁ ।

—ତୁମେ ଏହିଠାରେ ପ୍ରସ୍ତୁତ ହୋଇଥାଅ, ହନୁମାନସିଂ···ଯଦି କେହି ଆକ୍ରମଣ କରନ୍ତି ବିନା ଦ୍ୱିଧାରେ ତୁମେ ଗୁଳି ଚଳାଇବ···କହୁ କହୁ ବ୍ରଜକିଶୋରବାବୁ ଦକ୍ଷିଣ-ପଟରେ ଥିବା ଘରଟି ଭିତରକୁ ପଶିଗଲେ ।

ଶୂନ୍ୟ ଘର । ହଠାତ୍ ଇନ୍‌ସ୍‌ପେକ୍ଟର ଦେଖିପାରିଲେ ଲାଲାର ଟେଲିଫୋନଟି ଅନ୍ତର୍ହିତ ହୋଇଛି ! ଏହା କମ୍ ଆଶ୍ଚର୍ଯ୍ୟର

ଡଷପ୍ତ ନୁହେଁ । ଅନ୍ୟ କେଉଁଠାରେ ଶବଟି ଥାଇପାରେ ଭାବି ସେ ଏଣେ ତେଣେ ଖୋଜିବାକୁ ଲାଗିଲେ । କିନ୍ତୁ କାହିଁ, କେଉଁଠାରେ ସେହି ତୈଲଶବଟି ! ତାହାହେଲେ କିଏ ଏହି ଶବଟି ନେବାଲାଗି ଶତ୍ରୁ ଏଠାରେ ପଦାର୍ପଣ କରିଥିଲା ? ଆଶ୍ଚର୍ଯ୍ୟ ! ଏପରି କି ରହସ୍ୟ ଲୁକ୍‌କାୟିତ ଅଛି ଏହି ଛବିଟି ସହିତ !

ଲୌହ-ପେଟିକା ନିକଟରେ ପଡ଼ିଥିବା ଆଉ ଗୋଟିଏ ବସ୍ତୁ ଉପରେ ଦୃଷ୍ଟି ତାଙ୍କର ଆକର୍ଷିତ ହେଲା । ପର୍ଦାଟିକୁ ଚିରି ହଜଡ଼ ଭଳି ବଳା ହୋଇଥିବା କେତେଖଣ୍ଡ ସେ ପର୍ଯ୍ୟନ୍ତ ପଡ଼ିଥାଏ ସେଇଠି । କୌଣସି ଶକ୍ତ ଜିନିଷ ଉପରେ ଘସି ଘସି କିଏ ଯେପରି ତାହାକୁ ଛିନ୍ନ କରିଛି—ବୋଧହୁଏ ଲୌହ-ସିନ୍ଦୁକ ଦେହରେ କେହି ଘସିଛି, ନିଜକୁ ବନ୍ଧନ-ମୁକ୍ତ କରିଛି ଏହିପରି ଭାବେ ଛିଣ୍ଡାଇ ।

ପ୍ରତି ପଦକ୍ଷେପରେ ନୂତନ ଘଟଣାବଳୀର ଅବତାରଣା ଦେଖି ବିଭ୍ରାନ୍ତ ହେଲେ ଇନ୍‌ସ୍‌ପେକ୍ଟର । ତାହାହେଲେ ଏକାଧିକ ବ୍ୟକ୍ତି ଏ ଘରେ ପଦାର୍ପଣ କରିଥିଲେ ଓ ସେମାନେ ଦୁଇ ବିଭିନ୍ନ ଦଳଭୁକ୍ତ ।

ହନୁମାନସିଂ ଉପରକୁ ଉଠିଆସି ବିକୃତ-ଜିହ୍ୱା ସେହି ଭୃତ୍ୟାଟିର ଅର୍ଗଳବଦ୍ଧ ଦ୍ୱାରଟି ଉପରେ ସଜୋରେ କରାଘାତ କଲା । ଠିକ୍ ସେତିକିବେଳେ ଜୀପ୍‌ର ଇଞ୍ଜିନ ଶବ୍ଦ କରି ଉଠିଲା । ଇନ୍-ସ୍ପେକ୍ଟର ଶବ୍ଦ ବାରି ଚିତ୍କାର କରିଲେ—ଆମର ଜୀପ୍‌ଟିକୁ ନେଇ କିଏ ପଳାଇଯାଉଛି, ହନୁମାନସିଂ··· କହୁ କହୁ ବ୍ରଜକିଶୋରବାବୁ ଓ ତାଙ୍କ ପଛେପଛେ ହନୁମାନସିଂ ଉଭୟେ ଆସିଲେ ବାହାରକୁ, କିନ୍ତୁ ଜୀପ ଖଣ୍ଡିକୁ ସେମାନେ ଦେଖି ପାରିଲେ ନାହିଁ··· ଉଲ୍‌କା ବେଗରେ ତାହା ସେତେବେଳେ ଛୁଟିଛି ନିର୍ଜନ ରାସ୍ତା ଉପର ଦେଇ ।

ଇନ୍‌ସ୍‌ପେକ୍ଟର ଓ ହନୁମାନସିଂର ଦୃଷ୍ଟି ଧାବମାନ ଜୀପ୍ ଉପରେ ନିବଦ୍ଧ। ସେମାନେ ଜାଣିପାରିଲେ ନାହିଁ ଯେ—ସେମାନଙ୍କ ପାଖରୁ ମାତ୍ର ଦଶ ହାତ ଦୂରରେ, ଘନ-ଅରଣ୍ୟ-ପୂର୍ଣ୍ଣ ବୃଦ୍ଧା ମୂଳରେ ଏହି ରହସ୍ୟ-ଯବନିକାର ପ୍ରକୃତ ନାୟକ, ସେହି ଛଦ୍ମବେଶୀ ଗୁପ୍ତମୂର୍ତ୍ତି ସୁଯୋଗର ପ୍ରତୀକ୍ଷାରେ ରହିଛି।

ଉଭୟେ ଫେରି ଆସିଲେ ଘର ଭିତରକୁ। ବନ୍ଧୁତକହ୍ନା ଭୃତ୍ୟା ସୁଟ୍‌କେସ୍‌ଟିକୁ ହାତରେ ଧରି ପଳାଇ ଯାଉଥିଲା, ହନୁମାନସିଂ ବାଧା ଦେଲା ତାକୁ। ତାକୁ ପ୍ରଶ୍ନ କଲାରୁ ଯାହାସବୁ ସେ କହିଗଲା କେହି ତାର ବିନ୍ଦୁ-ବିସର୍ଗ ହେଲେ ସୁଦ୍ଧା ବୁଝି-ପାରିଲେ ନାହିଁ। ସୁଟ୍‌କେସ୍‌ଟିର ଉପରେ "ଏଲ୍" ଅକ୍ଷରଟି ଲେଖା ହୋଇଥିବା ଦେଖି ଇନ୍‌ସ୍‌ପେକ୍ଟର୍ ବ୍ରଜକିଶୋରବାବୁ ସେ ଖଣ୍ଡିକ ତା' ହାତରୁ ଛଡ଼ାଇନେଲେ।

ଇନ୍‌ସ୍‌ପେକ୍ଟରଙ୍କର ମନେ ପଡ଼ିଲା, ଏହି ସୁଟ୍‌କେସ୍‌ଟି ପାଇଁ ଲୀଳାଦେବୀ ଆଜି ସକାଳେ ଅତନୁ ସହିତ ହୋଟେଲରେ ଦେଖାକରିଥିଲା—ଯେତେଦୂର ସମ୍ଭବ, ଏହି ରହସ୍ୟ ସମ୍ବନ୍ଧୀୟ ସୂତ୍ରାଦି ନିହିତ ଅଛି ସୁଟ୍‌କେସ୍‌ଟି ଭିତରେ···

ସୁଟ୍‌କେସ୍‌ଟି ଖୋଲାଗଲା। ବାହାରିଲା ଗୋଟିଏ ପାଉଡ଼ର କେସ୍, ଶ୍ରେଷ୍ଠ ଖଣ୍ଡିଏ ଆଇନା, ସ୍ତ୍ରୀ-ମାନଙ୍କର ପ୍ରସାଧନର ଉପଯୋଗୀ କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ ପଦାର୍ଥ।

ଆଶ୍ଚର୍ଯ୍ୟ ହେଲେ ଇନ୍‌ସ୍‌ପେକ୍ଟର। ଯାହା ସେ ଆଶା କରି-ଥିଲେ ସେହି ଇପ୍‌ସିତ ବସ୍ତୁ କାହିଁ ଏଥିରେ ···

ହେଡ଼୍ କ୍ୱାଟରକୁ ଫୋନ୍ କଲେ ସେ।

କିଛି ସମୟ ପରେ ଉପସ୍ଥିତ ହେଲେ ସ୍ପେଶାଲ-ବ୍ରାଞ୍ଚର ଡେପୁଟି ଗୌତମ ସୁବୁଦ୍ଧି, ସହକାରୀ ଓ ଭିଷା-ବିଶାରଦ ଅନିରୁଦ୍ଧ

ଦାସ । ଆମ୍ବୁଲାନ୍ସ ମଧ୍ୟ ଆସିଲା ସମ୍ବାଦ ପାଇ ।

ଗୌତମ ସୁବୁଦ୍ଧି ବହୁତ ଦିନର ଅଭିଜ୍ଞ ପୁଲିଶ କର୍ମଚାରୀ—ପୁଲିଶ-ମହଲରେ ତାଙ୍କର ଯଥେଷ୍ଟ ସୁନାମ ।

ବ୍ରଜକିଶୋର ବାବୁଙ୍କୁ ଲକ୍ଷ୍ୟ କରି କହିଲେ—ଗ୍ରଷା-ବ୍ରଶା-ରିଦ ଅନିରୁଦ୍ଧ ବାବୁ ସେହି ଗୁଳଙ୍ଗିଣୀଟିର କଥା ବୁଝି ପାରିବେ । ସେମାନେ ଉପରକୁ ଯାଆନ୍ତୁ···ଆଜି ଯାହାସବୁ ଘଟିଛି ସଂକ୍ଷେପରେ ସବୁ କଥା ମୋତେ କହ ।

ଇନ୍‌ସ୍‌ପେକ୍ଟର ଆନୁସଙ୍ଗିକ ଘଟଣାଟିକୁ ବର୍ଣ୍ଣନା କରି କହିଲେ—ଭୃତ୍ୟାଟିକୁ ପ୍ରଶ୍ନ କରି ଆମ୍ଭେମାନେ ଜାଣି ପାରିଛୁ ଯେ ଅତନୁ ଏଠାକୁ ଆସିଥିଲା ଓ ଯେତେଦୂର ସମ୍ଭବ ଅତନୁ ଆମର ଜିପ୍ ଖଣ୍ଡିକ ନେଇ ପଳାଇଯାଇଛି ।

କିଛିକ୍ଷଣ ଚିନ୍ତା କରି ଗୌତମ ବାବୁ କହିଲେ—ଦୁଇ ଜଣ ବ୍ୟକ୍ତି, ଉଭୟଙ୍କ ମଧ୍ୟରୁ ଜଣେ ଆହତ । ଜିପ୍‌ଟିକୁ ନିଶ୍ଚୟ ଅତନୁ ନେଇ ଯାଇଛି ବୋଲି ମନେହୁଏ । କାରଣ, ସିଏ ଏ ଦିଗରେ ଅଭିଜ୍ଞ—ସେ କେବେ ପୁଲିଶର ମଟର ନେବାକୁ ଚେଷ୍ଟା କରିବ ନାହିଁ । ଅତନୁର ହୋଟେଲକୁ ଫୋନ୍ କରି ବୁଝିନିଅ ଜିପ ଖଣ୍ଡିକ ନେଇ ସେ କେଉଁଠି ରଖିଛି । ଦ୍ୱିତୀୟ ଲୋକଟି ଧରା ପଡିଲେ ଏହି ରହସ୍ୟ ନିମିଷକ ଭିତରେ ପରିଷ୍କାର ହୋଇଯାନ୍ତା···

ବ୍ରଜକିଶୋରବାବୁ ଫୋନ୍ କଲେ । ସେ ବିଶେଷ ଖୁସି ହେଲେ ନାହିଁ, ଯେତେବେଳେ ସେ ଶୁଣିଲେ ଯେ ଗୌତମବାବୁଙ୍କ ଅନୁମାନ ମିଥ୍ୟା ନୁହେଁ—ଅତନୁ ପ୍ରକୃତରେ ପୁଲିଶର ଜିପ୍ ଖଣ୍ଡିକ ନେଇ ପଳାଇଯାଇଛି ଓ ସେ କହୁଛି ଯେ, ସେମାନଙ୍କୁ ଅପେକ୍ଷା କରି ସେ ହୋଟେଲରେ ଅଛି । ପୁଲିଶ ଯେତେବେଳେ

ଇଚ୍ଛା ତାଙ୍କୁ ଗ୍ରେପ୍ତାର କରି ପାରନ୍ତି । ଜୀପଟିକୁ ସେ ରଖିଛନ୍ତି ହୋଟେଲସଂଲଗ୍ନ ଗ୍ୟାରେଜଟିରେ ।

ମୃଦୁ ହସି ଗୌତମବାବୁ କହିଲେ—ଅତନୁ ବିଶେଷ ଗୃହୀଙ୍କ ଲୋକ ନୁହେଁ । ପଳାଇଯିବା ତା'ପକ୍ଷରେ ବିଶେଷ ଲଜ୍ଜାକର । ସେ ଯଦି ସାହସ କରି ତୁମ ସହିତ ଦେଖା କରିଥାନ୍ତା, ତାହାହେଲେ ଏହିଠାରେ ସବୁ ରହସ୍ୟର ସମାଧାନ ହୋଇଯାଇଥାନ୍ତା …

ଇନ୍‌ସ୍‌ପେକ୍ଟର କହିଲେ—ଆପଣ ଯଦି ଆଦେଶ କରନ୍ତି ତାହାହେଲେ ମୁଁ ହୋଟେଲ-ଦ-ରେନ୍‌ବୋ'ରେ ପହଞ୍ଚି ବର୍ତ୍ତମାନ ତାଙ୍କୁ ଗ୍ରେପ୍ତାର କରନ୍ତି !

ମୁଣ୍ଡ ହଲାଇ ଗୌତମବାବୁ କହିଲେ—ନା ! ରେନ୍‌ବୋ ହୋଟେଲରେ ଯାଇ ତା' ସହିତ ଅବଶ୍ୟ ଦେଖା କରିବ—କିନ୍ତୁ ଗ୍ରେପ୍ତାର କରିବ ନାହିଁ । ତାଙ୍କୁ ଯାଇ କହିବ, ମୁଁ ଆଗେ ଲୀଳାଦେବୀଙ୍କୁ ଗ୍ରେପ୍ତାର କରିବାକୁ ବାଧ୍ୟ ହେବି, ଯଦି ଅତନୁ ସବୁ କଥା ସ୍ୱୀକାର କରିବାକୁ ସମ୍ମତ ନ ହୁଏ…

ସହକାରୀ ଅନିରୁଦ୍ଧବାବୁ ଫେରି ଆସି କହିଲେ—ସ୍ତ୍ରୀ ଲୋକଟି ପାଖରୁ ଯାହା ଜାଣିବା ଦରକାର ମୁଁ ତାହା ସଂଗ୍ରହ କରି ସାରିଛି ।

—ଧନ୍ୟବାଦ…କହିଲେ ଗୌତମବାବୁ… "ଚନ୍ଦ୍ରଧର"ର ପରିଚୟ ସଂଗ୍ରହ କରିଛନ୍ତି ?

ଅନିରୁଦ୍ଧବାବୁ କହିଲେ—ବିଶେଷ କିଛି ସଂଗ୍ରହ କରି ପାରିନାହିଁ । ମୁଁ ତାଙ୍କୁ ନାନାଭାବେ ଜେରା କଲି, କିନ୍ତୁ ସଦୁତ୍ତର ଆଦାୟ କରି ପାରିଲି ନାହିଁ । ତା ପରେ ଯାହାସବୁ ସେ ସଂଗ୍ରହ କରିଥିଲେ ସବୁଗୁଡ଼ିକ ବର୍ଣ୍ଣନା କଲେ ।

—ମୋର ମନେହୁଏ, କହିଲେ ଗୌତମବାବୁ—ସେହି ସ୍ତ୍ରୀଲୋକଟି ଅନେକ କିଛି ଜାଣେ, କିନ୍ତୁ ବର୍ତ୍ତମାନ କ୍ଷେତ୍ରରେ ସ୍ୱୀକାର କରୁନାହିଁ । ଯେଉଁ ସୁଟ୍‌କେସ୍‌ଟି ଏହି ସ୍ତ୍ରୀ ଲୋକଟିର ପାଖରୁ ମିଳିଛି; ନିଶ୍ଚୟ ତାହା ପ୍ରକୃତ ସୁଟ୍‌କେସ୍ ନୁହେଁ—ଯାହାପାଇଁ ଏହି ରହସ୍ୟର ଅବତାରଣା । କିନ୍ତୁ ଲୀଳାଦେବୀ ଯେଉଁ ସୁଟ୍‌କେସ୍‌ଟିକୁ ଏଠାରୁ ନେଇ ବସ୍‌ରେ ଉଠିଥିଲେ, ସେହି ସୁଟ୍‌କେସ୍ ଭିତରେ ଅଛି ପ୍ରକୃତ ରହସ୍ୟ ।

ସମସ୍ତେ ଶୁଣୁଥାନ୍ତି ଗୌତମ ବାବୁଙ୍କର କଥା ।

ଟିକିଏ ପରେ ପୁନର୍ବାର ସେ ଆରମ୍ଭ କଲେ—ଏହି ସ୍ତ୍ରୀ ଲୋକଟିର କଥା ଦ୍ୱାରା ପ୍ରମାଣ ହେଉଛି ଯେ, ଦ୍ୱିତୀୟ ବ୍ୟକ୍ତିଟି ତା' ହାତରେ ଥିବା ସୁଟ୍‌କେସ୍‌ଟିକୁ ଦେଖି ପ୍ରକୃତ ସୁଟ୍‌କେସ୍ ମନେ କରି ସ୍ତ୍ରୀଲୋକଟିର ହାତରୁ ଛଡ଼ାଇ ନେଇଥିଲା ଓ ଉପସ୍ଥିତ ଜିନିଷଗୁଡ଼ିକ ପରିବର୍ତ୍ତେ ପ୍ରସାଧନ ଦେଖି ଯଥେଷ୍ଟ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲା । ତା'ହାହେଲେ ଲୀଳାଦେବୀ ଯେଉଁ ସୁଟ୍‌କେସ୍‌ଟି ନେଇଥିଲେ ସେଥିରେ କଣ ଥିଲା କିଏ ଜାଣେ !·····ଗୌତମ-ବାବୁଙ୍କୁ ଏଥର ଚିନ୍ତିତ ଦେଖାଗଲା ।

କହିଲେ—ଦୁଇଟି ସୁଟ୍‌କେସ୍ ବୋଧହୁଏ ଦେଖିବାକୁ ଏକ । ତେଣୁ ଭୁଲ୍‌ରେ ନିଜର ପରିବର୍ତ୍ତେ ଅନ୍ୟଟିକୁ ଲୀଳା ନେଇ-ଯାଇଥିଲା ଓ ଉକ୍ତ ସୁଟ୍‌କେସ୍‌ଟିରେ ଥିଲା ସନ୍ଦେହଜନକ ବସ୍ତୁ-ଗୁଡ଼ିକ ।

···ଆଉ ମଧ୍ୟ ମୁଁ ଭାବେ, ତରତରରେ ଲୀଳା ସୁଟ୍‌କେସ୍‌ଟି ବସରୁ ନେବାକୁ ଭୁଲି ଯାଇଥିଲା, ପରେ ଅତନୁ ତାହା ନିଜେ ନେଇ ଆସିଛି । ନିଶ୍ଚୟ ତାକୁ ଖୋଲି, ସନ୍ଦେହଜନକ ବସ୍ତୁ-ଗୁଡ଼ିକ ସେ ଦେଖି ପାରିଛି । ସୁନ୍ଦରୀ ରୂପବତୀ ଲୀଳାପ୍ରତି ଆକୃଷ୍ଟ

ହୋଇ ସେ ଯେ ସୁଟ୍‌କେସ୍‌ କଥା ଅସ୍ୱୀକାର କରିବ ଏହା ସମ୍ପୂର୍ଣ୍ଣ ସ୍ୱାଭାବିକ ।

...ବିନୋଦ ଦାସର ଆବିର୍ଭାବ ହେତୁ ଘଟଣାଟି ଆହୁରି ଜଟିଳ ଆକାର ଧାରଣ କରୁଛି । ବିନୋଦ ଆମ୍ଭମାନଙ୍କର ପୁରୁଣା ବନ୍ଧୁ । ସୁତରାଂ ତାକୁ ମଧ୍ୟ ଅବିଶ୍ୱାସ କରାଯାଇ ପାରେନା । କିନ୍ତୁ ସେ କାହା ପକ୍ଷ ନେଇ ଅନୁସନ୍ଧାନ ଚଳାଇଛି, ଏହା ଆମ୍ଭମାନଙ୍କର ଜାଣିବା ଦରକାର !

...ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁ ଅତନୁ ପାଖରୁ ଶୁଣିଛନ୍ତି ଯେ, ବିନୋଦ ଦାସ, ହୀରାଗୁଡ଼ିକ ଅପହୃତ ହୋଇଛି ଓ ତାର ସନ୍ଧାନରେ ସେ ଆସିଥିଲା ଅତନୁ ପାଖକୁ । ତାହାହେଲେ ପ୍ରମାଣିତ ହୁଏ ଯେ ଲୀଳାର ସୁଟ୍‌କେସ୍‌ଟିକୁ ଅତନୁ ନେଇଥିଲା ଓ ସେଥିରେ ଥିବା ବସ୍ତୁଗୁଡ଼ିକ ସମ୍ବନ୍ଧରେ ସେ ସବୁ କିଛି ଜାଣେ ।

...ଚନ୍ଦ୍ରଧର ବୋଧହୁଏ ଏ' ସବୁ ଜାଣେନା, ଜାଣିଥିଲେ ପରିସ୍ରବିକା ହାତରେ ସୁଟ୍‌କେସ୍‌ ଦେଖି ତାହା ସେ ନେବା ଲାଗି କୌତୂହଳ ପ୍ରକାଶ କରନ୍ତା ନାହିଁ । ଚନ୍ଦ୍ରଧରକୁ ଅତି ନିକଟରେ ପାଇ ତାକୁ ଯେ ଆମ୍ଭେମାନେ ଆୟତ୍ତକୁ ଆଣି ପାରିଲୁ ନାହିଁ, ଏହାହିଁ ଦୁଃଖର ବିଷୟ । ପୁଲିଶର ଜଣେ କର୍ମଚାରୀ ତା' ହାତରେ ନିହତ ହୋଇଛି, ତେଣୁ ସର୍ବାଗ୍ରେ ତାକୁ ଗ୍ରେପ୍ତାର କରିବା ଦରକାର ।

ଗୌତମବାବୁଙ୍କର କଣ୍ଠସ୍ୱରରେ ତୀବ୍ର ଦୃଢ଼ତା ଫୁଟି ଉଠିଲା । କନେଷ୍ଟବଲ୍‌ଟିର ମୃତ୍ୟୁରେ ସେ ଯେପରି ବିଶେଷ ବିଚଳିତ ହୋଇ ପଡ଼ିଛନ୍ତି । ଇନସ୍‌ପେକ୍ଟରଙ୍କୁ ରେନ୍‌ବୋ' ହୋଟେଲକୁ ପଠାଇ ଶୈଳଧୂସର-ଭବନର ପ୍ରତ୍ୟେକ କକ୍ଷ ଓ ଉଦ୍ୟାନ ଆଦି ପୁଙ୍ଖାନୁପୁଙ୍ଖଭାବେ ପରୀକ୍ଷା କରିବାକୁ ଲାଗିଲେ ।

ଯିଏ କମ୍ବା ଯେଉଁମାନେ ଏହି ଷଡ଼ଯନ୍ତ୍ରର ନାୟକ, ସେମାନେ ଏହି ଗ୍ରେଧୁଷ୍ଣଭବନସ୍ଥ କେଉଁଠାରେ ହେଲେ ଥାଆନ୍ତି—ଯେତେଦୂର ସମ୍ଭବ ତଳେ କୌଣସି ଗୁପ୍ତ କୋଠରୀ ଅଛି, ସେମାନେ ରହନ୍ତି ତାରି ଭିତରେ ।

ଏସବୁ ଖୋଜି ବାହାର କରିବାକୁ ହେବ । ଘର ଭିତରର ମାପ ଓ ବାହାରର ମାପ ସହିତ ଆଦୌ ସାମଞ୍ଜସ୍ୟତା ରକ୍ଷା କରୁନାହିଁ ଯେତେବେଳେ, ନିଶ୍ଚୟ କେଉଁଠି ହେଲେ କିଛି ଗୋଳ-ମାଳ ରହିଛି ।

ଇନ୍‌ସ୍‌ପେକ୍ଟର ବ୍ରଜକିଶୋରବାବୁ ହୋଟେଲରେ ପହଞ୍ଚି ଅତନୁର ଘରର ଦୁଆର ଆଉଜା ହୋଇଥିବା ଦେଖି କବାଟ ଉପରେ ମୃଦୁ ଆଘାତ କଲେ । ଘର ଭିତରୁ ଉତ୍ତର ଆସିଲା—ଦୁଆର ଖୋଲା ଅଛି, ଭିତରକୁ ଆସନ୍ତୁ ।

ଦ୍ୱାର ଠେଲି ଘର ଭିତରେ ପ୍ରବେଶ କଲେ ବ୍ରଜକିଶୋର-ବାବୁ । ବିଛଣା ଉପରେ ଅତନୁ ପ୍ରସ୍ତୁତ ହୋଇ ବସିଥିଲା । ବ୍ରଜକିଶୋରବାବୁ କହିଲେ—ଉପରୁ ହୁକୁମ ପାଇ ମୁଁ ଆସିଲି···ବର୍ତ୍ତମାନ ଗ୍ରେପ୍ତାର କରିବାକୁ ହେବ ।

ସ୍ମିତ ହସି ଅତନୁ କହିଲା—ମୁଁ ପ୍ରସ୍ତୁତ ! ବୋଧହୁଏ ହାତକଡ଼ା ପିନ୍ଧାଇବାର ଦରକାର ହେବ ନାହିଁ ?

ଇନସ୍‌ପେକ୍ଟର ବ୍ରଜକିଶୋରବାବୁ ଅତନୁ ଆଡ଼େ ଚାହିଁଲେ—ଆଶ୍ଚର୍ଯ୍ୟ ସାହସ ଏହି ଅତନୁର । ପ୍ରକୃତରେ କି ସେ ଏହି ହତ୍ୟାରହସ୍ୟ ସହିତ ସଂଶ୍ଳିଷ୍ଟ । ମୁହୂର୍ତ୍ତେ ଅପେକ୍ଷା କରି କହିଲେ—ମୁଁ ଗ୍ରେପ୍ତାର କରିବାକୁ ଆସିଛି ସତ୍ୟ, କିନ୍ତୁ ଆପଣଙ୍କୁ ନୁହେଁ ।

ଅତନୁର ଚକ୍ଷୁ ଦୁଇଟି ବିସ୍ଫାରିତ ହେଲା; କହିଲା—ତା' ମାନେ ?

—ନା, ଆପଣଙ୍କୁ ନୁହେଁ—ଅନ୍ୟ ଜଣଙ୍କୁ ଗ୍ରେପ୍ତାର କରିବାକୁ ଯାଉଛି । ଏଇ ବାଟ ଦେଇ ଯାଉଥିଲି, ହଠାତ୍ ମନେ ପଡ଼ିଲା ଖାତ୍ ଖଣ୍ଡିକ ଠିକ୍ ଅଛି କି ନାହିଁ ଟିକଏ ବୁଝିଯାଏ । ଆଉ ମଧ୍ୟ ଚୌଧୁରୀ-ଭବନ ସମ୍ବନ୍ଧରେ ଯଦି କୌଣସି ନୂଆ ସମ୍ବାଦ ଆପଣ ସଂଗ୍ରହ କରିଥାନ୍ତି, ତାହା ମଧ୍ୟ ବୁଝିଯିବି ।

—ନା, ଆଉ କିଛି ନୂଆ ଖବର ନାହିଁ । ମୁଁ ଯାହା ଜାଣେ ସବୁ କହିଛି ।

—କିନ୍ତୁ ଉପର-ମହଲର ଧାରଣା ଅନ୍ୟ ପ୍ରକାର ।

—ନା, ଆଉ କିଛି ମୋର କହିବାର ନାହିଁ—କହିଲେ ଅଚିନ୍ତ୍ୟ ।

ବ୍ରଜକିଶୋରବାବୁ କହିଲେ—ଆପଣ ଆଜି ରାତିରେ ଚୌଧୁରୀ-ଭବନ ଅଡ଼େ ଯାଇଥିଲେ ?—

—ସେ କଥା ମୁଁ ଆଗରୁ ସ୍ୱୀକାର କରିଛି ।

—ବୋଧହୁଏ ଜାଣନ୍ତି, ଜଣେ ପୁଲିସ କର୍ମଚାରୀ ସେଠାରେ ଖୁନ୍ ହୋଇଛି ?

—ଜାଣେ । କିଏ ଖୁନ୍ କରିଛି, ତାହା ମଧ୍ୟ ଜାଣେ । ବିଷ-ବାଷ୍ପ ସାହାଯ୍ୟରେ ସେ କନେଷ୍ଟବଲ୍‌ଟିର ନିଶ୍ୱାସ ବନ୍ଦ କରାଇ ହତ୍ୟା କରିଛି । ଏହି ବିଷାକ୍ତ ଗ୍ୟାସର ପ୍ରତିଷେଧକ, ଆତତାୟୀ ମୁହଁରେ ଯେଉଁ କଳାପର୍ଦ୍ଦା ପିନ୍ଧିଥିଲା, ଉକ୍ତ ପର୍ଦ୍ଦାର ପଡ଼ିପଡ଼େ ଥିଲା । ମୁଁ ସେହି ପର୍ଦ୍ଦାଟିକୁ ନେଇ ଆସିଛି । ଟେବୁଲ ଉପରେ ରଖିଛି, ଦେଖନ୍ତୁ—କହିଲେ ଅଚିନ୍ତ୍ୟ ।

ଇନ୍‌ସ୍‌ପେକ୍ଟର କହିଲେ—ସେହି ଲୋକଟିକୁ ଦେଖିଲେ ଆପଣ ଚିହ୍ନି ପାରିବେ ?—

—ଆଶା କରେ ପାରିବ ।

ତାହାହେଲେ ସକାଳେ ଥାନାକୁ ଆସି କେତେଗୁଡ଼ିଏ ଫଟୋ ଦେଖିବେ । ଯଦି ଚିହ୍ନି ପାରନ୍ତି…

—ଯିବ ।

—ଆଉ ଗୋଟାଏ କଥା ଅତନୁବାବୁ ! … ଇନ୍‌ସ୍ପେକ୍ଟରଙ୍କର କଣ୍ଠସ୍ୱର ଏଥର ଗମ୍ଭୀର ଶୁଣାଗଲା । ହୋଟେଲର ମେନେଜରଙ୍କ ପାଖରୁ ଖବର ନେଇ ଜାଣିପାରିଛି, ବିନୋଦ ଦାସ ବୋଲି ଜଣେ କେହି ହୀରା-ଜହରତର ସନ୍ଧାନରେ ଆପଣଙ୍କ ପାଖକୁ ଆସିଥିଲା । ଲୋକଟିର ଅନୁମାନ କିନ୍ତୁ ମିଥ୍ୟା ନୁହେଁ । ଲୀଳାଦେବୀ ସେଗୁଡ଼ିକ ଚୌଧୁରୀ-ଭବନରୁ ଚୋରି କରି ଆଣିଥିଲେ ।

ଅତନୁ ଯେପରି ଚମକି ପଡ଼ିଲା । ପ୍ରତିବାଦ କଣ୍ଠରେ କହିଲା—କିଏ ଏସବୁ କଥା ଆପଣଙ୍କୁ କହିଛି ? ନିହାତି ବାଜେ କଥା ଆପଣ ଶୁଣିଛନ୍ତି ।

ମୃଦୁ ହସି ଇନ୍‌ସ୍‌ପେକ୍ଟର କହିଲେ—ନା, ସମ୍ପୂର୍ଣ୍ଣ ବାଜେ ନୁହେଁ । ଲୀଳା ଦେବୀଙ୍କୁ ଗ୍ରେପ୍ତାର କରିବା ପାଇଁ ମୋତେ ଆଦେଶ ଦିଆ ହୋଇଛି । ଯାଏ ତାହାହେଲେ; ଆଉ ଡେରି କରି ଲାଭ କଣ !

ଅତନୁ ଆଉ ନିଜକୁ ଆୟତ୍ତରେ ରଖି ପାରିଲା ନାହିଁ । ଉତ୍ତେଜନାରେ ବିଛଣାରୁ ଉଠି ଠିଆ ହୋଇ କହିଲା—ଆପଣ ଲୀଳା ଦେବୀଙ୍କୁ ଆରେଷ୍ଟ କରିବେ…ନା-ନା, ଏହା କେବେ ହୋଇ ପାରେନା ।

ଅତନୁର ବ୍ୟବହାରରେ ଆତଙ୍କ ପରିଲକ୍ଷିତ ହେଲା । ହସି ହସି ଇନ୍‌ସ୍‌ପେକ୍ଟର ପୁନର୍ବାର କହିଲେ— କାହିଁକି ହୋଇ ପାରେନା, ଅତନୁବାବୁ ! କିଏ ବାଧା ଦେବ ଶୁଣେ ?—

—ମୁଁ ବାଧା ଦେବ…କହୁ କହୁ ଦୁଆର ପାଖକୁ ଆଗେଇ ଆସି ବାଟ ଓଗାଳି କହିଲା—ଆପଣଙ୍କୁ ମୁଁ ଏଠାରୁ ଯିବାକୁ ଦେବ ନାହିଁ ।

ହସିଲେ ଇନ୍‌ସ୍‌ପେକ୍ଟର । କହିଲେ—ଆପଣ ମୋତେ ଯିବାକୁ ଦେବେ ନାହିଁ । ତାହାହେଲେ କଣ କରିବେ ଶୁଣେ ? ମୋତେ ଟିକ ଟିକ କରି କାଟି ବାକ୍ସରେ ବନ୍ଦ କରି ଲାସ୍ ଗୁମ୍ କରିଦେବେ ? କିନ୍ତୁ ପୁଲିସର ଆଉ ଯେଉଁ କର୍ମଚାରୀମାନେ ଅଛନ୍ତି ତାଙ୍କୁ କଣ କରିବେ ? ମୁଁ ଗ୍ରେପ୍ତାର ନ କରି ପାରିଲେ, ସେମାନେ ତ କରିବେ ! ଆଉ କଣ ବୋମା ପକାଇ ସବୁ ପୁଲିସମାନଙ୍କୁ ଉଡ଼ାଇଦେବେ ?

ଏ କଥା ଶୁଣି ଅତନୁର ମୁଣ୍ଡ ଘୂରିବାକୁ ଲାଗିଲା । କାତର-କଣ୍ଠରେ କହିଲା—ଆପଣମାନେ ଭୁଲ କରୁଛନ୍ତି, ବ୍ରଜକିଶୋର ବାବୁ ! ଲୀଳାକୁ ଗ୍ରେପ୍ତାର କଲେ ସୁଦ୍ଧା ଆପଣମାନେ ପ୍ରକୃତ ଘଟଣାଟିକୁ ଆବିଷ୍କାର କରି ପାରିବେ ନାହିଁ । ମୁଁ ଯେତେଦୂର ଜାଣେ, ଲୀଳା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।

—ହୁଏ ତ ଆପଣଙ୍କର ଅନୁମାନ ମିଥ୍ୟା ନୁହେଁ । ତଥାପି ବର୍ତ୍ତମାନ ଅବସ୍ଥାରେ ଯାହାସବୁ ଘଟିଛି, ପାରିପାର୍ଶ୍ୱିକ ଅବସ୍ଥା ଅନୁଯାୟୀ ଲୀଳା ଦେବୀଙ୍କର ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ମିଳୁଛି । ଆପଣ ଏ କଥା ମଧ୍ୟ ଭୁଲିବେ ନାହିଁ, ଅତନୁ ବାବୁ—ଦୁଇଟି ଖୁନ୍, ଦୁଇଟି ନରହତ୍ୟା ଓ ଏହି ଦୁଇଟି ମଧ୍ୟରୁ ଜଣେ ଆମର ନିଜର ଲୋକ, ପୁଲିସର ଜଣେ ବିଶ୍ୱସ୍ତ କର୍ମଚାରୀ ନିହତ । ଆମେ କିପରି ସହଜରେ କେସ୍‌ଟିକୁ ଛାଡ଼ିଦେଇ ପାରୁ ? ତଥାପି ସୁଦ୍ଧା, ପ୍ରକୃତ ଘଟଣାଟିକୁ ସ୍ୱୀକାର କରିଗଲେ ଆମେ ଅଲଗା କିଛି ବନ୍ଦୋବସ୍ତ କରିପାରୁ ।

ଅତନୁ ମୁହଁ ତଳକୁ ପୋତି କେତେଟା ମୁହୂର୍ତ୍ତ ମନେ ମନେ ଚିନ୍ତା କଲା । ତା' ପରେ ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁଙ୍କ ଆଡ଼େ ଚାହିଁ କହିଲା—ଆମ୍ଭେମାନେ ଯଦି ପ୍ରକୃତ କଥା ଆପଣ-ମାନଙ୍କ ଆଗରେ ପ୍ରକାଶ କରୁ ତାହାହେଲେ ଆପଣଙ୍କର ଉପରିସ୍ଥ କର୍ମଚାରୀ କଣ ଆମ କଥା ବିଶ୍ୱାସ କରିବେ ?

—ନିଶ୍ଚୟ କରିବେ — ଇନ୍‌ସ୍‌ପେକ୍ଟର କହିଲେ । ଘଟଣାଚକ୍ରରେ ପଡ଼ି ଲୀଳା ଦେବୀ ଏପରି ଅବସ୍ଥାରେ ଆସି ପହଞ୍ଚିଛନ୍ତି ଯେ, ଯାହା ଯୋଗୁଁ ସେ ପ୍ରକୃତ କଥା ପ୍ରକାଶ କରିବାକୁ ଭୟ କରୁଛନ୍ତି । ଆଉ, ଆପଣ ମଧ୍ୟ ବୀର ରାଜପୁତ ପରି ତାଙ୍କୁ ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇ ନିଜେ ମଧ୍ୟ ଫାନ୍ଦରେ ପଡ଼ିଛନ୍ତି । କିନ୍ତୁ ଏହାଦ୍ୱାରା ଆପଣମାନେ ଭୁଲ୍ ପଥରେ ପରି-ଚାଳିତ ହେଉଛନ୍ତି ।

ଅତନୁର ମନୋଭାବ ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ କିଛିକ୍ଷଣ ଯାଏ ତା' ମୁହଁକୁ ଚାହିଁ ଇନ୍‌ସ୍‌ପେକ୍ଟର ପୁନର୍ବାର କହିଲେ—ପୁଲିସର ପ୍ରଧାନ-କର୍ତ୍ତା ଗୌତମ ବାବୁଙ୍କ ଆଗରେ ସବୁକଥା ପ୍ରକାଶ କରିବା ଆପଣମାନଙ୍କର ଉଚିତ । ଲୀଳା ଦେବୀଙ୍କୁ ଗ୍ରେପ୍ତାର କରିବା ଆମ୍ଭମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ନୁହେଁ, ଆମ୍ଭେମାନେ ଚାହୁଁ ତାଙ୍କର ଏଜାହାର, ତାଙ୍କର ସାକ୍ଷୀ—ଯାହାଦ୍ୱାରା ପ୍ରକୃତ ଅପରାଧୀକୁ ଆମ୍ଭେମାନେ ଗ୍ରେପ୍ତାର କରି ପାରିବୁ । ଆପଣ ଯଦି ରାଜି ହୁଅନ୍ତି, ଗୌତମ ବାବୁଙ୍କୁ ଫୋନ୍‌ରେ ମୁଁ ସବୁକଥା କହିବି ।

ହତାଶଭାବେ ମୁଣ୍ଡ ହଲାଇ ଅତନୁ କହିଲା—ଆପଣ ଯାହା ଭଲ ବୁଝୁଛନ୍ତି, କରନ୍ତୁ—ମୋ' ମୁଣ୍ଡରେ ଆଉ କିଛି ପଶୁନାହିଁ···

ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ବାବୁ ଗୌତମ ବାବୁଙ୍କୁ ଫୋନ୍‌ରେ ଡାକିଲେ । ଅପର ପାର୍ଶ୍ୱରୁ ଉତ୍ତର ଆସିଲା କିଏ କହୁଛନ୍ତି ?

—ମୁଁ ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର କହୁଛି, ସାର୍ । ଅତନୁ ବାବୁଙ୍କ ଘରୁ କଥା କହୁଛି···ବର୍ତ୍ତମାନ ଲୀଳା ଦେବୀଙ୍କୁ ଗ୍ରେପ୍ତାର କରିବା କୌଣସି ପ୍ରୟୋଜନ ମନେ କରୁନାହିଁ···କାରଣ, ଅତନୁ ବାବୁ ସବୁକଥା ସ୍ୱୀକାର କରିବେ ବୋଲି କହୁଛନ୍ତି···କଣ କହିଲେ···ଅତନୁ ବାବୁଙ୍କ ହାତକୁ ଟେଲିଫୋନ୍ ଦେବି...ଆଚ୍ଛା, ଦେଉଛି ।

ରିସିଭର୍‌ଟିକୁ ଅତନୁ ହାତକୁ ବଢ଼ାଇ ଦେଇ ଦେଇ ଇନସ୍‌ପେକ୍‌ଟର କହିଲେ — ଗୌତମ ବାବୁ, ଆପଣଙ୍କୁ ଡାକୁଛନ୍ତି ।

ଅତନୁ ଟେଲିଫୋନ୍ ଧରିଲା । ଅପର ପ୍ରାନ୍ତରରୁ ଶାନ୍ତ ଗମ୍ଭୀର କଣ୍ଠ ଭାସି ଆସିଲା—କିଏ, ଅତନୁ ବାବୁ ! ମୁଁ ଡେପୁଟି ଗୌତମ ସୁବୁଦ୍ଧି କହୁଛି । ବ୍ରଜକିଶୋର ବାବୁ କହୁଛନ୍ତି ଯେ ଆପଣ ଯାହା ଜାଣନ୍ତି ସେସବୁ କହିବା ପାଇଁ ରାଜି ଅଛନ୍ତି, ଏହା କଣ ସତ୍ୟ ?

ଅତନୁ ଉତ୍ତର ଦେଲା—ହଁ, ସେ ଠିକ୍ କହିଛନ୍ତି । ମୁଁ ଆପଣଙ୍କର ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ କରିବାକୁ ପ୍ରସ୍ତୁତ ।

—ଧନ୍ୟବାଦ ! ଆଜି ରାତିଟା ଆପଣ ସୁଖନିଦ୍ରା ଉପଭୋଗ କରି ପାରନ୍ତି । ବର୍ତ୍ତମାନ ବିଶେଷ କିଛି ପଚାରିବାର ନାହିଁ । ମୋର ଏଠାକାର କାର୍ଯ୍ୟ ଶେଷ ହେବାକୁ ପ୍ରାୟ ଦୁଇଘଣ୍ଟା ଡେରି ହେବ । କେତେକ ମୂଲ୍ୟବାନ୍ ସୂତ୍ର ମୁଁ ଏଠାରେ ଆବିଷ୍କାର କରି ପାରିଛି ।

ଏଠାକାର ଅନୁସନ୍ଧାନ କାର୍ଯ୍ୟ ଶେଷ କରି ମୁଁ ଆପଣଙ୍କ ସହିତ କଥାବାର୍ତ୍ତା ହେବ । କେତେବେଳେ ଆପଣଙ୍କୁ ସମୟ ହେବ କହନ୍ତୁ ।

—ଆପଣଙ୍କର ଯେତେବେଳେ ସୁବିଧା ହେବ—କହିଲା ଅଭନୁ ।

—ବେଶ୍ । ତାହାହେଲେ କାଲି ଦି-ପହର ବେଳକୁ ଆପଣ ପ୍ରସ୍ତୁତ ଥିବେ—ମୃଦୁ କଣ୍ଠରେ କହିଲେ ଗୌତମ ବାବୁ । ଲୀଳା ଦେବୀଙ୍କର ସୁଟ୍‌କେସ୍‌ଟିକୁ ସାବଧାନରେ ରଖିଅଛନ୍ତି ତ ? ଆଜି ସେହି ହାରଗୁଡ଼ିକ ···

ଅଭନୁ ହାର ଓ ସୁଟ୍‌କେସ୍ କଥା ଶୁଣି ପ୍ରଥମେ ଅଭିଭୂତ ହୋଇ ପଡ଼ିଲା । ପରେ ସଂଯତ କଣ୍ଠରେ କହିଲା--ମୁଁ ସାବଧାନରେ ରଖିଛି ।

—ଅତି ସୁସମ୍ବାଦ ! ଡେପୁଟି ସାହେବ କହିଲେ । ସୁଟ୍‌କେସ୍‌ଟି ମୋର ବିଶେଷ ଦରକାର ଓ ତାହା ଶ୍ବେତଧୂମ୍ର-ଭବନରେ ରଖିବା ଆବଶ୍ୟକ । କାରଣ, ଦସ୍ୟୁ ସୁଟ୍‌କେସ୍‌ଟିର ସନ୍ଧାନରେ ଆଜି ଥରେ ଏଠାକୁ ଆସିବ । ସେହି ବସ୍ତୁଟି ପାଇଁ ରହସ୍ୟର ସମାରୋହ । କାଲି ଠିକ୍ ଦିନ ବାରଟା ବେଳେ ସୁଟ୍‌କେସ୍‌ଟିକୁ ଧରି ଆପଣ ଶ୍ବେତଧୂମ୍ର-ଭବନକୁ ଆସନ୍ତୁ । ସେହିଠାରେ ସବୁ ବିଷୟ ନେଇ କଥାବାର୍ତ୍ତା ହେବା ।

—ଠିକ୍ ବାରଟା ବେଳେ ମୁଁ ଯାଇ ପହଞ୍ଚିବି, ଆପଣଙ୍କୁ କଥା ଦେଲି ।

—Excellent. ତାହାହେଲେ ଆପଣଙ୍କୁ କଣ କରିବାକୁ ହେବ ଶୁଣନ୍ତୁ—ପୁନର୍ବାର ଆରମ୍ଭ କଲେ ଗୌତମ ବାବୁ । ମୋର ଧାରଣା, "ଚନ୍ଦ୍ରଧର" ଶ୍ବେତଧୂମ୍ର-ଭବନ ଉପରେ ନିଶ୍ଚୟ ଦୃଷ୍ଟି

ରଖିଛି । ନିକଟରେ ଥିବା କୌଣସି ଗୁପ୍ତ ସ୍ଥାନରେ ରହି ସୁଯୋଗର ଅପେକ୍ଷାରେ ରହିଛି । କୌଣସି ଗୁପ୍ତଦ୍ୱାର ଦେଇ ସେ ଘର ଭିତରେ ପ୍ରବେଶ କରିପାରେ ଓ ବାହାରକୁ ବାହାରି ଯାଇ ପାରେ ମଧ୍ୟ । ସୁଟ୍‌କେସ୍‌ଟିକୁ ନେବାଲାଗି ସେ ନିଶ୍ଚୟ ଆସିବ, କିନ୍ତୁ ଉକ୍ତ ବସ୍ତୁଟି ଯେ କେଉଁଠାରେ ଅଛି ତାହା ସେ ଜାଣେନା । ତେଣୁ ତାକୁ ଟିକିଏ ଲୋଭ ଦେଖାଇବା ଉଚିତ ।

ଗୌତମ ବାବୁ ନୀରବ ହେଲେ । ଅତନୁ ମଧ୍ୟ କେତେଟା ମୁହୂର୍ତ୍ତ ନୀରବ ରହି କହିଲା—ମୋତେ ତାହାହେଲେ କିପରିଭାବେ ସାହାଯ୍ୟ କରିବାକୁ କହୁଛନ୍ତି ?

ଗୌତମ ବାବୁଙ୍କର କଣ୍ଠସ୍ୱର ଶୁଣାଗଲା—କାଲି ଦି-ପହର ବେଳେ ସୁଟ୍‌କେସ୍‌ଟିକୁ ହାତରେ ଧରି ଆପଣ ଏଠାକୁ ଆସିବେ । ଏପରିଭାବେ ସୁଟ୍‌କେସ୍‌ଟି ହାତରେ ଧରିଥିବେ ଯେ, ଦୂରରୁ ଯେପରି ଦୃଷ୍ଟି ପ୍ରତିଫଳିତ ହୁଏ ଏହି ବସ୍ତୁଟି ଉପରେ । ବୋଧହୁଏ ମୋ କଥା ବୁଝିପାରୁଛନ୍ତି ! ଆପଣଙ୍କର ଭାବଭଙ୍ଗୀ ଭୀତ-ସନ୍ତ୍ରସ୍ତ ହେଲପରି ଯେପରି ଜଣାପଡୁଥାଏ—ଅର୍ଥାତ୍ ସୁଟ୍‌କେସ୍ ଭିତରେ ଥିବା ଜିନିଷଗୁଡ଼ିକ ଦେଖି ଆପଣ ଯେପରି ଯଥେଷ୍ଟ ଭୟ ପାଇଛନ୍ତି । ସେଥିଯୋଗୁଁ ସୁଟ୍‌କେସ୍‌ଟିକୁ ଯେଉଁଠାରୁ ପାଇଛନ୍ତି ସେହିଠାରେ ଆଣି ସମସ୍ତଙ୍କର ଅଜ୍ଞାତରେ ରଖିଦେବାକୁ ଆସିଛନ୍ତି । ସଦର ଦଆର ପାଖକୁ ଆସି ଟିକିଏ ଥମକି ଛିଡ଼ା ହୋଇଯିବେ, ତା ପରେ ଯେପରି ମନ ସ୍ଥିର କରି ଯାଉଛନ୍ତି ଏହିପରି ଭାବ ଫୁଟାଇ ଘର ଭିତରେ ପ୍ରବେଶ କରିବେ·····ସବୁକଥା ବୁଝି ପାରିଲେ ତ ?

—ବୁଝିଛି । ଆପଣଙ୍କର ସନ୍ଦେହ ଅମୂଳକ ନୁହେଁ, କେବଳ ସଫଳ ହେଲେ ହେଲା ।

—ଦେଖାଯାଉ ... ଟେଲିଫୋନ୍‌ର ରିସିଭରଟିକୁ ରଖିଦେଲେ ଗୌତମ ବାବୁ ।

ଇନ୍‌ସ୍‌ପେକ୍‌ଟର ବ୍ରଜକିଶୋର ବାବୁ ଅଳ୍ପ ସମୟ କଥାବାର୍ତ୍ତା କରି ଚାଲିଗଲେ । ଅତନୁ ଶୋଇବା ଲାଗି ଚେଷ୍ଟା କଲା, କିନ୍ତୁ ନିଦ୍ରା ଆସିଲା ନାହିଁ । ସକାଳ ହେବା ପର୍ଯ୍ୟନ୍ତ ଅସ୍ଥିର ଉତ୍ତେଜନା ନେଇ ସେ ଘରଟି ଭିତରେ କେବଳ ପଦ ଚାରଣ କରିବାକୁ ଲାଗିଲା ।

ନିର୍ଦ୍ଧାରିତ ସମୟରେ ଅତନୁ ବୈଧବ୍ୟ-ଭବନ ନିକଟରେ ଆସି ପହଞ୍ଚିଲା । ବୈଧବ୍ୟ-ଭବନର ଯେତେ ନିକଟସ୍ଥ ସେ ହେଉଥାଏ, ଗୋଟାଏ ଅଜଣା ଆତଙ୍କ ଓ ଉତ୍ତେଜନାରେ ବକ୍ଷର ସ୍ପନ୍ଦନ ସେତେ ଦ୍ରୁତତର ହେଉଥାଏ ତାର । ସମ୍ମୁଖରେ ସେ କାହାରିକୁ ଦେଖି ପାରିଲା ନାହିଁ—ପ୍ରଚଣ୍ଡ ରୌଦ୍ର-ତାପରେ ଚତୁର୍ଦ୍ଦିଗରୁ ଉଷ୍ଣ-ବାଷ୍ପ ପ୍ରବାହିତ ହୋଇ ନିଆଁ-ପରି ଶରୀରକୁ ପୋଡ଼ି ଦେଉଥାଏ ଯେପରି । ସାହସୀ ହେଲେ ସୁଦ୍ଧା ଅତନୁର ମନ ପ୍ରତି ପଦକ୍ଷେପରେ ଦ୍ୱିଧାଗ୍ରସ୍ତ ହେଲାପରି ଜଣା ପଡ଼ୁଥାଏ । ପୁଲିଶ କର୍ମଚାରୀମାନେ ଗୁପ୍ତଭାବରେ ବୈଧବ୍ୟ-ଭବନରେ ଅବସ୍ଥାନ କରୁଛନ୍ତି । ଏହା ଭିତରେ ଯଦି "ଚନ୍ଦ୍ରଧର" କିମ୍ବା ତାର ନିଯୋଜିତ କୌଣସି ଅନୁଚର ତାକୁ ଆକ୍ରମଣ କରେ, ତାହାହେଲେ କି ଉପାୟରେ ସେ ଆତ୍ମରକ୍ଷା କରିବ ?

ଏହିସବୁ କଥା ଭାବୁ ଭାବୁ ଗୌତମ ବାବୁଙ୍କ କଥାନୁଯାୟୀ 'ସୁଟ୍‌କେସ୍‌'ଟିକୁ ଧରି ଧୀରେ ଧୀରେ ଅଗ୍ରସର ହେବାକୁ ଲାଗିଲା ସେ ।

ଚୌଧୁରୀ-ଭବନର ଉପର-ମହଲାସ୍ଥ କ୍ଷୁଦ୍ର ଗୋଟିଏ କକ୍ଷର ଗବାକ୍ଷ ବାଟ ଦେଇ କିଏ ଜଣେ ଶ୍ୟେନଦୃଷ୍ଟି ତା' ଉପରେ ଲକ୍ଷ୍ୟ କରୁଛି, ଅତନୁ ଏହା ଜାଣିପାରିଲା ନାହିଁ । ଯେଉଁମାନେ "ଚୌଧୁରୀ-ଭବନ" ଭିତରକୁ ଯା-ଆସ କରୁଛନ୍ତି ପ୍ରତ୍ୟେକଙ୍କର ଗତିବିଧି ସେ ଲକ୍ଷ୍ୟ କରୁଛି ଏହି ସ୍ଥାନଟିରେ ବସି । ଆଜି ରାତିରେ ସୁଯୋଗ ବୁଝି ପୁଣି ଥରେ ତାକୁ ଭୂଗର୍ଭଭିତରେ ପଶିବାକୁ ହେବ ।

ଅତନୁକୁ ଲୋକଟି ପରିଷ୍କାରଭାବେ ଦେଖିପାରିଲା ଓ ସୁଟ୍‌କେସ୍‌ଟି ଉପରେ ଦୃଷ୍ଟି ପଡ଼ିବାମାତ୍ରେ ଉତ୍ତେଜନାରେ ଆଖି ଦୁଇଟି ତାର ଉଜ୍ଜ୍ୱଳ ହୋଇ ଉଠିଲା । ନିଶ୍ଚୟ ଏହି ସୁଟ୍‌କେସ୍ ଭିତରେ ତାର ଇପ୍‌ସିତ ବସ୍ତୁ ଲୁକ୍‌କାୟିତ ଅବସ୍ଥାରେ ଅଛି । ଆହୁରି ମଧ୍ୟ ଭାବିଲା, ସୁଟ୍‌କେସ୍‌ଟି ଖୋଲି ମହାମୂଲ୍ୟ ଜିନିଷଗୁଡ଼ିକ ଦେଖି ଭୟ ପାଇ ପୁଲିସକୁ ତାହା ଫେରାଇ ଦେବାଲାଗି ଆସିଛି ଅତନୁ ।

ନିର୍ବିଘ୍ନରେ ଅତନୁ ଚୌଧୁରୀ-ଭବନ ଭିତରେ ପ୍ରବେଶ କଲା । ଗୌତମବାବୁ ତାର ଅପେକ୍ଷାରେ ରହିଥିଲେ । ଅତନୁକୁ ଦେଖିବା ମାତ୍ରେ କହିଲେ—ଆପଣଙ୍କୁ ଅଶେଷ ଧନ୍ୟବାଦ, ଅତନୁବାବୁ ।

ତା ପରେ ସୁଟ୍‌କେସ୍ ଭିତରୁ ଜିନିଷଗୁଡ଼ିକ ବାହାର କରି ଭଲଭାବେ ପରୀକ୍ଷା କରିବାକୁ ଲାଗିଲେ ସେ । ଦେଖୁ ଦେଖୁ ଚକ୍ଷୁ ତାଙ୍କର ଅସ୍ୱାଭାବିକ ଆକାର ଧାରଣ କଲା । ଅତନୁ ଏକଧ୍ୟାନରେ ତାଙ୍କର ମୁହଁକୁ ଚାହିଁ ଭାବାନ୍ତରଗୁଡ଼ିକ ଲକ୍ଷ୍ୟ କରୁଥାଏ ।

କିଛି ସମୟ ପରେ ଗୌତମବାବୁ କହିଲେ—ମୁଁ ଯାହା ସମ୍ବାଦ ପାଇଛି ତାହା ଯେ ମିଥ୍ୟା ନୁହେଁ, ବର୍ତ୍ତମାନ ତାହା ବୁଝିପାରୁଛି । ଏହି ମୂଲ୍ୟବାନ୍ ବସ୍ତୁଗୁଡ଼ିକ କାହାର ଜାଣନ୍ତି ଅତନୁ-ବାବୁ ! ଏଗୁଡ଼ିକ ହେଉଛି ଅଞ୍ଜନଗଡ଼ ନାମକ ଗୋଟିଏ ନେଟିଭ-ଷ୍ଟେଟ୍‌ର ରାଣୀସାହେବଙ୍କର ସମ୍ପତ୍ତି । ଭାରତବର୍ଷ ଭିତରେ ଏତେବଡ଼ ମୂଲ୍ୟବାନ୍ ବସ୍ତୁ ବୋଧହୁଏ କାହାର ପାଖରେ ନାହିଁ । ଯେଉଁ ଦିନ ଏହି ବସ୍ତୁଗୁଡ଼ିକ ବିଦେଶରୁ ଭାରତବର୍ଷରେ ଆସି ପହଞ୍ଚିଲା, ଭାରତରେ ଥିବା ପ୍ରତ୍ୟେକ ପୁଲିଶ-ଘାଟିକୁ ସମ୍ବାଦ ଦିଆଯାଇଥିଲା ଯେ ପୃଥିବୀର ସର୍ବାଧିକ ମୂଲ୍ୟର ଅଳଙ୍କାରଗୁଡ଼ିକ ଅଞ୍ଜନଗଡ଼କୁ ଯାଉଛି—ପୁଲିଶ ଯେପରି ସବୁ ସମୟରେ ସତର୍କ ଥାଏ ...

ତା' ପରେ — ପ୍ରଶ୍ନ କଲା ଅତନୁ ।

ଗୌତମବାବୁ ପୁନର୍ବାର ଆରମ୍ଭ କଲେ—ଯଥେଷ୍ଟ ସତର୍କତା ମଧ୍ୟ ଅବଲମ୍ବନ କରାହୋଇଥିଲା । ଏହା ସତ୍ତ୍ୱେ ଏହି ଅଳଙ୍କାର-ଗୁଡ଼ିକ ଲୋଭରେ ଅଞ୍ଜନଗଡ଼ରେ ଦୁଇ ଥର ଦସ୍ୟୁର ଉପଦ୍ରବ ଘଟିଥିଲା । ମୁଁ ସେତେବେଳେ ବୋମ୍ବାଇରୁ ଫେରିଥାଏ । ପୁଲିଶ କମିଶନରଙ୍କ ଅନୁରୋଧରେ ତଦନ୍ତ ଲାଗି ଅଞ୍ଜନଗଡ଼କୁ ମୋତେ ଯିବାକୁ ହୋଇଥିଲା । ସେଠାରେ ଯାଇ ଶୁଣିପାରିଲି, ଯେଉଁ ଦେଶରୁ ଏହି ମୂଲ୍ୟବାନ୍ ବସ୍ତୁଗୁଡ଼ିକ ଆସିଥିଲା, ସେଠାକାର ଜଣେ ଲୋକ ଅର୍ଥଦ୍ୱାରା ଅଞ୍ଜନଗଡ଼ର ଜଣେ ଲୋକକୁ ବଶୀଭୂତ କରାଇ ଅଳଙ୍କାରଗୁଡ଼ିକ ହସ୍ତଗତ କରିବାକୁ ଚେଷ୍ଟା କରୁଛି ।

ଅନୁସନ୍ଧାନ ଦ୍ୱାରା ଜାଣିପାରିଲି ବଶୀଭୂତ ହୋଇଥିବା ଲୋକଟି ଆଉ କେହି ନୁହେଁ, ରାଣୀସାହେବଙ୍କର ଜଣେ ଆତ୍ମୀୟ ଗୋବର୍ଦ୍ଧନ ନାମକ ଏକ ତରୁଣ ଯୁବକ । ଅଞ୍ଜନଗଡ଼ରେ ଏହି

ତାଙ୍କର ଯଥେଷ୍ଟ ଆଳାପ ଥିଲା ଏବଂ କୌଣସି ବ୍ୟବସାୟ ସମ୍ବନ୍ଧୀୟ କଥାବାର୍ତ୍ତା ମଧ୍ୟ ସେମାନଙ୍କ ଭିତରେ ଚାଲିଥିଲା ।

...ଇଆଡ଼େ ମୋହନଲାଲ ହୀରାଗୁଡ଼ିକ ସଂଗ୍ରହ କରି ସୁଦ୍ଧା ବିକ୍ରୟ କରିବାର ସୁଯୋଗ ପାଇ ନ ଥିଲା । ତେଣୁ ସେ ବାଧ୍ୟ ହୋଇ ହୀରା-ବ୍ୟବସାୟୀଙ୍କର ସନ୍ଧାନରେ ରହିଲା । ବର୍ମା, ଜାଭା ଓ ଅଷ୍ଟ୍ରେଲିଆରେ ଥିବା ଜହୁରୀମାନଙ୍କ ସହିତ ଜୟପ୍ରକାଶଙ୍କ ଜଣାଶୁଣା ଥିଲା ଓ ଜୟପ୍ରକାଶ ମଧ୍ୟ ନିଜେ ଜଣେ ଜହୁରୀ । ସନ୍ଧାନ ପାଇ ମୋହନଲାଲ ଆଁତୁରୁ ଅବଗତ ହେଲା ଯେ ଆଜି ଗୋଟିଏ ହୀରା ବ୍ୟବସାୟ ସହିତ ଜୟପ୍ରକାଶ ସଂଶ୍ଳିଷ୍ଟ— ତେଣୁ ନିର୍ଭୟରେ ସେ ଦେଖାକଲା ଜୟପ୍ରକାଶଙ୍କ ସହିତ । ଚଟ୍ଟଗ୍ରାମର ପୋଲିସ ଅଫିସକୁ ଟେଲିଗ୍ରାମ କରିଥିଲି, ସେମାନେ ଟେଲିଗ୍ରାମ୍ ପାଇ ସେଠାରେ ଥିବା ଜୟପ୍ରକାଶଙ୍କର ଗୁପ୍ତ କାଗଜପତ୍ର ତଦନ୍ତ କରି ଯାହା ଜଣାଇଛନ୍ତି, ସେହି ଅନୁସାରେ ମୁଁ ରିପୋର୍ଟ କରୁଛି ।

ଅତନୁ ଗମ୍ଭୀର ମନୋଯୋଗ ସହ କଥାଗୁଡ଼ିକ ଶୁଣୁଥାଏ । ଟିକଏ ପରେ ଗୌତମବାବୁ ପୁନର୍ବାର ଆରମ୍ଭ କଲେ— ଚୌଧୁରୀଭବନରୁ କାଲି ରାତିରେ କେତେଗୁଡ଼ିଏ କାଗଜପତ୍ର ଉଦ୍ଧାର କରିଛି । ଉକ୍ତ କାଗଜପତ୍ରଗୁଡ଼ିକ ପରୀକ୍ଷା କରି ବୁଝିପାରିଲି, ମୋହନଲାଲ ଓ ଜୟପ୍ରକାଶଙ୍କ ମଧ୍ୟରେ ଗୋଟାଏ ଚୁକ୍ତି ହେଲା । ବେଶି କମିଶନ ନେଇ ଜହରତଗୁଡ଼ିକ ବିକ୍ରୟ କରିବା ଦାୟିତ୍ୱ ଗ୍ରହଣ କଲେ ଜୟପ୍ରକାଶ । ସ୍ଥିର ହେଲା, ହୀରାର ହାରଟିକୁ ଏତେ ଦାମ ଦେଇ କେହି କିଣି ପାରିବେ ନାହିଁ, ହାରଟିରୁ ତିନିଖଣ୍ଡ ହୀରା ବାହାର କରି ବିକି ହେଲା ଓ ମୋହନଲାଲ ମଧ୍ୟ ଅଂଶ ପାଇଲା । କିନ୍ତୁ ମୋହନଲାଲର ଧାରଣା ଯେ ଜୟପ୍ରକାଶ ତାକୁ ଠକାଇଛି ଓ ତିନିଖଣ୍ଡରୁ ଅଧିକ ହୀରା ବିକ୍ରୟ

କରନ୍ତି । ଧୂର୍ତ୍ତ ଜୟପ୍ରକାଶ ଇତିମଧ୍ୟରେ ସବୁଗୁଡ଼ିକ ଏଠାକୁ ପଠାଇ ଦେଇଥିଲା । ନିଜର ଅଜ୍ଞାତସାରରେ ଏଗୁଡ଼ିକ କିଏ ବର୍ମାରୁ ଏଠାକୁ ଆଣିଥିଲା ଜାଣନ୍ତି ?—ଲୀଳା ନିଜେ ।

ଅତନୁ ଯେପରି ଏସବୁ ବିଶ୍ୱାସ କରିପାରୁନାହିଁ ।

—ମୋହନଲାଲ ଏଠାରେ ଜୟପ୍ରକାଶ ସହିତ ଦେଖା କଲା, ଏବଂ ମୋର ଧାରଣା ଦୁଇଟି ନରହତ୍ୟା ମଧ୍ୟ ତାହାର ଦ୍ୱାରା ସମ୍ପନ୍ନ ହୋଇଛି—"ଚକ୍ରଧର" ବୋଧହୁଏ ସେ ନିଜେ ।

କେତୋଟି ମୁହୂର୍ତ୍ତ ପାଇଁ ବ୍ୟାପିଗଲା ଅଖଣ୍ଡ ନିସ୍ତବ୍ଧତା··· ଅତନୁ ନୀରବରେ ମୁହଁ ତଳକୁ ପୋତି ବସିଥାଏ । ନିସ୍ତବ୍ଧତା ଭଙ୍ଗ କରି ଗୌତମବାବୁ ପୁନର୍ବାର ଆରମ୍ଭ କଲେ—ଆଉ ଗୋଟିଏ ରହସ୍ୟ ମଧ୍ୟ ଏହା ସହିତ ଜଡ଼ିତ ହୋଇ ରହିଛି । ସେ ରହସ୍ୟ ଆହୁରି ଅଦ୍ଭୁତ— ଆହୁରି ରୋମାଞ୍ଚକର । କଳ୍ପନାର ସମ୍ପୂର୍ଣ୍ଣ ବାହାରେ । ବିନୋଦ ଦାସ କଣ ପାଇଁ ଏହି ରହସ୍ୟ ସହିତ ଜଡ଼ିତ ହୋଇ ପଡ଼ିଛି ତାହା ମଧ୍ୟ ଆମ୍ଭମାନଙ୍କର ଅଜ୍ଞାତ । ମୁଁ କେବଳ ଏତିକି ଆବିଷ୍କାର କରିବାକୁ ସକ୍ଷମ ହୋଇଛି ଯେ, ଯେଉଁ ଘରେ ଜୟପ୍ରକାଶବାବୁଙ୍କୁ ହତ୍ୟା କରାହୋଇଛି, ସେହି ଘରର ପଛପଟେ କାନ୍ଥ ଘେରା ହୋଇ ଗୋଟିଏ ଏଣ୍ଟି-ରୁମ୍ ଅଛି ଓ ସେହି ଘର ଭିତରୁ ତଳେ ଥିବା ଗୁପ୍ତକୋଠରୀକୁ ଯିବା ଲାଗି ସିଡ଼ିର ବନ୍ଦୋବସ୍ତ ଅଛି ନିଶ୍ଚୟ ।

ଅତନୁ ଏତେବେଳେ ମୁହଁ ଖୋଲିଲା । କହିଲା—ମୁଁ ମଧ୍ୟ ଏହା ଅନୁମାନ କରେ । କାଲି ରାତିରେ ମୁଁ ଏହି ଘରେ ପହଞ୍ଚି ଗୁପ୍ତଦ୍ୱାର ଥିବାର ଅନୁମାନ କରିଥିଲି ।

—କିପରି ?·····ଗୌତମବାବୁଙ୍କର ଚକ୍ଷୁ ବିସ୍ଫାରିତ ହେଲା ।

ବସ୍ତୁଗୁଡିକ ଭଲଭାବେ ଦେଖିଥିବା ହେତୁ ବର୍ତ୍ତମାନ ତାହା ସହଜରେ ଚିହ୍ନି ପାରିଲି ଓ ଏହି ପ୍ରତ୍ୟେକ ହୀରକଖଣ୍ଡର ଫଟୋ ମଧ୍ୟ ମୋ ନିକଟରେ ଅଛି ।

ଟିକିଏ ପରେ ପୁନର୍ବାର ସେ ଆରମ୍ଭ କଲେ—ଶେଷରକ୍ଷା କିନ୍ତୁ ହୋଇପାରିଲା ନାହିଁ । ଜହରତଗୁଡ଼ିକ ଢନେ ରାଜଭଣ୍ଡାରରୁ ଚୋରି ହୋଇଗଲା । ଗ୍ରେପ୍ତାର କରି ସୁଦ୍ଧା ପ୍ରମାଣ ଅଭାବରୁ ଗୋବର୍ଦ୍ଧନ ମୁକ୍ତିଲାଭ କଲା । ଦୁଇ ତିନି ବର୍ଷ ପରେ ସେଠାକାର ପୁଲିସ ସମ୍ବାଦ ଦେଲେ, ଗୋବର୍ଦ୍ଧନ ମୁକ୍ତିଲାଭ କରି ଦେଶତ୍ୟାଗ କରିଛି—ଆହୁରି ମଧ୍ୟ ସେମାନେ ସନ୍ଧାନ ପାଇଥିଲେ ଯେ ଦେଶତ୍ୟାଗୀ ହୋଇ ଚଟ୍ଟଗ୍ରାମରେ ଗୋବର୍ଦ୍ଧନ ଅବସ୍ଥାନ କରୁଛି, ଓ ମୋହନଲାଲ୍ ନାମକ ଜଣେ ଦୁର୍ଦ୍ଧର୍ଷ ଦସ୍ୟୁ ସହିତ ସେ ଯୋଗାଯୋଗ ସ୍ଥାପନ କରୁଛି ।

...ମୋହନଲାଲର ପୂର୍ବପରିଚୟ ଅତି ଭୟଙ୍କର । ଅନେକଙ୍କୁ ସେ ହତ୍ୟାକରିଛି, ବହୁ ସ୍ଥାନରେ ତାର ଗତିବିଧି—ପଶୁ ପରି ସେ ନୃଶଂସ ଓ ବିବେକଶୂନ୍ୟ । ଚଟ୍ଟଗ୍ରାମର ପୁଲିସ ତାକୁ ଧରିବାଲାଗି ଯଥେଷ୍ଟ ଚେଷ୍ଟା କରିଥିଲା, କିନ୍ତୁ ତାକୁ ଧରିବା କିଛି ସହଜ କଥା ନୁହେଁ । ଛଦ୍ମବେଶ ଧାରଣରେ ତାର ଅଦ୍ଭୁତ କ୍ଷମତା, କେହି ବୋଧହୁଏ ତାକୁ ସ୍ୱରୂପରେ କେବେ ଦେଖି ନାହାନ୍ତି ।

...କିଛିଦିନ ପରେ ଶୁଣାଗଲା, ଗୋବର୍ଦ୍ଧନ ଖୁନ୍ ହୋଇଛି । ଅଞ୍ଜନଗଡ଼ର ରତ୍ନଗୁଡ଼ିକ ତା'ପାଖରେ ଥିଲା,' ଏହି ମୋହନଲାଲ୍ ସେଗୁଡ଼ିକ ତା' ପାଖରୁ ଛଡ଼ାଇନେଇଛି । ଗୋବର୍ଦ୍ଧନର ଘର ଖାନ୍-ତଲ୍ଲାସ କରି ଜୟପ୍ରକାଶ ଚୌଧୁରୀଙ୍କର କେତେଖଣ୍ଡ ଚିଠି ମଧ୍ୟ ଆବିଷ୍କୃତ ହେଲା । ଚିଠିଦ୍ୱାରା ଜଣାପଡ଼ିଲା ଗୋବର୍ଦ୍ଧନ ସହିତ

ତାଙ୍କର ଯଥେଷ୍ଟ ଆଳାପ ଥିଲା ଏବଂ କୌଣସି ବ୍ୟବସାୟ ସମ୍ବନ୍ଧୀୟ କଥାବାର୍ତ୍ତା ମଧ୍ୟ ସେମାନଙ୍କ ଭିତରେ ଚାଲିଥିଲା ।

...ଇଆଡ଼େ ମୋହନଲାଲ ହୀରାଗୁଡ଼ିକ ସଂଗ୍ରହ କରି ସୁଦ୍ଧା ବିକ୍ରୟ କରିବାର ସୁଯୋଗ ପାଉ ନ ଥିଲା । ତେଣୁ ସେ ବାଧ୍ୟ ହୋଇ ହୀରା-ବ୍ୟବସାୟୀଙ୍କର ସନ୍ଧାନରେ ରହିଲା । ବର୍ମା, ଜାଭା ଓ ଅଷ୍ଟ୍ରେଲିଆରେ ଥିବା ଜହୁରୀମାନଙ୍କ ସହିତ ଜୟପ୍ରକାଶଙ୍କ ଜଣାଶୁଣା ଥିଲା ଓ ଜୟପ୍ରକାଶ ମଧ୍ୟ ନିଜେ ଜଣେ ଜହୁରୀ । ସନ୍ଧାନ ପାଇ ମୋହନଲାଲ ଆହୁରି ଅବଗତ ହେଲା ଯେ ଆଉ ଗୋଟିଏ ହୀରା ବ୍ୟବସାୟ ସହିତ ଜୟପ୍ରକାଶ ସଂଶ୍ଳିଷ୍ଟ— ତେଣୁ ନିର୍ଭୟରେ ସେ ଦେଖାକଲା ଜୟପ୍ରକାଶଙ୍କ ସହିତ । ଚଟ୍ଟଗ୍ରାମର ପୋଲିସ ଅଫିସକୁ ଟେଲିଗ୍ରାମ କରିଥିଲି, ସେମାନେ ଟେଲିଗ୍ରାମ୍ ପାଇ ସେଠାରେ ଥିବା ଜୟପ୍ରକାଶଙ୍କର ଗୁପ୍ତ କାଗଜପତ୍ର ତଦନ୍ତ କରି ଯାହା ଜଣାଇଛନ୍ତି, ସେହି ଅନୁସାରେ ମୁଁ ରିପୋର୍ଟ କରୁଛି ।

ଅତନୁ ଗମ୍ଭୀର ମନୋଯୋଗ ସହ କଥାଗୁଡ଼ିକ ଶୁଣୁଥାଏ । ଟିକିଏ ପରେ ଗୌତମବାବୁ ପୁନର୍ବାର ଆରମ୍ଭ କଲେ— ଚୌଧୁରୀଭବନରୁ କାଲି ରାତିରେ କେତେଗୁଡ଼ିଏ କାଗଜପତ୍ର ଉଦ୍ଧାର କରିଛି । ଉକ୍ତ କାଗଜପତ୍ରଗୁଡ଼ିକ ପରୀକ୍ଷା କରି ବୁଝିପାରିଲି, ମୋହନଲାଲ ଓ ଜୟପ୍ରକାଶଙ୍କ ମଧ୍ୟରେ ଗୋଟିଏ ଚୁକ୍ତି ହେଲା । ବେଶି କମିଶନ ନେଇ ଜହରତଗୁଡ଼ିକ ବିକ୍ରୟ କରିବା ଦାୟିତ୍ୱ ଗ୍ରହଣ କଲେ ଜୟପ୍ରକାଶ । ସ୍ଥିର ହେଲା, ହୀରାର ହାରଟିକୁ ଏତେ ଦାମ ଦେଇ କେହି କିଣି ପାରିବେ ନାହିଁ, ହାରଟିରୁ ତିନିଖଣ୍ଡ ହୀରା ବାହାର କରି ବିକ୍ରି ହେଲା ଓ ମୋହନଲାଲ ମଧ୍ୟ ଅଂଶ ପାଇଲା । କିନ୍ତୁ ମୋହନଲାଲର ଧାରଣା ଯେ ଜୟପ୍ରକାଶ ତାକୁ ଠକାଇଛି ଓ ତିନିଖଣ୍ଡରୁ ଅଧିକ ହୀରା ବିକ୍ରୟ

କରିଛୁ । ଧୂର୍ତ୍ତ ଜୟପ୍ରକାଶ ଇତିମଧ୍ୟରେ ସବୁଗୁଡ଼ିକ ଏଠାକୁ ପଠାଇ ଦେଇଥିଲା । ନଜର ଅଜ୍ଞାତସାରରେ ଏଗୁଡ଼ିକ କିଏ ବର୍ମାରୁ ଏଠାକୁ ଆଣିଥିଲା ଜାଣନ୍ତି ?—ମୁଁ ଜାଣେ ନାହିଁ ।

ଅତନୁ ଯେପରି ଏସବୁ ବିଶ୍ୱାସ କରିପାରୁନାହିଁ ।

—ମୋହନଲାଲ ଏଠାରେ ଜୟପ୍ରକାଶ ସହିତ ଦେଖା କଲା, ଏବଂ ମୋର ଧାରଣା ଦୁଇଟି ନରହତ୍ୟା ମଧ୍ୟ ତାହାରି ଦ୍ୱାରା ସମ୍ପନ୍ନ ହୋଇଛି—"ଚନ୍ଦ୍ରଧର" ବୋଧହୁଏ ସେ ନିଜେ ।

କେତୋଟି ମୁହୂର୍ତ୍ତ ପାଇଁ ବ୍ୟାପିଗଲା ଅଖଣ୍ଡ ନିସ୍ତବ୍ଧତା··· ଅତନୁ ନୀରବରେ ମୁହଁ ତଳକୁ ପୋତି ବସିଥାଏ । ନିସ୍ତବ୍ଧତା ଭଙ୍ଗ କରି ଗୌତମବାବୁ ପୁନର୍ବାର ଆରମ୍ଭ କଲେ—ଆଉ ଗୋଟିଏ ରହସ୍ୟ ମଧ୍ୟ ଏହା ସହିତ ଜଡ଼ିତ ହୋଇ ରହିଛି । ସେ ରହସ୍ୟ ଆହୁରି ଅଦ୍ଭୁତ— ଆହୁରି ରୋମାଞ୍ଚକର । କଳ୍ପନାର ସମ୍ପୂର୍ଣ୍ଣ ବାହାରେ । ବିନୋଦ ଦାସ କିଣ ପାଇଁ ଏହି ରହସ୍ୟ ସହିତ ଜଡ଼ିତ ହୋଇ ପଡ଼ିଛି ତାହା ମଧ୍ୟ ଆମ୍ଭମାନଙ୍କର ଅଜ୍ଞାତ । ମୁଁ କେବଳ ଏତିକି ଆବିଷ୍କାର କରିବାକୁ ସକ୍ଷମ ହୋଇଛି ଯେ, ଯେଉଁ ଘରେ ଜୟପ୍ରକାଶବାବୁଙ୍କୁ ହତ୍ୟା କରାହୋଇଛି, ସେହି ଘରର ପଛପଟେ କାନ୍ଥ ଯେଗ ହୋଇ ଗୋଟିଏ ଏଣ୍ଟି-ରୁମ୍ ଅଛି ଓ ସେହି ଘର ଭିତରୁ ତଳେ ଥିବା ଗୁପ୍ତକୋଠରୀକୁ ଯିବା ଲାଗି ସିଡ଼ିର ବନ୍ଦୋବସ୍ତ ଅଛି ନିଶ୍ଚୟ ।

ଅତନୁ ଏତେବେଳେ ମୁହଁ ଖୋଲିଲା । କହିଲା—ମୁଁ ମଧ୍ୟ ଏହା ଅନୁମାନ କରେ । କାଲି ରାତିରେ ମୁଁ ଏହି ଘରେ ପହଞ୍ଚି ଗୁପ୍ତଦ୍ୱାର ଥିବାର ଅନୁମାନ କରିଥିଲି ।

—କିପରି ?······ଗୌତମବାବୁଙ୍କର ଚକ୍ଷୁ ବିସ୍ଫାରିତ ହେଲା ।

ଅତନୁ କହିବାକୁ ଲାଗିଲା—ଘରର କୋଣଟିରେ ଯେଉଁ ଲୌହ-ସିନ୍ଦୁକଟି ଅଛି, କାଲି ରାତିରେ ମୁଁ ତାହା ପରୀକ୍ଷା କରୁ କରୁ ସେହି ସିନ୍ଦୁକର ଦେହରେ ବୋତାମ ପରି ଗୋଟିଏ ବସ୍ତୁ ଦେଖି ପାରି ତାହା ଟିପିବା ମାତ୍ରେ ସିନ୍ଦୁକଟି ଦଶ ଇଞ୍ଚ ପର୍ଯ୍ୟନ୍ତ ଘୁର୍ଣ୍ଣି ଗଲା, ମାତ୍ର ଆଉ ତାକୁ ବେଶି ଦୂର ଘୁଞ୍ଚାଇ ପାରିଲିନାହିଁ—ଅବଶ୍ୟ ଯଥେଷ୍ଟ ପରିଶ୍ରମ ମୁଁ ଏଥିପାଇଁ କରିଥିଲି । ସିନ୍ଦୁକର ପଛଆଡ଼େ ନିଶ୍ଚୟ କୌଣସି ଗୁପ୍ତରହସ୍ୟ ଅଛି ବୋଲି ମୋର ଅନୁମାନ ।

—ଏ କଥା ଆଗରୁ କହିଥିଲେ ଯଥେଷ୍ଟ ସୁବିଧା ହୋଇଥାନ୍ତା, ଅତନୁବାବୁ ! କହି ଗୌତମବାବୁ ଉଠି ଠିଆ ହୋଇ ଅନୁଚର-ମାନଙ୍କୁ ଲକ୍ଷ୍ୟ କରି କହିଲେ—ତୁମ୍ଭେମାନେ ପ୍ରସ୍ତୁତ ରୁହ···ତା ପରେ ଅତନୁ ଆଡ଼େ ଚାହିଁ କହିଲେ—ଆପଣ ମୋ ସାଙ୍ଗରେ ଆସନ୍ତୁ, ଅତନୁବାବୁ !

ଉଭୟେ ଆସି ସିନ୍ଦୁକଟି ପାଖରେ ଠିଆହେଲେ । ଅନୁଚରମାନେ ଇଆଡ଼େ ସିଆଡ଼େ ପହରା ଦେବାକୁ ଲାଗିଲେ ।

ଅତନୁ ଗୌତମବାବୁଙ୍କୁ କହିଲା— ବୋତାମ ଟିପିବା ମାତ୍ରେ ସିନ୍ଦୁକର ଗୋଟାଏ ପାଖ ଘୁଞ୍ଚିବା ସଙ୍ଗେ ସଙ୍ଗେ ଲାଲାର ତୈଳଚିତ୍ର ଖଣ୍ଡିକ ମଧ୍ୟ ଅଦୃଶ୍ୟ ହୋଇଗଲା···ଘର ଭିତରଟା ସଂପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଥିଲା ବୋଲି ଚିତ୍ରଟି କପରିଭାବେ ଅଦୃଶ୍ୟ ହେଲା ତାହା ବୁଝିପାରିଲି ନାହିଁ ।

ଯଥେଷ୍ଟ ଚେଷ୍ଟା ସତ୍ତ୍ୱେ ସିନ୍ଦୁକର ଲୁହାପଟାଟି ଆଦୌ ଘୁଞ୍ଚିଲା ନାହିଁ । ହଠାତ୍ କଣ ଭାବି ଗୌତମବାବୁ କହିଲେ—ଅତନୁବାବୁ, ମୋ ସାଙ୍ଗରେ ଆସନ୍ତୁ—ବାହାର ପଟରୁ ଚାଲନ୍ତୁ ପରୀକ୍ଷା କରି ଦେଖିବା···ତା ପରେ ଅନୁଚର ଦୁହିଁମାନଙ୍କ ଆଡ଼େ

ସ୍ଵର କହିଲେ—ତୁମେ ଏହିଠାରେ ଥାଅ, ଆଉ କାହାରି ରହିବାର ଦରକାର ନାହିଁ ।

ଘରର ଦୁଆର ମୁହଁ ପାଖରେ ଜଣକୁ ପହରାରେ ରଖି ବାକି ସମସ୍ତଙ୍କୁ ବାହାରେ ଜଗିବା ଲାଗି ଆଦେଶ ଦେଲେ—ସମସ୍ତେ ଗୁପ୍ତଭାବେ ସୁଯୋଗର ପ୍ରତୀକ୍ଷା କରିବାକୁ ଲାଗିଲେ ।

ଇନ୍‌ସ୍ପେକ୍ଟର ଓ ଅତନୁକୁ ସାଙ୍ଗରେ ନେଇ ଗୌତମବାବୁ ଉଦ୍ୟାନ ଆଡ଼କୁ ଆସୁଥିଲେ, ହଠାତ୍ ଗୋଟାଏ ତୀବ୍ର ଆର୍ତ୍ତନାଦ ଶୁଣି ସମସ୍ତେ ଥମକି ଠିଆ ହୋଇଗଲେ । କେତୋଟି ମାତ୍ର ମୁହୂର୍ତ୍ତ...ତା'ପରେ ସେହି ସ୍ଵର ସ୍ତବ୍ଧ ହୋଇଗଲା ହଠାତ୍...

ଇନ୍‌ସ୍ପେକ୍ଟର ଚିତ୍କାର କରି କହିଲେ—ଏହା ନିଶ୍ଚୟ ହନୁମାନ ସିଂର ଆର୍ତ୍ତସ୍ଵର...

ତିନିଜଣଯାକ ଘର ଭିତରକୁ ଆସିଲେ । ଘର ଭିତରେ ପ୍ରବେଶ କରି ଯେଉଁ ଦୃଶ୍ୟ ସେମାନେ ଦେଖିଲେ, କେତୋଟା ମୁହୂର୍ତ୍ତ ପର୍ଯ୍ୟନ୍ତ କାହାରି କଥା କହିବାର ଶକ୍ତି ସୁଦ୍ଧା ରହିଲା ନାହିଁ । ତଳେ ପଡ଼ି ହନୁମାନସିଂ ଯନ୍ତ୍ରଣାରେ ଛଟପଟ କରୁଥାଏ—ଆଖି ଦୁଇଟି ତାର କୋଟରୁ ଠେଲି ବାହାରି ଆସୁଥାଏ ପଦାକୁ... ବିଭତ୍ସ ସେ ଆଖିର ଦୃଷ୍ଟି...ପ୍ରାଣବାୟୁ ନିର୍ଗତ ହେବାରେ ଆଉ ଯେପରି ବିଳମ୍ବ ନାହିଁ...ଝଲକାଏ ଝଲକାଏ କରି ରକ୍ତ ବାହାରୁଥାଏ ମୁହଁ ବାଟ ଦେଇ...

କ୍ରୋଧ, ଆତଙ୍କ ଓ ଦୁଃଖରେ ଇନ୍‌ସ୍ପେକ୍ଟର ବିକାଶବାବୁ ଡାକିଲେ—ହନୁମାନସିଂ...ହନୁମାନସିଂ...କ୍ୟା ହୁଆ ଭୟା... କିଏ ତୁମକୁ ଆଘାତ କରିଛି ?

ହନୁମାନଙ୍କି ଅତି କଷ୍ଟରେ କାନ୍ଥଆଡ଼େ ଦୃଷ୍ଟି ନକ୍ଷେପ କରି କହିଲା—ଏଇ ବାଟ ଦେଇ···କେତେ ଉପୁଙ୍କର ସେହି ମୂହିଁ··· ମୋତେ···

ସମସ୍ତେ କାନ୍ଥଆଡ଼େ ଚାହିଁଲେ···କି ଆଶ୍ଚର୍ଯ୍ୟ···ଲୀଳାର ତୈଳଚିତ୍ର ଖଣ୍ଡିକ ଯଥାସ୍ଥାନରେ ଆସି ପହଞ୍ଚିଯାଇଛି—ପୂର୍ବପରି ଝୁଲୁଛି କାନ୍ଥ ଦେହରେ···ଆଉ ଛବିର ଅତି ନିକଟରେ, କାନ୍ଥ ଦେହରେ ଲାଗିଛି କେତେ ଟୋପା ତାଜା ରକ୍ତ···

ଦେଖୁ ଦେଖୁ ହନୁମାନଙ୍କର ଆହତ ଶରୀର ଧନୁ ପରି ବଙ୍କେଇ ହୋଇ ଚିରଦିନ ପାଇଁ ସ୍ଥିର ହୋଇଗଲା । କଠିନ ମୁଖରେ ଗୌତମବାବୁ ମୃତ ଦେହ ସମ୍ମୁଖରେ ଛିଡ଼ା ହୋଇ ଶିର ନତ କରି ମୃତ ପ୍ରତି ସମ୍ମାନ ପ୍ରଦର୍ଶନ କଲେ । ଇନ୍‌ସ୍ପେକ୍ଟର ଅଭିଭୂତ ହୋଇ ଠିଆ ହୋଇଥିଲେ । ଅତନୁର ଚକ୍ଷୁ ସ୍ଥିର । ଦେଖୁ ଦେଖୁ ଆଖିଆଗରେ ମୃତ୍ୟୁ ଆସି ସେମାନଙ୍କ ମଧ୍ୟରୁ ଜଣକୁ ପୃଥକ୍ କରିଦେଲା । ଏଥର କାହାର ପାଳି ଆସୁଛି କିଏ ଜାଣେ···

ସହସା ଚିତ୍କାର କରି ଇନ୍‌ସ୍ପେକ୍ଟର କହିଲେ—ଛବି ପାଖରେ ଠିଆ ହେଉନ୍ତୁ ନାହିଁ, ସାର୍···ହନୁମାନଙ୍କି ଛବି ପାଖରେ ଠିଆ ହୋଇ···

ତୀବ୍ର ଦୃଷ୍ଟିରେ ତୈଳଚିତ୍ରଟି ଆଡ଼େ ଚାହିଁ ଗୌତମବାବୁ କହିଲେ—ମୁଁ ସାବଧାନ ହୋଇ ଛିଡ଼ା ହୋଇଛି, ଇନ୍‌ସ୍ପେକ୍ଟର । ଚିତ୍ରଟିକୁ କିଏ ଓ କେତେବେଳେ ଅପସାରଣ କରିଥିଲା, ସେହି ବିଷୟରେ ଆମ୍ଭେମାନେ ମୁଣ୍ଡ ଖେଳାଉଥିଲୁ—ବର୍ତ୍ତମାନ ବେଶ୍ ବୁଝାଗଲା ଯେ ଚିତ୍ରଟି ଏହି ଘର ମଧ୍ୟରେ ଥିଲା···"ଚନ୍ଦ୍ରଧର" ଆସିଛି···ହଁ, ମୁଁ ସ୍ଥିର ନିଶ୍ଚିତ ଯେ ଚନ୍ଦ୍ରଧର ଆସିଛି ! ଚିତ୍ରଟିର

ପଛପଟେ ସେ ଅବସ୍ଥାନ କରୁଛି···ସେଇଠାରୁ ବାହାରି ଆତ୍ମପ୍ରକାଶ କରି ହନୁମାନଙ୍କୁ ସେ ଦେଖିପାରିଥିଲା—ମୁଣ୍ଡରେ ଆଘାତ କରି, ପରେ ଗ୍ୟାସ-ବାଷ୍ପ ପ୍ରୟୋଗ କରି ତାକୁ ହତ୍ୟା କରିଛି ସେ । ବିଚରା ହନୁମାନଙ୍କି···

ସମସ୍ତେ ନୀରବ ହେଲେ । କିଛିକ୍ଷଣଯାଏ ନୀରବତା ବ୍ୟାପି-ଗଲା ଘରଟି ଭିତରେ । ଇନ୍‌ସ୍ପେକ୍ଟର ଧୀରେ ଧୀରେ ଆଗେଇ ଆସି ମୃତଦେହଟିକୁ ସଯତ୍ନରେ ଗୋଟିଏ କୋଣକୁ ନେଇ ଆସିଲେ । ଅତନୁଙ୍କୁ ଉଦ୍ଦେଶ୍ୟ କରି ଗୌତମବାବୁ କହିଲେ—ଅତନୁବାବୁ, ବାହାରେ ଯେଉଁମାନେ ଡ୍ୟୁଟିରେ ଅଛନ୍ତି ସେମାନଙ୍କୁ କହିଦଅନ୍ତୁ ଯେ "ଚନ୍ଦଧର" ଆସିଛି—ସମସ୍ତେ ସାବଧାନ ଥିବେ, କାହାରିକୁ ବାହାରିକୁ ବାହାରିବାର ଦେଖିଲେ ସାଙ୍ଗେ ସାଙ୍ଗେ ଗୁଳି କରିବେ । ପ୍ରୟୋଜନ ହେଲେ "ଚନ୍ଦଧର" ଓ ତାର ଦଳୀୟ ପ୍ରତ୍ୟେକଙ୍କୁ ମୁଁ ଗୁଳିକରି ହତ୍ୟା କରିବି—କୈଫିୟତ ଦେବାକୁ ହେଲେ ସେ ଦାୟିତ୍ୱ ମୋର ।

ଗୌତମବାବୁ ଆଗେଇ ଆସି ଚନ୍ଦଟିକୁ କାନ୍ଥରୁ କାଢ଼ି ନେଲେ ! କାଠଦ୍ୱାରା କାନ୍ଥଟି ତିଆରି, କୌଣସିଠାରେ ଟିକିଏ ହେଲେ ଛିଦ୍ର ନାହିଁ । ଭଲଭାବେ କାନ୍ଥଟିକୁ ପରୀକ୍ଷା କରିବାକୁ ଲାଗିଲେ ଗୌତମବାବୁ ··· ପକେଟରୁ କ୍ଷୁଦ୍ର ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଓ ଛୁଞ୍ଚିର ଅଗ୍ରଭାଗ ପରି ଗୋଟିଏ ଯନ୍ତ୍ର ବାହାର କରି ଅନୁସନ୍ଧାନ ଆରମ୍ଭ କଲେ ।

ଦୂରବୀକ୍ଷଣରେ ଦେଖୁ ଦେଖୁ ଚକ୍ଷୁ ଦୁଇଟି ତାଙ୍କର ଉଜ୍ଜ୍ୱଳ ହୋଇ ଉଠିଲା । ଇନ୍‌ସ୍ପେକ୍ଟର ଓ ଅତନୁ ଉଭୟେ ନିସ୍ତବ୍ଧ ଭାବେ ଗୌତମବାବୁଙ୍କର କାର୍ଯ୍ୟକଳାପ ପରିଦର୍ଶନ କରୁଥିଲେ । ଘରଟି ଭିତରେ ଅଖଣ୍ଡ ନୀରବତା ।

ପରୀକ୍ଷା କରୁ କରୁ ସେ ଥମକିଗଲେ । ଛୁରୀର ଅଗ୍ରଭାଗ ପରି ସେହି ଯନ୍ତ୍ରଟି ଦ୍ଵାରା ଗୋଟିଏ ସ୍ଥାନକୁ ସେ ବାରମ୍ବାର ଆଘାତ କରିବାକୁ ଲାଗିଲେ । କାଠ ତିଆରି କାନ୍ଥର ମଧ୍ୟସ୍ଥଳରେ ଲମ୍ବା ସୂତା ଦାଗ ପରି ଗୋଟିଏ ଚିହ୍ନ ସେ ଦେଖିପାରିଛନ୍ତି—ଚେଷ୍ଟା କରି ସେହି ଦାଗ ଉପରେ ଛୁରୀର ଅଗ୍ରଭାଗ ପ୍ରବିଷ୍ଟ କରାଇ ସେ କହିଲେ—ଇନ୍‌ସ୍ପେକ୍ଟର, ସୂତ୍ର ଏଥର ଆବିଷ୍କାର ହୋଇଛି···ଏହି ଚଉଟିର କିୟଦଂଶ କାଠ ତିଆରି କାନ୍ଥ ଦେହରୁ ଅଲଗା ହୋଇ ରହିଛି···କାଠ-ପଟାକୁ ଘୁଞ୍ଚାଇ ତାହା ବାହାର କରିବା ଭଳି ଯନ୍ତ୍ର ମୋ ପାଖରେ ନାହିଁ । ଲୌହ-ସିନ୍ଦୁକ କବାଟ ସହିତ କାଠ-ତକ୍ତାର ଯୋଗାଯୋଗ ଅଛି ବୋଲି ମନେହୁଏ । ସେହି ସିନ୍ଦୁକର କବାଟଟିକୁ କୌଣସି ପ୍ରକାରେ ଘୁଞ୍ଚାଇ ଦେଇ ପାରିଲେ କାଠର ପ୍ୟାନେଲ୍ କୌଣସି ପ୍ରକାରେ ଉନ୍ମୁକ୍ତ ହେବ ଓ ଆମ୍ଭେମାନେ ରହସ୍ୟପୁରୀ ମଧ୍ୟରେ ପ୍ରବେଶ କରିପାରିବା ।

ଅତନୁ ତାହା ବୁଝିପାରି ଗତ ରାତିରେ ସିନ୍ଦୁକ ପାଖରେ ବସି, ସିନ୍ଦୁକର ପଛପଟେ ହାତ ବଢ଼ାଇ ଯେପରିଭାବେ ଠେଲିବା ଲାଗି ଚେଷ୍ଟା କରିଥିଲା, ଆଜି ମଧ୍ୟ ସେହିପରି କଲା ।

ଗୌତମବାବୁ କହିଲେ—ଷ୍କ୍ରୁ ବୋତାମ ପରି ଯାହା ତୁମେ ଦେଖିଥିଲ ତାହା ପଛପଟେ ଥିଲା, ନା ? ···

—ହଁ, ବର୍ତ୍ତମାନ ତାହା କିନ୍ତୁ ପାଉନାହିଁ···କହିଲା ଅତନୁ ।

—ଆଚ୍ଛା, ମୁଁ ଦେଖୁଛି ... କହି ଷ୍କ୍ରୁ ଗୋଟିଏ ସ୍କ୍ରୁ ସାହାଯ୍ୟରେ ପରୀକ୍ଷା କରିବାକୁ ଲାଗିଲେ । ଅତନୁ ଓ ଇନସ୍ପେକ୍ଟର ବ୍ରଜକିଶୋରବାବୁ ଅଳ୍ପ ଦୂରରେ ଠିଆ ହୋଇ ଗୌତମବାବୁଙ୍କର କାର୍ଯ୍ୟ ଦେଖିବାକୁ ଲାଗିଲେ ।

ଅକସ୍ମାତ୍‌ଭାବରେ ଗୋଟାଏ ଭୟଙ୍କର ହିଂସ୍ର ଗର୍ଜନ ସେମାନେ ଶୁଣିବାକୁ ପାଇଲେ । ପ୍ରଥମେ ସମସ୍ତେ ମନେ କରିଥିଲେ ଏରୋପ୍ଲେନ୍ ବୋଧହୁଏ ସେମାନଙ୍କର ମୁଣ୍ଡ ଉପର ଦେଇ ଉଡ଼ିଯାଉଛି । ପର କ୍ଷଣରେ ସେମାନେ ସେମାନଙ୍କର ଭୁଲ୍ ବୁଝିପାରିଲେ । ଗୋଟାଏ ହିଂସ୍ର ଶବ୍ଦ...କେଉଁଠାରୁ ଆସୁଛି କେଜାଣି ? ମାଟିତଳ, କାନ୍ଥ ଭିତରରୁ କିମ୍ବା ଛାତ ଉପରୁ ସେହି ଶବ୍ଦ ଆସୁଛି ତାହା ସେମାନେ ନିର୍ଣ୍ଣୟ କରି ପାରିଲେ ନାହିଁ ।

ଅତନୁ ଭୟରେ ସେତେବେଳେ ଥରିବାକୁ ଲାଗିଲା—କଣ ଗୋଟାଏ ଭୟଙ୍କର ଘଟଣା ଘଟିବ ବୋଲି ଆଶଙ୍କା କରୁଥାଏ ସେ ।

ଗୌତମବାବୁ ନିର୍ଭୟରେ କାର୍ଯ୍ୟ ଚଳାଇଥାନ୍ତି । କିଛିକ୍ଷଣ ପରେ ଅସ୍ପଷ୍ଟ ସ୍ୱରରେ କଣ କହି ଯନ୍ତ୍ରଟି ଦ୍ୱାରା ଜୋରରେ ଟିକିଏ ଚାପ ଦେବାମାତ୍ରେ ଲୌହ-ଦ୍ୱାରର ପଟପଟ ମୋଟର-ଇଞ୍ଜିନର ଶବ୍ଦ ପରି ଶବ୍ଦ ଶୁଣାଗଲା, ତା ପରେ ଦ୍ୱାରଟି ଧୀରେ ଧୀରେ ଗୋଟିଏ ପାଖକୁ ଚାଲି ଆସିଲା । ଯେଉଁ ଲୌହ-ଦ୍ୱାରଟି ଉପରେ ଟେଲିଭିଜନ ଖଣ୍ଡିକ ଝୁଲୁଥିଲା, ସେଠାକାର କାନ୍ଥ ସହିତ କାଠର ତକ୍ତା ଖଣ୍ଡିକ ଧୀରେ ଧୀରେ ଅପସାରିତ ହୋଇ ପଛଆଡ଼େ ଗୋଟାଏ ପ୍ରକାଣ୍ଡ ଗହ୍ୱର ଦେଖାଗଲା । ଗୋଟିଏ ମନୁଷ୍ୟ ଯିବା ଭଳି ରାସ୍ତା ସେମାନେ ଦେଖିପାରିଲେ ।

ବିସ୍ମୟ ଓ ଅଜଣା ଆତଙ୍କରେ ଅତନୁ ନିର୍ବାକ୍—ଇନ୍ ପେକ୍ଟର ମଧ୍ୟ ବିସ୍ମୟରେ ଉତ୍ତେଜିତ—କିନ୍ତୁ ଗୌତମବା ନିର୍ବିକାର । ସେ କହିଲେ—ଯନ୍ତ୍ର ବସାଇବାର ଅପୂର୍ବ କୌ ଉଦ୍ଭାବନ କରି ହୋଇଅଛି । ଏଥର ଜଣା ପଡ଼ୁଛି, ଅତନୁ

କାନ୍ଥ ଦେହରେ ଚଉଟିକୁ ଦେଖିପାରିଲେ ନାହିଁ କାହିଁକି ? ତାର କାରଣ ହେଉଛି, ବୋତାମ ଉପରେ ଚାପ ପଡ଼ିବା ସଙ୍ଗେ ସଙ୍ଗେ ଲୌହଦ୍ୱାର ସହିତ ଚଉଟି ଭିତର ଆଡ଼କୁ ଚାଲିଯାଏ ଏବଂ ସେହି ମାପର ଖଣ୍ଡିଏ କାଠର ତକ୍ତା ପଛଆଡ଼ୁ ଆସି ଗହ୍ୱର ମୁହଁଟିକୁ ବନ୍ଦ କରିଦିଏ । ଏହା ଦେଖି ଅତନୁବାବୁ ମନେ କରିଥିଲେ ଯେ, କାନ୍ଥଟି ସେହିପରି ରହିଛି—କେବଳ ଅଦୃଶ୍ୟ ହୋଇଛି ଚଉଟି ।

ଗହ୍ୱର ମୁହଁରେ ତିନି ଜଣ ଯାକ ଠିଆ ହୋଇ ଭିତରକୁ ଦୃଷ୍ଟି ସଞ୍ଚାଳନ କଲେ । ମାତ୍ର କୌଣସି ବସ୍ତୁ ସେମାନଙ୍କର ଦୃଷ୍ଟିରେ ଧରା ପଡ଼ିଲା ନାହିଁ । ଭିତରେ ନିଶ୍ଛିଦ୍ର ଅନ୍ଧକାର । ଶ୍ୱାସରୋଧକାରୀ ଗୋଟାଏ ଦୁର୍ଗନ୍ଧ ସେମାନେ ଅନୁଭବ କରି ପାରୁଥିଲେ । ଚିଡ଼ିଆ-ଖାନାରେ ଥିବା ଜନ୍ତୁମାନଙ୍କ ସମ୍ମୁଖରେ ଛିଡ଼ା ହେଲେ ଯେଉଁ ଗନ୍ଧ ବାହାରେ ଏ' ଗନ୍ଧ ଠିକ୍ ସେହିପରି ।

ଇନ୍‌ସପେକ୍ଟର ଗୌତମବାବୁଙ୍କୁ କହିଲେ—ଉତ୍କଟ ଗନ୍ଧ ଆପଣ ବାରି ପାରୁଛନ୍ତି ତ', ସାର୍ !

ହସିଲେ ଗୌତମବାବୁ । କହିଲେ—ମୋର ଅନୁମାନ ଯଦି ସତ୍ୟ ହୁଏ, ତାହାହେଲେ ଏହି ଗନ୍ଧଟି କି ଗନ୍ଧ ତାହା ସମସ୍ତେ ସ୍ୱଚକ୍ଷୁରେ ଦେଖି ପାରିବା । କିନ୍ତୁ ତା' ପୂର୍ବରୁ ଆମ୍ଭମାନଙ୍କୁ ଯଥେଷ୍ଟ ସାବଧାନରେ ରହିବାକୁ ହେବ । ଅତନୁବାବୁ, ଆପଣ ପିସ୍ତଲ ଧରନ୍ତୁ......ବର୍ତ୍ତମାନ ଗହ୍ୱର ଭିତରେ ପଶିବାକୁ ହେବ ।

ସମସ୍ତେ ସତର୍କଭାବେ ଗହ୍ୱର ଭିତରକୁ ଗୋଡ଼ ବଢ଼ାଇଲେ । ଗୌତମବାବୁ ଟର୍ଚ୍ଚ ପକାଇ ଦେଖିଲେ କେତେଗୁଡ଼ିଏ ପାହାଚ କ୍ରମେକ୍ରମେ ତଳକୁ ଚାଲି ଆସିଛି—ଧୀରେ ଧୀରେ ଅଗ୍ରସର ହେଲେ ସେମାନେ ।

ଦଶ ବାର ହାତ ଆସିବା ପରେ ଡାହାଣ ପଟରେ ଥିବା ଗୋଟିଏ ଘର ସେମାନଙ୍କର ଦୃଷ୍ଟିରେ ଆସି ପଡ଼ିଲା । ଘର ଭିତରେ ଟେବୁଲ ଚୌକି ପଡ଼ିଥିବା ମଧ୍ୟ ସେମାନେ ଦେଖିପାରିଲେ । ବୋଧହୁଏ ଜମ୍ବୁ ପ୍ରକାଶ ଚୌଧୁରୀଙ୍କର ଗୁପ୍ତ ଅଫିସଘର ।

ସମସ୍ତେ ଘର ଭିତରେ ପହଞ୍ଚିଲା ପରେ ଅତନୁ ଆଗ ହୋଇ ବ୍ୟଗ୍ରଭାବେ ଟେବୁଲର ଡ୍ରୟାରଗୁଡ଼ିକ ଟାଣିବାକୁ ଲାଗିଲା । କେତେକ କାଗଜପତ୍ର ସହ ଅତନୁର ଇପ୍‌ସିତ ବସ୍ତୁ ଅର୍ଥାତ୍ ଲୀଲା ନାମରେ ଥିବା ଚିଠିପତ୍ର ଓ ବେଆଇନ-ବ୍ୟବସାୟ ସମ୍ବନ୍ଧୀୟ କେତେକ ଲେଖା ଅତି ସହଜରେ ହସ୍ତଗତ ହେଲା ।

ଅନ୍ଧକାର ଗହ୍ୱର ଭିତରୁ ଗୌତମବାବୁ ଉଚ୍ଚ କଣ୍ଠରେ କହିଲେ—ଉପର ଘରକୁ ଚାଲିଯାଆନ୍ତୁ ଅତନୁବାବୁ—ଯଦି କେହି ପଳାଇଯିବାକୁ ଚେଷ୍ଟା କରେ, ଗୁଳି କରି ତାକୁ ଜଖମ କରିଦିଅନ୍ତୁ ।

ଗୌତମବାବୁ ଓ ଇନ୍‌ସ୍ପେକ୍ଟର ଅନ୍ଧକାରରେ ଅଦୃଶ୍ୟ ହୋଇଗଲେ । କମ୍ପିତ ବକ୍ଷରେ ଉପରକୁ ଉଠିଲା ଅତନୁ...... ସୁଡ଼ଙ୍ଗ ଭିତରୁ ଶୁଣାଗଲା ବୀଭତ୍ସ ଚିତ୍କାର...ଅତନୁର ସର୍ବାଙ୍ଗ ସେତେବେଳେ ରୋମାଞ୍ଚିତ ହୋଇ ଉଠିଲା । ଅସହ୍ୟ ଯନ୍ତ୍ରଣାରେ କାତର ହୋଇ କିଏ ଯେପରି ଚିତ୍କାର କରୁଛି...ଆଉ, ସେହି ଚିତ୍କାର ସହିତ ଶୁଣାଯାଉଥାଏ ଗୋଟାଏ ଜାନ୍ତବ ଗର୍ଜନ... ଯେପରି କୌଣସି ପଶୁର ସିଂହନାଦ ।

ଅତନୁ ଯେପରି ନିସ୍ପନ୍ଦ ହୋଇଯାଇଛି । ଆଗେଇ ଆସି ପ୍ରକୃତ ଘଟଣାଟିକୁ ସେ ଚକ୍ଷୁରେ ଦେଖିବ, ଏପରି ଶକ୍ତି ଆ ତାର ନାହିଁ । ଯନ୍ତ୍ରଣାକାତର ମନୁଷ୍ୟର ଆର୍ତ୍ତସ୍ୱର କ୍ରମେ କ୍ଷ

ଜଗ୍ରତ ହୋଇ ଆସୁଛି । ଏହି ସମୟରେ କିଏ ଯେପରି ଉଚ୍ଚ କଣ୍ଠରେ କହିଲା—ସାବଧାନ ।

ଗୌତମବାବୁଙ୍କର କଣ୍ଠସ୍ୱର ଶୁଣାଗଲା— ଇନ୍‌ସ୍ପେକ୍ଟର ତାକୁ ଆଗେ ଗୁଳି କର—ଗୁଳି କର···

ସ୍ଖଳିତ କଣ୍ଠରେ ବ୍ରଜକିଶୋରବାବୁ କହିଲେ—ପିସ୍ତଲ··· ପିସ୍ତଲଟିକୁ ବାହାର କରି ପାରୁନାହିଁ, ସାର୍···

ମନେ ହେଲା ଇନ୍‌ସ୍ପେକ୍ଟର ଯେପରି କାହା ସହିତ ଯୁଦ୍ଧରେ ବ୍ୟାପୃତ ଅଛନ୍ତି ।

···ତା'ପରେ ··· ସୁଡ଼ଙ୍ଗ-ପଥମୁଖରେ କିଏ ସେ ? ··· ଦୁଇଟି ବିଶାଳ ଚକ୍ଷୁ···ରକ୍ତବର୍ଣ୍ଣ···ଅଗ୍ନି ଯେପରି ସତେସତେ ବାହାରି ପଡ଼ୁଛି ସେହି ଆଖି ଦୁଇଟିରୁ—ବିକଟ ବିଭତ୍ସ ଭୟଙ୍କର ମୁଖ, ଲୋମଶ ଓ ହିଂସ୍ର । ରକ୍ତବର୍ଣ୍ଣ ଚକ୍ଷୁ ଦୁଇଟିରେ ଅତନୁକୁ ସେ ଦେଖିଲା, ତା ପରେ ମୁହଁ ତଳକୁ କରି ଗୋଟାଏ ଭାରି ବସ୍ତୁକୁ ଦାନ୍ତରେ ଧରି ଫୋପାଡ଼ିଦେଲା ଘର ଭିତରକୁ···

ଅତନୁ ସେତେବେଳେ ବାହ୍ୟଜ୍ଞାନଶୂନ୍ୟ । କିଛି ସମୟ ପରେ ଯେତେବେଳେ ସେ ତଳକୁ ଚାହିଁ, ଦେଖିଲା ତାର ଅଳ୍ପ ଦୂରରେ ଆସି ପଡ଼ିଛି କ୍ଷତ-ବିକ୍ଷତ, ରକ୍ତାକ୍ତ ଓ ଅର୍ଦ୍ଧମୃତ ବିନୋଦ ଦାସର ଶରୀରଟା ।

ହିଂସ୍ର ପଶୁଟିର ଗର୍ଜନ ପୁନର୍ବାର ଶୁଣାଗଲା···କ୍ଷୁଧିତ ଗର୍ଜନରେ ଥରଉଠିଲା ଘରର କାନ୍ଥଗୁଡ଼ିକ···ଅତନୁର ଦୃଷ୍ଟି ଜନ୍ତୁଟି ଉପରେ···ସେ ଦେଖୁଛି, ନଖଯୁକ୍ତ ଥାବା ଦୁଇଟି କିପରି ଶୂନ୍ୟରେ ଉତ୍ତୋଳିତ ହେଉଛି—ଦୀର୍ଘ ଶ୍ୱେତଶୁଭ୍ର ଦନ୍ତରାଜି କିପରି ବାହାରକୁ ବାହାରି ପଡ଼ୁଛି···

ଚକ୍ଷୁରେ ଅନ୍ଧକାର ଘନେଇ ଆସିଲା ଅତନୁର... ଆଖି ବୁଜି ପିସ୍ତଲର ଘୋଡ଼ା ଟିପିଲା...ଗୁଡ଼ୁମ୍, ଗୁଡ଼ୁମ୍...ଧୂଆଁ ଓ ବାରୁଦର ଗନ୍ଧ...ମରଣାହତ ପଶୁର ଭୟଙ୍କର ଗର୍ଜନ...ବୁଲେଟ୍ ସର୍ବାଙ୍ଗକୁ ତାର ଝିଞ୍ଜାରିଦେଲା...ଥାବା ଦୁଇଟିକୁ ଶୂନ୍ୟକୁ ଉଠାଇ ଗାଁ ଗାଁ ଶବ୍ଦ କରି ସଶବ୍ଦରେ ପଡ଼ିଗଲା ତଳେ ।

ଉତ୍ତେଜନାରେ ଥରୁଥାଏ ଅତନୁ । ବକ୍ଷର ସ୍ପନ୍ଦନ କିଞ୍ଚିତ ପ୍ରଶମିତ ହେବା ପରେ ସେ ପ୍ରକୃତିସ୍ଥ ହେଲା । ଏତେବେଳଯାଏ ତାର ଚକ୍ଷୁ ସମ୍ମୁଖରେ ଥିଲା ଗୋଟାଏ କୃଷ୍ଣ-ଯବନିକା, ମନ ଭିତରେ ଥିଲା ମୃତ୍ୟୁର ଆତଙ୍କ...ନିଜର ପ୍ରାଣ ବଞ୍ଚାଇବା ଲାଗି ଜ୍ଞାନ ତାର ଆଦୌ ନ ଥିଲା...ପ୍ରକୃତିସ୍ଥ ହୋଇ ଦେଖିଲା, ସେହି ବୃହଦାକାର ପଶୁଟି ଗୁଣ୍ଡି ଉପରେ ହାତ ଦୁଇଟିକୁ ରଖି ଚିତ୍ ହୋଇ ପଡ଼ିଛି । ପ୍ରକାଣ୍ଡ ବଣମଣିଷ ଗରିଲା । ନିକଟସ୍ଥ ହୋଇ ଦେଖିଲା, ଜନ୍ତୁଟିର ହାତ ଓ ଗୋଡ଼ ଇସ୍ପାତ ବଳୟ ଦ୍ୱାରା ବନ୍ଧା ହୋଇଛି, ଠିକ୍ ସେହିପରି ଦୁଇଟି ବଳୟ ସେ ଦେଖିଥିଲା ଲୀଳାର ସୁଟ୍‌କେସ୍ ଭିତରେ ।

ସହସା ଅତନୁ ଶୁଣି ପାରିଲା କିଏ ଯେପରି ଅତି ନିକଟରେ ମଲ୍ଲଯୁଦ୍ଧ ଆରମ୍ଭ କରିଛନ୍ତି । ପରକ୍ଷଣରେ ଗୌତମବାବୁଙ୍କ କଣ୍ଠସ୍ୱର ଶୁଣାଗଲା...କ୍ରୁଦ୍ଧ ଗର୍ଜନ କରୁଛନ୍ତି ସେ, ଅନ୍ୟ ଏ ବ୍ୟକ୍ତିର ଆର୍ତ୍ତନାଦ...ଅତନୁ ଶବ୍ଦ ଲକ୍ଷ୍ୟ କରି ଆଗେଇ ଆସିଲା

—ସାବଧାନ ଅତନୁ ବାବୁ—ସାବଧାନ !

କିନ୍ତୁ ସେତେବେଳେ ସାବଧାନ ହେବାର ଅବସର ନ ଥି ସମ୍ମୁଖ ଆଡ଼ୁ କିଏ ଜଣେ ଉନ୍ମତ୍ତ ବେଗରେ ଧାଇଁ ଆସୁ ଢକ୍-ଢକ୍ ଜ୍ଞାନଶୂନ୍ୟ ହୋଇ ଅତନୁ ପ୍ରାଣପଣ ଶକ୍ତିରେ

ବ୍ୟକ୍ତିକୁ ଜାପୋଟି ଧରିଲା । ଉଭୟେ ସଶବ୍ଦରେ ଧରଣୀଶାୟୀ ହେଲେ···ମୁଣ୍ଡରେ କଠିନ ଆଘାତ ପାଇ ଅତନୁର ଚେତନା ବିଲୁପ୍ତ ହେଲା ।

ଜ୍ଞାନ ଫେରି ଆସିବା ପରେ ଅତନୁ ଦେଖିଲା ସାମାନ୍ୟ ଗୋଟିଏ ଶଯ୍ୟାରେ ସେ ଶୋଇଛି; ତାର ସମ୍ମୁଖରେ ଠିଆ ହୋଇଛନ୍ତି ଗୌତମବାବୁ ଓ ଇନ୍‌ସ୍‌ପେକ୍ଟର ବ୍ରଜକିଶୋର ବାବୁ । ଅଳ୍ପ ଦୂରରେ ବିନୋଦ ଦାସ କ୍ଷତ-ବିକ୍ଷତ ଶରୀର ନେଇ ଯନ୍ତ୍ରଣାରେ ଆର୍ତ୍ତନାଦ କରୁଛି ।

ଅତନୁ ମନେ ମନେ ଭାବିବାକୁ ଲାଗିଲା, ସେ ଲୋକଟି କେଉଁଆଡ଼େ ଗଲା ! ଯାହାକୁ ସେ ଜାପୋଟି ଧରିଥିଲା, କାହିଁ ତାକୁ ତ' ସେ ଦେଖି ପାରୁନାହିଁ ।

ଗୌତମ ବାବୁ ନିକଟସ୍ଥ ହୋଇ କହିଲେ—ଶୁଣି ସୁଖୀ ହେବେ, ଅତନୁବାବୁ···"ଚକ୍ରଧର"କୁ ଗ୍ରେପ୍ତାର କରି ଥାନାକୁ ପଠାଇ ଦେଇଛି ।

ଏହି ସମୟରେ ଅସ୍ପଷ୍ଟ କଣ୍ଠରେ ବିନୋଦ ଦାସ କଣ କହିଲା କିଛି ବୁଝା ଗଲା ନାହିଁ । ଗୌତମ ବାବୁ ବୁଝିପାରିଲେ ପରମାୟୁ ତାର ଶେଷ ହୋଇ ଆସୁଛି ।

ଗୌତମ ବାବୁ ନିକଟସ୍ଥ ହୋଇ କହିଲେ—ଘୋର ଅନ୍ୟାୟ କରିଛ, ବିନୋଦ ! ପୁଲିଶର କର୍ମଚ୍ୟୁତ ହୋଇ, ଅର୍ଥ-

ନେଲଭଟରେ ତୁମେ ଯେ ଏପରି ଜଘନ୍ୟ କାର୍ଯ୍ୟ କରିବ ଏହା ଆମ୍ଭେମାନେ ଆଶା କରି ନ ଥିଲୁ ।

କାତର ଚକ୍ଷୁ ଦୁଇଟିକୁ ମେଲାଇ ବିନୋଦ କହିଲା—ପ୍ରକୃତରେ ମୁଁ ଅନ୍ୟାୟ କରିଛି । ସେହି ଅନ୍ୟାୟର ଶାସ୍ତି ମୁଁ ହାତେ ହାତେ ପାଇଲି···ଅବଶ୍ୟ ସବୁ କଥା ସ୍ୱୀକାର କରି ମୁଁ ଯିବ ।

ଗୌତମ ବାବୁ ପ୍ରଶ୍ନ କଲେ—ଅଞ୍ଜନଗଡ଼ର ରାଣୀ ତୁମକୁ ପ୍ରଥମେ ନିଯୁକ୍ତ କରିଥିଲେ, ନା ?—

ବିନୋଦ ଦାସ କହିଲା—ଆପଣ ଠିକ୍ ଶୁଣିଛନ୍ତି, ଗୌତମ ବାବୁ !···ଘନ ଘନ ନିଃଶ୍ୱାସ ତ୍ୟାଗ କରୁଥାଏ ବିନୋଦ—ସ୍ଖଳିତ କଣ୍ଠରେ କହୁଥାଏ···ରାଣୀଙ୍କ ପାଖରୁ ଟଙ୍କା ନେଇ ମୁଁ ହୀରାଗୁଡ଼ିକର ଉଦ୍ଧାର ଲାଗି ଚେଷ୍ଟା କଲି । ଏହି ସମୟରେ ଜଣେ ବିଦେଶୀ ଅଧିକ ଟଙ୍କା ଲୋଭ ଦେଖାଇ ହୀରାଗୁଡ଼ିକ ଚୋରି କରି ତାହା ତାହାକୁ ଦେବା ଲାଗି ମୋତେ ନିଯୁକ୍ତ କଲା—ଅସତ୍‌ପଥରେ ଚାଲୁଛି ବୋଲି ମୁଁ ଅବଶ୍ୟ ବୁଝିପାରୁଥିଲି, କିନ୍ତୁ ଲୋଭ ବଡ଼ ମାରାତ୍ମକ ବସ୍ତୁ ଗୌତମ ବାବୁ···

—ଜୟପ୍ରକାଶବାବୁ ଯେଉଁ ଦିନ ନିହତ ହେଲେ, ସେ ଦିନ ରାତିରେ ତୁମେ ତାଙ୍କ ଘରେ ଥିଲ ? ···ପଚାରିଲେ ଗୌତମବାବୁ ।

—ହଁ, ସେ ଦିନ ରାତିରେ ମୁଁ ସେଠାରେ ଥିଲି । ଭାବିଥିଲି ସେହିଦିନ ରାତିରେ ମୁଁ କାର୍ଯ୍ୟୋଦ୍ଧାର କରିବି । ମୋହନଲାଲ ମଧ୍ୟ ଏହି ଉଦ୍ଦେଶ୍ୟ ନେଇ ଜୟପ୍ରକାଶର ଗତିବିଧି ଲକ୍ଷ୍ୟ କରୁଛି, ଏହା ମୁଁ ଆଗରୁ ଜାଣିଥିଲି—କିନ୍ତୁ ଜାଣି ନ ଥିଲି ଯେ ମୋହନଲାଲ ଚୌଧୁରୀ-ଭବନ ଭିତରେ ଅଲକ୍ଷିତରେ ପ୍ରବେଶ କରି ଏ ଘରର ସବୁ କିଛି ଗୁପ୍ତ ରହସ୍ୟ ଜାଣି ନେଇଛି ବୋଲି । ଜୟପ୍ରକାଶ

ସର୍କସ ପାର୍ଟିରୁ ବହୁ ଅର୍ଥ ବ୍ୟୟରେ ଯେ ଗୋଟିଏ ଗରିଲା କ୍ରୟ କରି, ଭୂଗର୍ଭରେ ଥିବା ଗୁପ୍ତ-କୋଠରୀ ପାଖରେ ତାକୁ ପଞ୍ଜରାରେ ରଖିଛି ଏହା ମୁଁ ଆଗରୁ ଜାଣିଛି ।

ନିଃଶ୍ୱାସ ଦ୍ରୁତତର ଭାବେ ପଡ଼ୁଥାଏ ଉଠୁଥାଏ । ଅତି କଷ୍ଟରେ ବିନୋଦ ପୁନର୍ବାର ଆରମ୍ଭ କଲା—ସେହି ଗୁପ୍ତ-କୋଠରୀ ଭିତରେ ପ୍ରବେଶ କରି ମୋହନଲାଲ ସେହି ଜନ୍ତୁଟିକୁ ଚାବୁକ ମାରି ରଗାଇ ଦେଇଥିଲା, ହାତଗୋଡ଼ବନ୍ଧା ଜନ୍ତୁଟି କ୍ଷିପ୍ତ ହୋଇ ଶିକୁଳି ଛିଣ୍ଡାଇବା ଲାଗି ଚେଷ୍ଟା କରୁଥାଏ । ଗୋଳମାଳ ଶୁଣି ଜୟପ୍ରକାଶ ତଳକୁ ଓହ୍ଲାଇ ଆସୁଥିଲେ—ତାହା ଦେଖି, ମୋହନଲାଲ ଆଜ ଗୋଟିଏ ଗୁପ୍ତ ସ୍ଥଳରେ ଲୁଚିଗଲା ଓ ମୁଁ ମଧ୍ୟ କୌଣସି ପ୍ରକାରେ ଆତ୍ମଗୋପନ କଲି···ଜନ୍ତୁଟିର ହାତଗୋଡ଼ର ଶିକୁଳି ମଧ୍ୟ ଛିଣ୍ଡିଗଲା ହଠାତ୍···

ଆଜ କଣ ଦେଖିଲି ଜାଣନ୍ତି, ଗୌତମବାବୁ ! ଜୟପ୍ରକାଶଙ୍କୁ ଦେଖି, ଗରିଲାଟା ବୋଧହୁଏ ମନେ କରିଥିଲା ମୋହନଲାଲ ବୋଲି···ପ୍ରଚଣ୍ଡ ବେଗରେ ଆକ୍ରମଣ କରି ଯାହା ସେ କରିଥିଲା ତାହା ତ ଆପଣମାନେ ସ୍ୱଚକ୍ଷୁରେ ଦେଖିଛନ୍ତି । ହୀରାଗୁଡ଼ିକ ଏହି ଘରେ ଥିଲା···ଜୟପ୍ରକାଶଙ୍କୁ ମାରି ଜନ୍ତୁଟା ପାର୍ଶ୍ୱ କକ୍ଷକୁ, ଯେଉଁ ଘରେ ସେ ଥାଏ ସେଠାକୁ ଚାଲି ଆସିଲା···ମୁଁ ସେତେବେଳେ ପ୍ରାଣ ଭୟରେ ବାହାରକୁ ଚାଲିଆସି ଦେଖିଲି ବକୁଳ-ଜହ୍ନା ଭୃତ୍ୟା ଲବଣ୍ୟ, ଗୁପ୍ତ ଦ୍ୱାରଟିକୁ ବନ୍ଦ କରି ହୀରାଗୁଡ଼ିକୁ ଗୋଟିଏ ସୁଟ୍‌କେସ୍‌ରେ ଭର୍ତ୍ତି କରି ଲୀଳା ହାତକୁ ବଢ଼ାଇ ଦେଲା । ଲୀଳାର ସୁଟ୍‌କେସ୍ ଓ ଏହି ସୁଟ୍‌କେସଟି ଦେଖିବାକୁ ଅବିକଳ ଏକ—ତେଣୁ ଲୀଳା ମଧ୍ୟ ବୁଝି ପାରିଲା ନାହିଁ ଯେ ସୁଟକେସ୍ ତା'ର ବଦଳ ହୋଇଛି ବୋଲି ।

...ସାରଗୁଡ଼ିକ ହାତଛଡ଼ା ହେବା ଦେଖି ମୁଁ ଅନୁସନ୍ଧାନ ଦ୍ୱାରା ଜାଣି ପାରିଲି ଉକ୍ତ ସୁଟ୍‌କେସ୍‌ଟି ଅତନୁବାବୁଙ୍କ ପାଖରେ ଅଛି...ମୋହନଲାଲ ମଧ୍ୟ ଜାଣିଥିଲା ସୁଟ୍‌କେସ୍‌ରେ ଜହରତଗୁଡ଼ିକ ଭର୍ତ୍ତି ହୋଇଥିଲା ବୋଲି କିନ୍ତୁ କେଉଁ ସୁଟକେସଟିରେ ଭର୍ତ୍ତି ହୋଇଛି ତାହା ସେ ଜାଣି ପାରି ନ ଥିଲା ।

କଥାଗୁଡ଼ିକ କ୍ରମେ ଅସ୍ପଷ୍ଟ ହୋଇ ଆସିଲା—ବିନୋଦର ସମୟ ଆସି ଯାଇଛି । ଆମ୍ବୁଲାନ୍‌ସ ଆସିବା ମାତ୍ରେ ତାକୁ ଉଠାଇ ନିଆଗଲା, କିନ୍ତୁ ପ୍ରାଣର କୌଣସି ଲକ୍ଷଣ ଶରୀରରେ ଥିବା ଭଳି ଜଣାଯାଉ ନ ଥିଲା ।

ଗୌତମବାବୁ କହିଲେ—ଗତ ଦଶବର୍ଷ ତଳେ ଯେଉଁମାନେ ଅକାତରରେ ଶ୍ରମଦାନ କରି, ନିଜକୁ ବିପନ୍ନ କରି ଏହି ରହସ୍ୟମୟ ଘଟଣାଟି ସମ୍ବନ୍ଧରେ ତଦନ୍ତ ଚଳାଇଥିଲେ—ସେମାନଙ୍କ ମଧ୍ୟରୁ ଯେଉଁମାନେ ଆଜି ଜୀବିତ ଅଛନ୍ତି, ଏହି ରହସ୍ୟର ଯବନିକା-ପାତରେ ଯେଉଁ ଆନନ୍ଦ ଉପଭୋଗ କରିବେ ତାହା ବର୍ଣ୍ଣନାତୀତ । ଆଉ—ଗତାୟୁମାନେ ମଧ୍ୟ ପରପାରରେ ଥାଇ ବିଚାରର ଫଳା-ଫଳ ଲାଗି ଉଦ୍‌ଗ୍ରୀବ ହୋଇ ଉଠିବେ ।

ଗଳାଟିକୁ ପରିଷ୍କାର କରି ନେଇ ପୁନର୍ବାର ସେ କହିଲେ—ଚୌଧୁରୀ-ଭବନର ଗୁପ୍ତ ଘରର ଗରଳ ପ୍ରହରୀ ଯକ୍ଷ ପରି ଯେଉଁ ମହାମୂଲ୍ୟ ରତ୍ନଗୁଡ଼ିକୁ ଆଜଯାଏ ଆଗୁଳେଇ ରଖିଥିଲା, ଆପଣ ତାହା ଅତି ସହଜରେ ହସ୍ତଗତ କରି ପାରିଛନ୍ତି ଅତନୁବାବୁ !.. ମୁଁ ଆନାରେ ଅଛି—ଆପଣ, ଲୀଳାଦେବୀ ଓ ସେହି ରତ୍ନଗୁଡିକ ସାଙ୍ଗରେ ନେଇ ଯେତେ ଶୀଘ୍ର ପାରନ୍ତି ଥାନାକୁ ଆସନ୍ତୁ !' ତା'ପରେ ହସି ହସି କହିଲେ—ଅତି ଭାଗ୍ୟବାନ ନ ହେ

କାମିନୀ ଓ କାଞ୍ଚନର ଏକସ ଦର୍ଶନ କେନ୍ଦ୍ର କରନ୍ତୁ ନାହିଁ, ବୁଝିଲେ ?...

*　　*　　*

ମନୁଷ୍ୟର ଭାଗ୍ୟରେ କେତେବେଳେ କଣ ଘଟିବ, ମନୁଷ୍ୟ କାହିଁକି—ଦେବତାମାନେ ମଧ୍ୟ ଜାଣି ପାରନ୍ତି ନାହିଁ—ଏହାହିଁ ହେଉଛି କମ୍ବଦନ୍ତୀ— କମ୍ବଦନ୍ତୀ ହେଲେ ସୁଦ୍ଧା ତାହା ବହୁକ୍ଷେତ୍ରରେ ସତ୍ୟର ରୂପରେଖ ନେଇଥାଏ ।

ରାମଗଡ଼, କଟକ-୧

ତାଂ ୧୫।୮।୧୯୬୦

୧୩ଶ ସ୍ୱାଧୀନତା ଦିବସ

# ପୌରାଣିକ କାହାଣୀରେ ରୋମାଞ୍ଚର ସ୍ୱାଦ

ପରିକଳ୍ପନା— ଭୂପେନ୍ ଗୋସ୍ୱାମୀ

## ସାବିତ୍ରୀ

ସହସା ବାୟୁତରଙ୍ଗ କମ୍ପିତ ହେଲା । ଅନ୍ଧକାର ମହାଶୂନ୍ୟରେ ପ୍ଲୁତସ୍ୱରରେ ଉଚ୍ଚାରିତ ହେଲା ଦୁଇଟି ଅକ୍ଷର— ଗୋଟିଏ ସ୍ପର୍ଶବର୍ଣ୍ଣର ଷୋଡ଼ଶ ବର୍ଣ୍ଣ "ତ", ଅନ୍ୟଟି ଏକବିଂଶ ବର୍ଣ୍ଣ "ପ" । ତମସାରେ ଶବ୍ଦ ଉତ୍ଥିତ ହେଲା, "ତପ...ତପ" ।

କିଏ ଏହା ଉଚ୍ଚାରଣ କଲା ? କେଉଁଠାରୁ ଆସିଲା ଏ ଆଦେଶ ? ବିଭ୍ରାନ୍ତ ବ୍ରହ୍ମା ଚାରିଆଡ଼େ ଦୃଷ୍ଟି ସଞ୍ଚାଳନ କଲେ । ସମ୍ମୁଖ, ପଶ୍ଚାତ, ଦକ୍ଷିଣ ଓ ବାମ ଆଡ଼େ । ନିବିଡ଼ ଅନ୍ଧକାର ଭିତରେ କୌଣସି ବସ୍ତୁ ଆଖିକୁ ଦେଖାଗଲା ନାହିଁ, କେବଳ ସ୍ତରେ ସ୍ତରେ ଘନ କଜ୍ଜଳର ଆବରଣ—ତମଃ, ତାମିସ୍ର, ଅନ୍ଧତାମିସ୍ର, ମହାତାମିସ୍ର ।

କଳ୍ପାରମ୍ଭକାଳରେ ବ୍ରହ୍ମା ନୂତନ ସୃଷ୍ଟି ଆରମ୍ଭ କଲେ । ପ୍ରଳୟର ଚିହ୍ନ ସେତେବେଳ ଯାଏ ଲୁପ୍ତ ହୋଇନାହିଁ । ବେଳେ ବେଳେ ଗର୍ଜନ କରୁଥିଲା ସାଗର ଜଳ, ଗର୍ଜନ କରୁଥିଲା ଊଣପଞ୍ଚାଶ ବାୟୁ । ପ୍ରଳୟର ରୂପ ଦେଖି ବ୍ରହ୍ମା ମଧ୍ୟ ବିଚଳିତ ହୋଇ ପଡ଼ିଥିଲେ । ବୁଦ୍ଧି-ବିପର୍ଯ୍ୟୟ ହେତୁ ଅନ୍ଧକାର ଘନେଇ ଆସିଲା, ସୃଷ୍ଟି ହେଲା ମୋହତାମସ ।

"ଏଇ ମୋର ସୃଷ୍ଟି"···ଆହତ ହେଲା ବ୍ରହ୍ମାଙ୍କର ଅହଙ୍କାର । ଏହି ଅହଙ୍କାରର ଅରୁଣ ରଙ୍ଗରେ ମାଳଲୋହିତ କେତେଗୁଡ଼ିଏ ସ୍ଥୂଳମୂର୍ତ୍ତି ଜନ୍ମଗ୍ରହଣ କଲା । ରାକ୍ଷସଙ୍କ ପରି ସେମାନଙ୍କର କ୍ଷୁଧା-କାମନା, ବିକଟ ଗର୍ଜନ କରି ଆଗେଇ ଆସିଲେ ସେମାନେ । କମଳଯୋନି ସେମାନଙ୍କୁ ଦେଖି ଭ୍ରୂକୁଞ୍ଚିତ କଲେ । ଚକ୍ଷୁ ଆରକ୍ତ ଦେଖାଗଲା, କମଳଦଳ କମ୍ପିତ ହେବାକୁ ଲାଗିଲା । ସହସା ସେହି କୁଟିଳ ଭ୍ରୂକୁଟିରୁ ଉତ୍ପନ୍ନ ହେଲା ଭୋଗ ଇଚ୍ଛାର ପ୍ରତିଘାତରେ ନିଦାରୁଣ ଗୋଟିଏ ରୁଦ୍ରମୂର୍ତ୍ତି—"କ୍ରୋଧ" । ହୁଙ୍କାର ଶବ୍ଦ କରି ସେ ମଧ୍ୟ ଆଗେଇ ଆସିଲା । ପଦ୍ମଗର୍ଭ ପ୍ରମାଦ ଗଣିଲେ ।

ସମଗ୍ର ତାମସୀ ସୃଷ୍ଟି ତାଙ୍କୁ ଆକ୍ରମଣ କରିବାକୁ ଆସୁଛନ୍ତି । କେଉଁଆଡ଼େ ସେ ଯିବେ ?

—ଏଥର ମୋର ଅସ୍ତିତ୍ୱ ଲୋପ ପାଇବ···କହି ଚିତ୍କାର କରି ଉଠିଲେ ସେ । କିନ୍ତୁ ଫଳ ଆହୁରି ଭୟଙ୍କର ହେଲା । କୁମ୍ଭକାୟ ଏକ ବିଶାଳ ମୂର୍ତ୍ତି କରାଳ ଗ୍ରାସ ମେଲାଇ ଗର୍ଜନ କରି ଉଠିଲା । ମୃତ୍ୟୁ···ମୃତ୍ୟୁ···କରୁଣ କ୍ରନ୍ଦନରେ ଭରିଗଲା ତମୋଘନ ସୃଷ୍ଟି···ସନ୍ତ୍ରସ୍ତ ସ୍ୱୟମ୍ଭୂ···ସଭୟରେ ସେ "ରକ୍ଷାକର—ରକ୍ଷାକର" ବୋଲି ଚିତ୍କାର କରିବାକୁ ଲାଗିଲେ । ଏଥର ଶୁଣାଗଲା "ତପ-ତପ" ଧ୍ୱନି ।

କିନ୍ତୁ ଅନ୍ଧକାର ହେତୁ କାହାରିକୁ ଦେଖାଗଲା ନାହିଁ । କମଳ ଆସନରେ ବସି ବିଚଳିତ ହେଲେ କମଳଯୋନି । ନିଜକୁ ବଡ଼ ଅସହାୟ ମନେ କଲେ ସେ । କଣ ସେ ଚାହିଁଥିଲେ···ଘଟିଲା ଏ କଣ ! ଅଦ୍ଭୁତ ସୃଷ୍ଟି ! ସେ ଭାବିଥିଲେ, ସୃଷ୍ଟି ହେବ ସୁନ୍ଦର, ମଧୁର ହସରେ ଭରି ଉଠିବ ଭୂର୍ଲୋକ, ଦ୍ୟୁଲୋକ—ସାମ ଛନ୍ଦରେ ଜାଗି ଉଠିବ ମଙ୍ଗଳଗୀତ ! ଏ ସବୁର ବଦଳରେ ଏହି ଘୋର

ଅନ୍ଧକାର ? ଉଃ, କି ଭୀଷଣ ! ଅଲକ୍ଷରେ ଯେପରି ଆଘାତ କରୁଛନ୍ତି ଲକ୍ଷ ଲକ୍ଷ ନାଗିନୀ ।

ବିଭ୍ରାନ୍ତ କମଳଗର୍ଭ କରୁଣ କଣ୍ଠରେ ପ୍ରଶ୍ନ କଲେ—ଅନ୍ଧକାର ପରିପୂର୍ଣ୍ଣ ମହାଶୂନ୍ୟରୁ କିଏ "ତପ" ଶବ୍ଦ ଉଚ୍ଚାରଣ କଲେ ? କିଏ ଆପଣ···?

ଶବ୍ଦ କମ୍ପନରେ ଉତ୍ତର ହେଲା···ମୁଁ ବିଶ୍ୱାଠ···

—ଅନନ୍ତ, ଅବ୍ୟକ୍ତ ବିଶ୍ୱାଠ ?

—ହଁ, ସମଗ୍ର ସୃଷ୍ଟିର ବୀଜ ମୁଁ···

—ତାହାହେଲେ ମୁଁ କିଏ ?

—ତୁମେ ପ୍ରଜାପତି ବ୍ରହ୍ମା । ମୋର ନାଭିକମଳରୁ ନବ ସୃଷ୍ଟି ଲାଗି ନିଯୁକ୍ତ ହୋଇଛ ତୁମେ । ପ୍ରତି କଳ୍ପରେ, ପ୍ରତି ଯୁଗରେ ସୃଷ୍ଟିର ପୁନର୍ବିକାଶ ହୁଏ । କଳ୍ପାନ୍ତରେ ପ୍ରଳୟ, ପ୍ରଳୟାନ୍ତେ ସୃଷ୍ଟି । ମୋର ଶରୀରରେ ପ୍ରସୁପ୍ତ ପୁରାତନ ସୃଷ୍ଟିକୁ ପ୍ରକାଶ କରିବା ତୁମର କାର୍ଯ୍ୟ ।

କ୍ଷୁବ୍ଧ ସ୍ୱରରେ ବ୍ରହ୍ମା ପଚାରିଲେ—ଅକଲ୍ୟାଣକର ପ୍ରଜା, ଏହା କି ସେହି ପ୍ରକାଶ ?

—ସେ ଦୋଷ ତୁମର । ହେ ବ୍ରହ୍ମନ୍, ବିଚଳିତ ବୁଦ୍ଧି ହେତୁ ଅମଙ୍ଗଳ ସୃଷ୍ଟି କରିଛ ତୁମେ । ତପସ୍ୟାରେ ସଙ୍କଳ୍ପ ସିଦ୍ଧି ଲାଭ କର···ତପସ୍ୟା ମୋର ହୃଦୟ···ତପସ୍ୟା ହେଉଛି କଲ୍ୟାଣ । "ତପ" ଶବ୍ଦରେ ଏହି ଆଦେଶ ମୁଁ ତୁମକୁ ଦେଉଛି । ପବିତ୍ର ଭାବେ ତପସ୍ୟାରେ ଆତ୍ମନିୟୋଗ କର, ନିଶ୍ଚୟ ତୁମେ ସୁ-ସୃଷ୍ଟି କରି ପାରିବ ।

ବ୍ରହ୍ମା ଲଜ୍ଜିତ ହେଲେ । ପ୍ରକୃତରେ ସେ ବୁଦ୍ଧି ହରା ତାମସୀ ସୃଷ୍ଟି କରିଛନ୍ତି । କଲ୍ୟାଣୀ ସୃଷ୍ଟି କାମନାରେ ପୁନର୍ବା

ସେ ତପସ୍ୟାରତ ହେଲେ । ବକ୍ଷିପ୍ତମନ, ସଭୟ ହୃଦୟ— ଘୃଞ୍ଚିଆଡ଼େ ତମସାର ଯବନିକା; ତରଙ୍ଗର ଗମ୍ଭୀର ଗର୍ଜନ । ତଥାପି ସେହି ପରିବେଶ ଭିତରେ କମ୍ପିତ କଣ୍ଠରେ ସେ ପ୍ରାର୍ଥନା କଲେ— ହେ ଦେବ, ମୋହ ବନ୍ଧନ କ୍ଷୟ କର । ଆଲୋକ ଦାନ କର, ସୃଷ୍ଟି ମୋର ସାର୍ଥକ କର ।

ପ୍ରାର୍ଥନା ନିରର୍ଥକ ହେଲା ନାହିଁ । ସହସା ବ୍ରହ୍ମାଙ୍କର ମନେ ହେଲା କେଉଁ ଦୂର ଲୋକରୁ ଧ୍ୱନିତ ହେଉଛି ଯେପରି ଅ-ଭବ ଭବର କମ୍ପନ- ଅ-ଶ୍ରୁତ ଜ୍ୟୋତିଃଛନ୍ଦ । ମନେ ହେଲା, ସୁଦୂରରୁ ସ୍ଫୁରିତ ହେଉଛି ଅସ୍ପଷ୍ଟ ପ୍ରଭା—ତାରକା ପରି ଅସ୍ପଷ୍ଟ । ଅନ୍ଧକାରର ଯବନିକା ଠେଲି ବାହାରି ଆସୁଛି ଗୋଟାଏ ଘୁସ୍ନାପ୍ରତିଯୋଗିନୀ ଦିବ୍ୟ ଜ୍ୟୋତି !

କ୍ରମେ କ୍ରମେ ସ୍ୱଚ୍ଛ ହୋଇଆସିଲା ସେହି ଜ୍ୟୋତି । ଧୀରେ-ଧୀରେ କମଳନୟନ ଉନ୍ମୀଳନ କଲେ କମଳଯୋନି । କି ସୁନ୍ଦର ଦୃଶ୍ୟ ! ତମସାର ପର ପାରରେ କେଉଁ ଜ୍ୟୋତିର୍ମୟ ଆବର୍ତ୍ତ୍ୟ ମଣ୍ଡଳ ମଧ୍ୟରୁ ମୁକ୍ତ ହେଲା ଏହି ଆଲୋକ । ରକ୍ତବର୍ଣ୍ଣ, ନୀଳ, ଶ୍ୱେତ—ଶୁଭ୍ରବରଣ । ସେହି ଦ୍ୟୁତିରେ ଛିନ୍ନଭିନ୍ନ ତିମିର-ଜାଲ, ଝଲମଲ ସାଗର ତରଙ୍ଗ । ପାଣିରେ ଲବଣ୍ୟର ଢେଉ ଖେଳି ମରାଳ ବାହନରେ, ମରାଳ ଛନ୍ଦରେ ଆଗେଇ ଆସୁଛନ୍ତି ଅପୂର୍ବ ଅଭିରାମ ଗୋଟିଏ ସ୍ତ୍ରୀ-ମୂର୍ତ୍ତି···ଶ୍ୱେତ କମଳରେ ସମାସୀନା ସର୍ବଶୁକ୍ଳା ସୁନ୍ଦରୀ ! ସେ ଯେତେ ଆଗେଇ ଆସୁଥାନ୍ତି, ଅନ୍ଧକାର ମିଳାଇ ଯାଉଥାଏ ସେହି ପରିମାଣରେ, ଆନତ ହେଉଥାଏ ଉତ୍ତାଳ ତରଙ୍ଗ ।

ଆନନ୍ଦରେ ରୋମାଞ୍ଚିତ ହେଲେ ବ୍ରହ୍ମା, ବିସ୍ମୟରେ କଣ୍ଠ ତାଙ୍କର ଶୁଷ୍କ ହୋଇଆସିଲା । ମନରେ କେବଳ ଉଦୟ ହେଉଥାଏ କିଏ ଏହି ନାରୀ ?···କିଏ ଏହି ଆଲୋକନନ୍ଦିନୀ ?

ଅନ୍ତରୀକ୍ଷରୁ ଉଚ୍ଚାରିତ ହେଲା—ଅନ୍ଧକାର ଦୁରୀଭୂତ କରି ସେହି ଶତ କମଳରେ ଯିଏ ଉଦୟ ହେଲେ ସେ ହେଉଛନ୍ତି ପରମା ବିଦ୍ୟା । ସବୁ ଆଲୋକର ଆଲୋକମୟୀ, ଜ୍ୟୋତିରୂପା ସାବିତ୍ରୀ । ସୃଜନ ଶକ୍ତିର ସଫିଦ୍ଧି ଏହି ନାରୀ । ତୁମେ ପବିତ୍ର ହୃଦୟରେ ଏହି ସାବିତ୍ରୀ ଦେବୀଙ୍କୁ ଗ୍ରହଣ କର । ତାଙ୍କର ସ୍ପର୍ଶରେ ତୁମର ସୃଷ୍ଟି ଶିବମୟ ହୋଇ ଉଠିବ ।

ସାବିତ୍ରୀ···

ମନ୍ତ୍ରମୁଗ୍ଧ ପରି ଉଠି ଠିଆହେଲେ ବ୍ରହ୍ମା । ମଙ୍ଗଳ-ବାହନରୁ ଓହ୍ଲାଇ ବ୍ରହ୍ମାଙ୍କର ସମ୍ମୁଖରେ ଆସି ଠିଆହେଲେ ଆଲୋକନନ୍ଦିନୀ ।

ଅପରୂପ ରୂପ, ଅପରୂପ ଲାବଣ୍ୟ । ଦୁଗ୍ଧ-ଧୌତ ଶରୀର ଦେଖାଯାଉଥାଏ ଠିକ୍ ଶୁଭ୍ର ମଲ୍ଲିକା ପରି । କୁଞ୍ଚିତ କୁନ୍ତଳରେ ଶୁଦ୍ଧ ସ୍ଫଟିକ ପରି ମୁଖ ଖଣ୍ଡିକ । ସୁବିଶାଳ ସ୍ନିଗ୍ଧ ନୟନ । ସେହି ନୟନ ଦ୍ୱୟରେ କେତେ ପ୍ରେମ, କେତେ ଶାନ୍ତି, କେତେ କରୁଣାର ଧାରା ଭରି ରହିଛି ।

ସ୍ରଷ୍ଟା ବ୍ରହ୍ମାଙ୍କର ମନରେ ବିଦ୍ୟୁତର ତରଙ୍ଗ ପ୍ରବାହିତ ହେଲା । ସେତେବେଳେ ଯାଏ ସୁଧା କ୍ଷୁଧା କାମନାରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ନାହାନ୍ତି । ପାପ କଞ୍ଚୁକରେ ଆବୃତ ଦେହ । ମୋହ ଆସି ଅଲକ୍ଷରେ ଆକ୍ରମଣ କଲା ତାଙ୍କୁ, ମୋହିତ ହେଲେ ସେ । କାମ-କମ୍ପନରେ କମ୍ପିତ ହେଲେ କମଳଯୋନି । ଆଖିରେ ରୂପର ଅଗ୍ନି, ରକ୍ତରେ ଅଗ୍ନିର ଜ୍ୱାଳା । କମ୍ପିତକଣ୍ଠରେ ସେ ପ୍ରଶ୍ନ କଲେ—ତୁମେ ସାବିତ୍ରୀ ?

—ସବିତାର ଦୁହିତା, ମୁଁ ବ୍ରହ୍ମାଙ୍କର ପତ୍ନୀ ।

—ବ୍ରହ୍ମାଙ୍କର ପତ୍ନୀ !

—ହଁ, ସ୍ରଷ୍ଟା ବ୍ରହ୍ମା ମୋର ପତିଦେବ ।

—ମୁ ସେହି ବ୍ରହ୍ମା···

—ତୁମେ ସେହି ?

ସ୍ନିଗ୍ଧ ଲୋଚନରେ ତୀକ୍ଷ୍ଣ ଆଲୋଚନା ଆରକ୍ତ ନେତ୍ରରେ ବ୍ରହ୍ମାଙ୍କ ଆଡ଼େ ଚାହିଁଲେ ଶୁଭ୍ରା-ବରବର୍ଣ୍ଣିମା । ସର୍ବାଙ୍ଗକୁ ତନ୍ନତନ୍ନ କରି ନିରୀକ୍ଷଣ କଲେ ସେ । ପୁଣି କଣ ଭାବି ଦୁଇପଦ ପଛକୁ ଫେରି ଆସିଲେ ।

ଅସ୍ଥିର ହେଲେ ବ୍ରହ୍ମା, ଅଦ୍ଭୁତ ସ୍ୱର-ଉନ୍ମାଦନା । ଆତୁରଙ୍କ ପରି ସେ ହାତ ବଢାଇଲେ, ବିହ୍ୱଳକଣ୍ଠରେ ଡାକଲେ—ସାବିତ୍ରୀ !—

ସହସା ଶୁଭ୍ର ଜ୍ୟୋତ୍ସ୍ନାରେ ମେଘର ସଂଚାର ହେଲା । ଗଭୀର ବିଷାଦରେ ମୁହିଁଟି ଶୁଖିଗଲା । ସକରୁଣ କମଳନୟନ । ଅଶ୍ରୁରୁଦ୍ଧ କଣ୍ଠରେ କହିଲେ ଶ୍ୱେତବରଣୀ—ନା-ନା, ତୁମେ ବ୍ରହ୍ମା ନୁହଁ । କଲ୍ୟାଣ ମିତ୍ର କମଳଗର୍ଭ ବ୍ରହ୍ମା କମନାର ଦାସ ନୁହନ୍ତି ।

ସବିତା-ଦୁହିତା ପଛକୁ ଫେରିବାକୁ ଲାଗିଥାନ୍ତି—ପାଗଳ ପରି ତାଙ୍କ ଆଡ଼େ ଆଗେଇ ଆସୁଥାନ୍ତି ବ୍ରହ୍ମା, କିନ୍ତୁ ଆସନରୁ ପାଦ ବାହାରକୁ ଆସୁନଥାଏ । ଅନୁଭୂତିହୀନ ଚରଣ ଯୁଗଳର ସ୍ତମ୍ଭିତ ଗତି । ବ୍ୟାକୁଳଭାବେ ହାତ ବଢ଼ାଇ କେବଳ ଅନୁନୟ ସ୍ୱରରେ ସେ କହିଲେ—ଫେରି ଆସ, ଫେରି ଚାହିଁ ସାବିତ୍ରୀ !

ଫେରିବାର କୌଣସି ଲକ୍ଷଣ ଦେଖାଗଲା ନାହିଁ । ଦୂରରେ—କ୍ରମଶ ଦୂରକୁ ଚାଲିଯାଉଥାଏ ଆଲୋକର ଆଲୋକ । ମାଡ଼ିଆସୁଥାଏ ଅନ୍ଧକାରର ଯବନିକା । ନିବିଡ଼ ଅନ୍ଧକାରରେ ବାସୁକୀ ପରି ଫଣା ଟେକି ଗର୍ଜନ କରୁଥାଏ ଉତ୍ତାଳ ତରଙ୍ଗ । ଆନନ୍ଦରେ ନୃତ୍ୟ କରୁଥାନ୍ତି ଦାନବ ଦାନବୀ । ଭୈରବ ରବରେ ହୁଙ୍କାର କରୁଥାଏ

ପ୍ରମତ୍ତ ପବନ । ଭୀଷଣ କଲରବରେ ଜାଗି ଉଠେ ତାମସୀ ସୃଷ୍ଟିର ବିଭୀଷିକା ।

ନୈରାଶ୍ୟ, କ୍ଷୋଭ, ଦୁଃଖ, ଉନ୍ମାଦନାରେ କ୍ରନ୍ଦନ କରିବାକୁ ଲାଗିଲେ ବ୍ରହ୍ମା—ସାବିତ୍ରୀ ··· ସାବିତ୍ରୀ···

ଉତ୍ତାଳ ସାଗର ତରଙ୍ଗରେ ମୋହ-ମଦ-କ୍ରୋଧର ବିପୁଳ ଗର୍ଜନ । ବ୍ରହ୍ମାଙ୍କ ଆକୁଳ କଣ୍ଠସ୍ୱର, ଶୂନ୍ୟରେ ମିଳାଇଗଲା । ଶୁଣାଯାଉଥାଏ କେବଳ ଶୂନ୍ୟ ପ୍ରତିଧ୍ୱନି, ସାବିତ୍ରୀ···ସାବିତ୍ରୀ ···

ଅନ୍ତରୀକ୍ଷରୁ ଧ୍ୱନିତ ହେଲା କଠିନ ତିରସ୍କାର—ହେ କାମ-ମୋହିତ ବ୍ରହ୍ମା, ଏ କଣ କଲ ତୁମେ ! ଅଖିଳ ଲୋକ ପ୍ରକାଶିତା ଶୁଦ୍ଧ ବିଦ୍ୟାକୁ ଅନ୍ଧ କାମନାରେ ଦୂରକୁ ଠେଲି ଦେଲ ତୁମେ ! ସବିତୃମଣ୍ଡଳର ବରଣୀୟ ଦ୍ୟୁତି—ଜ୍ଞାନ-ସମ୍ଭୂତ, ସେ କଣ କାମନାର ଦାସୀ ହୋଇପାରନ୍ତି ?—

···ତାଙ୍କୁ ଫେରାଇ ଆଣିବା ଶକ୍ତି ଏ ଜଗତରେ କାହାରି ନାହିଁ । ସେ ହେଉଛନ୍ତି ମହାଶକ୍ତି । ସ୍ୱେଚ୍ଛାରେ ସେ ଅବ ହୁଅନ୍ତି । ଶୁଦ୍ଧ ସତ୍ତ୍ୱ ସାଧକର ବିଶୁଦ୍ଧ ସାଧନାରେ ଏହି ସା ଛନ୍ଦର ଅବତରଣ ଘଟେ । ଅଶୁଚି ତୁମର ତନୁ···ଏ ତନ ତ୍ୟାଗ କର, ଅନ୍ତର ତୁମର ପବିତ୍ର କର— ମହାଦେବୀଙ୍କୁ ତୁଷ୍ଟ କର ।

ବିରାଟ କଣ୍ଠସ୍ୱର ମହାଶୂନ୍ୟରେ ମିଳାଇଗଲା ସ୍ରଷ୍ଟା ମସ୍ତକ ଅବନତ କଲେ । ସୁଦୃଢ଼ ପ୍ରତିଜ୍ଞ ସାଧନାରେ ବସିଲେ ।

କଠିନ ତପ, ସୁକଠିନ ନିୟମ, ସମ୍ବତ୍ସର କଲେ କମଳଯୋନି । ରକ୍ତପ୍ରବାଳ ପରି ବିଶୁଦ୍ଧ ସ୍ତବ କରୁ କରୁ କହିଲେ— ଦେବି, କାମ-ମୋ

haran
Patnaik,
tack-2

ମୁଁ ତୁମକୁ ଅପମାନ କରିଛି, ତୁମେ ମୋତେ କ୍ଷମା କର । ତୁମେ କ୍ଷମା, ତୁଷ୍ଟି, ମେଧା, ବିଦ୍ୟା, ଜ୍ଞାନ,—ତୁମେ ଅଖିଳ ଗାଥା, ଅଖିଳ ବେଦ । ହେ କଲ୍ୟାଣୀ ! ମଙ୍ଗଳ ସୃଷ୍ଟି ସାଧନରେ ତୁମେ ମୋତେ ସାହାଯ୍ୟ କର ।

ଏକଧ୍ୟାନରେ ସେ ଉଚ୍ଚାରଣ କରୁଥାନ୍ତି—"ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ । ମୃତ୍ୟୋର୍ମାମମୃତଂ ଗମୟ..."

ଏଥର ନିଜର ଶରୀରରେ ଛନ୍ଦ କମ୍ପନ ଅନୁଭବ କଲେ ବ୍ରହ୍ମା, ରମଣୀୟ ଛନ୍ଦର ସ୍ପନ୍ଦନ ଅନୁଭବ କଲେ ସେ । ପୁନର୍ବାର ନଇଁ ଆସିଲା ସେହି ଦିବ୍ୟଜ୍ୟୋତି, ସେହି ରୂପ—ସେହି ଶୁକ୍ଳା କାନ୍ତି । ହଠାତ୍ ମନେହେଲା, ସର୍ବଶୁକ୍ଳା ଯେପରି ଘନ ନୀଳବରଣ ଧାରଣ କଲେ । ସୁନୀଳ ତରଙ୍ଗରେ ଚରଣ ଦୁଇଟି ରଖି ଆସୁଛନ୍ତି ଇନ୍ଦୀବରକାନ୍ତି ଇନ୍ଦ୍ରନୀଳମଣି । ନୀଳ ଚକ୍ଷୁରେ ନୀଳ ଆବେଶ ।

ଜ୍ୟୋତି ନିକଟେଇ ଆସିଲାରୁ ଚମକି ଉଠିଲେ ବ୍ରହ୍ମା । କିଏ ? ଶୁକ୍ଳା ମୂର୍ତ୍ତି ନୁହେଁ, ନୀଳଇନ୍ଦୀବର କାନ୍ତି ମଧ୍ୟ ତାଙ୍କ—ରକ୍ତବସ୍ତ୍ରାନୁଲେପନା, ଆରକ୍ତ କପାଳ କପୋଳ, ତାହାଙ୍କ ପରିଧାନା, କୋଟି ଲକ୍ଷାରସ ପରି ଅରୁଣ ଜ୍ୟୋତିରୂପା ଗତି । ବିସ୍ମୟରେ ବ୍ରହ୍ମା ପ୍ରଶ୍ନ କଲେ—କିଏ ତୁମେ ?...କିଏ ସେ କହିଲେ

ଫେରିହସି ସେହି ମୂର୍ତ୍ତି ଉତ୍ତର ଦେଲେ—ସୃଷ୍ଟିର ବିକ୍ରମଣ ଦୂରକୁ ସହାୟିକା ବ୍ରହ୍ମାଣୀ ମୁଁ, ରଜୋଦ୍ଦ୍ୟୁତି ସାବିତ୍ରୀ । ଅନ୍ଧକାରର ନା ସାବିତ୍ରୀ ?

ଚାଳ ଗର୍ଜନ ! ସୃଷ୍ଟିର ସଙ୍କଳ୍ପରେ ମୁଁ ରକ୍ତାଭ...ବିମୂର୍ତ୍ତି କରୁଥାନ୍ତି ଦା,

ଧୀରେ ଧୀରେ ପାଖରେ ଆସି ଠିଆ ହେଲେ କୁସୁମ୍ଭ-ଧରକା ଦେବୀ—ସୃଷ୍ଟିର ସାବଜୀ ।

ସ୍ନିଗ୍ଧ କରଣ ସମ୍ପାତରେ ସୃଷ୍ଟିର ରକ୍ତକମଳ ଝଲମଲ ହୋଇ ଉଠିଲା । କମଳ-କର୍ଣ୍ଣିକାରେ ହଂସ-ହଂସୀ ପର ବ୍ରହ୍ମା ଓ ବ୍ରହ୍ମାଣୀ । ଉଭୟଙ୍କର ଶରୀରର ପ୍ରାନ୍ତରୁ ଦେଖୁ ଦେଖୁ ସୃଷ୍ଟି ହେଲା ସୁହବ୍ୟ ଚନ୍ଦ୍ରମାଳା । ମାଳାଟିରେ ଗୁନ୍ଥା ହୋଇଥାଏ ହୀରକ ପୁଷ୍ପରାଗ, ହବେକ, କ୍ଷମା — ମିବ, ଶାନ୍ତି, ସୁମନ୍ତ । ସେହି ସାବଜୀ -ଚନ୍ଦ୍ର ପ୍ରଦକ୍ଷିଣ କରି ମଧୁର ଲୟ ଓ ସୁତାନରେ ଗାନ ଆରମ୍ଭ କଲେ—ଋଗ୍‌ବେଦ, ସପ୍ତ ଛନ୍ଦ, ଛତିଶ ରାଗିଣୀ ।

ସାଗର-ଲହରୀ ଶାନ୍ତ ହୋଇ ଆସିଥାଏ । ମନ୍ତ୍ରବଳରେ ମସ୍ତକ ଅବନତ କରିଛୁ ଯେପରି ଉଦ୍ୟତ-ଫଣା ଭୁଜଙ୍ଗ ଦଳ । ତାମସୀ ସୃଷ୍ଟିର ବିଭୀଷିକା କେଉଁଆଡ଼େ ଅନ୍ତର୍ହିତ ହୋଇଥାଏ ସେତେବେଳେ ।

* ଶ୍ରୀମଦ୍‌ଭାଗବତ, ୨ୟସ୍କନ୍ଧ, ପ୍ରଥମ ଅଧ୍ୟାୟ
ଏୟସ୍କନ୍ଧ, ୧୨ଶ, ଅଧ୍ୟାୟ
ଦେବୀ ଭାଗବତ, ୯ମସ୍କନ୍ଧ, ୨୬ ଅଧ୍ୟାୟ

---

Edited by Anilkumar & Kanhucharan
Printed & published by Kanhncharan Patnaik,
Annapurna Press, Alisabazar, Cuttack-2